## ସଂକ୍ଷେପରେ

### ଓଁମ ସାଇ ପବ୍ଲିକ ସ୍କୁଲର ଅଷ୍ଟମ ବାର୍ଷିକ ଉତ୍ସବ

**ଖଡ଼ିଆଲ,୩୦।୩(ଡି.ଏନ.ଏ.):** ନୂଆପଡ଼ା ଜିଲା ଖଡ଼ିଆଲ ସହରସ୍ଥିତ ଅଗ୍ରସେନ ଭବନ ପରିସରରେ ଖଡ଼ିଆଲ ଓଁମ ସାଇ ପବ୍ଲିକ ସ୍କୁଲର ଅଷ୍ଟମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପବ୍ଲିକ ସ୍କୁଲର ନିର୍ଦ୍ଦେଶକ ଅନିଲ କୁମାର ମେହେର ଅଧକ୍ଷତା କରିଥିବା ବେଳେ ମୁଖ୍ୟଅତିଥି ଭାବେ ଖଡ଼ିଆଲ ବ୍ଲକ ଅଧକ୍ଷା ପୁଷ୍ପାଞ୍ଜଳି ନନ୍ଦ, ସମ୍ମାନିତ ଅତିଥି ଭାବେ ନୂଆପଡା ଜିଲା ବିଜେଡି ସାଧାରଣ ସମ୍ପାଦକ ଲମ୍ବୋଦର ନିଆଲ, ମାୟାଧର ସରାଫ, ମୁଖ୍ୟବକ୍ତା ଭାବେ ଅଧାପକ ସାମୁଏଲ ଦାନୀ ଯୋଗଦାନ କରିଥିଲେ। ସ୍କୁଲ ଅଧକ୍ଷ କ୍ଷିରୋଦ ବିଶି ବିଦ୍ୟାଳୟ ବାର୍ଷିକ ବିବରଣୀ ପାଠ କରିଥିଲେ। କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ଚିତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

### ଷୋହଳ ପ୍ରହର ନାମଯଜ୍ଞ ପାଇଁ କଳସଯାତ୍ରା

**କେସିଙ୍ଗା,୩୦।୩(ଡି.ଏନ.ଏ.):** କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ଅଧୀନସ୍ଥ ବାଲସି ଶ୍ରୀଜଗନ୍ନାଥ ମନ୍ଦିରପଡା ପକ୍ଷରୁ ଷୋହଳ ପ୍ରହର ନାମଯଜ୍ଞ ପାଇଁ ମହିଳା ଓ ଯୁବତୀଙ୍କ ବିରାଟ କଳସ ଯାତ୍ରା ଗୁରୁବାର ଅନୁଷ୍ଠିତ ହୋଇଥିଲା। ବାଲସି ଶ୍ରୀଜଗନ୍ନାଥ ମନ୍ଦିରଠାରୁ ତାରିଣୀ ଛକ ଦେଇ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ, ମଝିପଡା ଦେଇ ଗ୍ରାମ ପରିକ୍ରମା କରାଥିଲା। ଷୋହଳ ପ୍ରହର ନାମଯଜ୍ଞ ଓ ଅଧିବାସ ପାଇଁ ଗ୍ରାମ ନିକଟସ୍ଥ ପୋଖରୀକୁ ଯାଇ କଳସରେ ଜଳ ଭରି ଶ୍ରୀଜଗନ୍ନାଥ ମନ୍ଦିରର ପ୍ରହର ମଣ୍ଡପରେ କଳସ ସ୍ଥାପନ କରାଯାଇଥିଲା। ଶୁକ୍ରବାର ସକାଳେ ନାମାରମ୍ଭ ହୋଇ ଆସନ୍ତା ୨ ତାରିଖରେ ପୂର୍ଣ୍ଣାହୁତି ହେବା କାର୍ଯ୍ୟକ୍ରମ ରହିଛି।

### ଶ୍ରୀରାମ ଜୟନ୍ତୀ ପାଳିତ

**ଖଡ଼ିଆଲ,୩୦।୩(ଡି.ଏନ.ଏ.):** ନୂଆପଡ଼ା ଜିଲା ଖଡ଼ିଆଲ ସହରରେ ଶ୍ରୀ ରାମଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଶ୍ରୀରାମଙ୍କ ଜୟ ଧନିରେ ଖଡ଼ିଆଲ ସହର ପ୍ରକମ୍ପିତ ହୋଇ ଉଠିଥିଲା। ଅନେକେ ଘରେ ଶ୍ରୀ ରାମଙ୍କ ଶୋଭା ଯାତ୍ରାକୁ ଧୂପଦୀପ ପୁଷ୍ପ ତଥା ଘର ସମ୍ମୁଖରେ ସୁନ୍ଦର ସୁନ୍ଦର ଝୋଟି କରି ପୂଜା ଅର୍ପଣ କରିଥିଲେ। ଏହି ଶୋଭା ଯାତ୍ରାରେରେ ଖଡ଼ିଆଲବାସୀ ବାହାରିଥିବା ବେଳେ ଘଣ୍ଟା ବାଦ୍ୟ, ଘୁମୁରା, କୀର୍ତ୍ତନ, ଡିଜେ ସାଉଣ୍ଡରେ ବିଭୋର ହୋଇ ନାଚି ଉଠିଥିଲେ। ସନ୍ଧ୍ୟାରେ ଏହି ଶୋଭାଯାତ୍ରା ନଗର ପରିକ୍ରମା କରି ଶ୍ରୀ ରାମଙ୍କ ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ଏଥିରେ ଖଡ଼ିଆଲ ନଗରପାଳ ଉଜ୍ଜଳ ଗୁପ୍ତା, ପୃଥ୍ୱିରଜ ମହାନ୍ତି, ସଞ୍ଜୟ ତିୱାରୀ, ପ୍ରବୀଣ ପଟ୍ଟନାୟକ, ଅମ୍ବିକା ତ୍ରିବେଦି, ମନିଶ ବଂଶଲ, ଦେବେଶ ହୋତା, କପୂର୍ ଚନ ଛାତ୍ରୀୟ, ସୁରେନ ଶର୍ମା, ଛବିଲାଲ ଦୀପ, ବିକାଶ ଠାକୁର, ସୁରେଶ କୁମାର ଦଣ୍ଡସେନା, ଅଶୋକ କୁମାର, ମନୋଜ ଅଗ୍ରୱାଲଙ୍କ ସମେତ ହଜାର ହଜାର ଜନ ସାଧାରଣ ଉପସ୍ଥିତ ରହିଥିଲେ।

# ୬୯ ବର୍ଷ ହେଲା ଭଡ଼ାଘରେ ପଞ୍ଚାୟତ କାର୍ଯ୍ୟାଳୟ

**ଲାଞ୍ଜିଗଡ଼,୩୦।୩(ଡି.ଏନ.ଏ.)**

## ଲାଞ୍ଜିଗଡ଼ ପଞ୍ଚାୟତ କାର୍ଯ୍ୟାଳୟ

- ବ୍ଲକ ପ୍ରଶାସନର ଅଣଦେଖା ଅଭିଯୋଗ
- ଦିନରେ ଅବ୍ୟବସ୍ଥା, ରାତିରେ ମଦୁଆଙ୍କ ଆଡାସ୍ଥଳୀ



କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ଲାଞ୍ଜିଗଡ଼ ପଞ୍ଚାୟତ କାର୍ଯ୍ୟାଳୟ ୬୯ ବର୍ଷ ହେଲା ଭଡ଼ାଘରେ ଚାଲିଛି। ଆଜିପର୍ଯ୍ୟନ୍ତ ପଞ୍ଚାୟତର ନିଜସ୍ୱ ଘର ନ ଥିବାରୁ ଲାଞ୍ଜିଗଡ଼ ସମବାୟ ସମିତି ଅଫିସ କାର୍ଯ୍ୟାଳୟରେ ଚାଲୁଥିବାରୁ ଅଞ୍ଚଳବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ୧୯୫୬ ଜୁନ ୩୦ରେ ପଞ୍ଚାୟତ କାର୍ଯ୍ୟାଳୟ ଲାଞ୍ଜିଗଡବାସୀ ଅସ୍ଥାୟୀ ଭାବେ ସର୍ବପ୍ରଥମେ ଯୁଜେଷ୍ଠିର ପୂଜାରୀଙ୍କୁ ଲାଞ୍ଜିଗଡ ସରପଞ୍ଚ ଭାବେ ମନୋନୀତ କରିଥିଲେ। ଇତି ମଧ୍ୟରେ ୬୯ ବର୍ଷ ବିତିଯାଇଥିବା ବେଳେ ଆଜି ପର୍ଯ୍ୟନ୍ତ ୨୨ ସରପଞ୍ଚ ଆସି ଚାଲି ଯାଇଥିବା ବେଳେ ଆଜି ପର୍ଯ୍ୟନ୍ତ ପଞ୍ଚାୟତ ଗୃହ ନିର୍ମାଣ ନ ହେବା ସ୍ଥାନୀୟ ଲୋକେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏ ନେଇ ଲାଞ୍ଜିଗଡବାସୀ ବାରମ୍ବାର ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ରାଜ୍ୟ ସରକାର ଜିଲାର ବିଭିନ୍ନ ସ୍ଥାନରେ ପଞ୍ଚାୟତ ଅଫିସ ପାଇଁ ନୂତନ କୋଠା ନିର୍ମାଣ କରୁଥିଲେ ମଧ୍ୟ ବ୍ଲକ ପ୍ରଶାସନର ଲାଞ୍ଜିଗଡ଼ ପ୍ରତି ଅଣଦେଖା କରାଯିବାକୁ ଲୋକେ ନାପସନ୍ଦ କରିଛନ୍ତି। ପଞ୍ଚାୟତର ନିଜସ୍ୱ ଗୃହ ନ ଥିବାରୁ ଏହି ଅସ୍ଥାୟୀ ପଞ୍ଚାୟତରେ ବୈଠକ ମଧ୍ୟ ହୋଇପାରୁନାହିଁ। ଫଳରେ ପଞ୍ଚାୟତ ଅଧୀନରେ ଥିବା ବିଭିନ୍ନ ବିଭାଗ କର୍ମଚାରୀ ଆସି ଘଣ୍ଟା ଘଣ୍ଟା ଠିଆ ହୋଇ ରହିଥାନ୍ତି। ଏହିଗୃହକୁ ୬୯ ବର୍ଷ ବିତିଯାଇଥିବା ବେଳେ ଏହା ଭଙ୍ଗା ଦଦରା ହୋଇ ବିପଦସଙ୍କୁଳ ଅବସ୍ଥାରେ ରହିଛି। ଲାଞ୍ଜିଗଡ ନାମରେ ରହିଥିବା ଆଦର୍ଶ ସ୍କୁଲ, ବ୍ଲକ ଅଫିସ, ତହସିଲ ଅଫିସକୁ ରାଜନେତାମାନେ ଚାପ ପ୍ରୟୋଗ କରି ବିଶ୍ୱନାଥପୁରଠାରେ ବର୍ତ୍ତମାନ କାର୍ଯ୍ୟ ଚାଲୁଥିବା ବେଳେ ଏକ ଶିଳ୍ପାଞ୍ଚଳ ଲାଞ୍ଜିଗଡଠାରେ ପଞ୍ଚାୟତ ଅଫିସ ଘରଟିଏ ହୋଇପାରୁନାହିଁ। ଫଳରେ ବିଭିନ୍ନ ଉନ୍ନତିମୂଳକ କାମ ହୋଇପାରୁନାହିଁ। ପଞ୍ଚାୟତ କାର୍ଯ୍ୟାଳୟର ଅତିଶୀଘ୍ର ଏହାର ସ୍ଥାୟୀ ସମାଧାନ ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ପଞ୍ଚାୟତ କାର୍ଯ୍ୟାଳୟ ଭଡାରେ ଚାଲୁଥିବା ନେଇ ଲାଞ୍ଜିଗଡ଼ ସମବାୟ ସମିତି କର୍ତ୍ତୃପକ୍ଷଙ୍କୁ ପଚାରିବାରୁ ଆମେ ପଞ୍ଚାୟତ ଅଫିସ ପାଇଁ ଘର ଦେଇଛୁ, କିନ୍ତୁ ସେମାନଙ୍କଠାରୁ କୌଣସି ଭଡା ନିଆଯାଉନାହିଁ। ପଞ୍ଚାୟତ ଘର ନିର୍ମାଣ ହେଲେ ଆମେ ସମବାୟ ସମିତିର ଏହି ଗୃହ ଛାଡ଼ିଦେବୁ ବୋଲି ପଞ୍ଚାୟତ କର୍ତ୍ତୃପକ୍ଷ କହିଛନ୍ତି ବୋଲି ସମବାୟ ସମିତି କର୍ମଚାରୀମାନେ ପ୍ରକାଶ କରିଛନ୍ତି। ଯେଉଁଠାରେ ପଞ୍ଚାୟତ ଅଫିସ ଚାଲିଛି ସେହି ଗୃହରେ ମଧ୍ୟ ପାଚିରୀ ଭାଙ୍ଗି ଯାଇଥିବା ବେଳେ ଗେଟ ମଧ୍ୟ ନାହିଁ। ଫଳରେ ଗୋରୁ ଗାଈ ସହିତ ରାତିରେ ମଦୁଆଙ୍କ ଆଡ୍ଡାସ୍ଥଳି ପାଲଟି ଥିବାବେଳେ ମଦ ବୋତଲ ସହିତ ଅଳିଆ ଆବର୍ଜନାରେ ଅଫିସ ଚାରି ପାର୍ଶ୍ୱ ଭରି ରହିଥିବା ଦେଖିବାକୁ ମିଳିଛି। ପଞ୍ଚାୟତ କାର୍ଯ୍ୟାଳୟ କେବେ ହେବ ତାହାର ନିର୍ଦ୍ଦିଷ୍ଟ ସୂଚନା ମିଳି ପାରିନାହିଁ। ଏହାକୁ ନେଇ ଅତିଶୀଘ୍ର ଲାଞ୍ଜିଗଡ ପଞ୍ଚାୟତବାସୀ ରାଜରାସ୍ତାକୁ ଓହ୍ଲାଇବୁ ବୋଲି ଚେତାବନୀ ଦେଇଛନ୍ତି।

# ଯକ୍ଷ୍ମା ନିରାକରଣ ସଚେତନତା କାର୍ଯ୍ୟକ୍ରମ



ପଥପ୍ରାନ୍ତ ନାଟକ ମାଧ୍ୟମରେ ଯକ୍ଷ୍ମାରୋଗ ରୋଗ ଉପରେ ସଚେତନ କରାଯାଉଛି।

**ସିନାପାଲି,୩୦।୩(ଡି.ଏନ.ଏ.)**

ନୂଆପଡ଼ା ଜିଲା ସ୍ୱାସ୍ଥ୍ୟ ସମିତି ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନ ୟାର ପଦ୍ମପୁର ଆନୁକୂଲ୍ୟରେ ଯକ୍ଷ୍ମା ଉପରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସିନାପାଲି ବ୍ଲକ ଉପାନ୍ତ ଘାଟମାଲ ପଞ୍ଚାୟତ ଅନ୍ତର୍ଗତ ଧାଙ୍ଗରୀଟାଳ, ଯୋଗଭଟା, ପଣ୍ଡରିପାଣି ଏବଂ ନଙ୍ଗଲବୋଡ଼ ପଞ୍ଚାୟତର ବିଭିନ୍ନ ସ୍ଥାନରେ ପଥପ୍ରାନ୍ତ ସାମାଜିକ ନାଟକ ମାଧ୍ୟମରେ ଯକ୍ଷ୍ମା ଉପରେ ଆଧାରିତ ନାଟକ ପରିବେଷଣ କରି ସଚେତନ କରାଯାଇଥିଲା। ଉକ୍ତ ନାଟକ ଖଡ଼ିଆଳ ସାଂସ୍କୃତିକ ଅନୁଷ୍ଠାନ କଳାକାରମାନଙ୍କ ପକ୍ଷରୁ ମଞ୍ଚସ୍ଥ ହୋଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ୟାର ଅନୁଷ୍ଠାନ ସଭାପତି ମହେନ୍ଦ୍ର ଯୋଷୀ ଓ ସମ୍ପାଦକ ହରିଦାସ ପଟେଲ ସହଯୋଗ କରିଥିଲେ। କାର୍ଯ୍ୟକ୍ରମରେ ସ୍ଥାନୀୟ ଅଶାକର୍ମୀ, ଅଙ୍ଗନୱାଡ଼ି, ପୁରୁଷ ମହିଳା ସମସ୍ତେ ସାମିଲ ରହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଓ ବିଷୟବସ୍ତୁ ଉପରେ ଅବଗତ ହୋଇ ସଚେତନ ପାଇଁ ଶପଥ ନେଇଥିଲେ। ୟାର ଅନୁଷ୍ଠାନ କର୍ମୀ ସଞ୍ଜୀବ ନାରାୟଣ ପଣ୍ଡା ଲୋକଙ୍କୁ ଯକ୍ଷ୍ମା ରୋଗ ବିନାଶ ନେଇ ପରାମର୍ଶ ଦେବା ସହ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅନୁଷ୍ଠାନ କର୍ମୀ ଗୋଲକ ବିହାରୀ ପାଣିଗ୍ରାହୀ, ପ୍ରବୀଣ ପଟେଲ, ଗେମେ ମାଝି, ସାବିତ୍ରୀ ମାଝି, ଗୋଲାପୀ ମାଝି, ଫର୍ମାସିଷ୍ଟ ନିହାର ରଞ୍ଜନ ବରାଳ, ରୋହିତ ନାଏକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ପଞ୍ଚାୟତସ୍ତରୀୟ ସମବାୟ ବ୍ୟାଙ୍କିଙ୍ଗ୍ ସେବା, ଋଣ କର୍ମଶାଳା



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

**କେସିଙ୍ଗା ,୩୦।୩(ଡି.ଏନ.ଏ.)**

କଳାହାଣ୍ଡି ଜିଲା କେସିଙ୍ଗା ଆରଏମସି ସଭାଗୃହଠାରେ ପଞ୍ଚାୟତସ୍ତରୀୟ ସମବାୟ ବ୍ୟାଙ୍କିଙ୍ଗ ସେ ଓ ଋଣ କର୍ମଶାଳା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। କେସିଙ୍ଗା ସମବାୟ ସମିତି ସଭାପତି ସନ୍ତୋଷ ଶର୍ମାଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ଭାବେ ରାଜ୍ୟ ସମବାୟ ବ୍ୟାଙ୍କ ନିର୍ଦ୍ଦେଶକ ଜିତେନ୍ଦ୍ର ନାରାୟଣ ସିଂଦେଓ, ବିଶିଷ୍ଟ ଅତିଥି ଭାବେ କଳାହାଣ୍ଡି ଜିଲା ପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର ସିଂଦେଓ, ବ୍ଲକ ଅଧ୍ୟକ୍ଷ ଚନ୍ଦନ କୁମାର ସେନାପତି, ଏନଏସି ଅଧ୍ୟକ୍ଷ ନୃପରାଜ ଯାଦବ, କେସିଙ୍ଗା ବାର ଆସୋସିଏଶନ ସଭାପତି ପ୍ରକାଶ କୁମାର ଦାସ, ଡିଆରସିଏସ ପ୍ରମୋଦ ସାହୁ, ଦାଦପୁର ସମବାୟ ସମିତି ସଭାପତି ଟିକେଲାଲ ସାହୁ, ଏସଆରସିଏସ ସୁରେନ୍ଦ୍ର ମାଝି, କେସିଙ୍ଗା ସମବାୟ ସମିତି ଉପସଭାପତି ମମତା ସୁନାନୀ ଯୋଗଦେଇ ରାଜ୍ୟ ସରକାର ଚାଷୀଙ୍କ ପାଇଁ ବିଭିନ୍ନ ଯୋଜନା ବିଷୟରେ ଆଲୋକପାତ କରିଥିଲେ। ରାଜ୍ୟ ସରକାର ଚାଷୀଙ୍କ ସୁବିଧା ପାଇଁ ଏକ ଲକ୍ଷ ଟଙ୍କା ଏକ ବର୍ଷ ପାଇଁ ବିନା ସୁଧରେ ଋଣ ସମବାୟ ସମିତି ମାଧ୍ୟମରେ ଦେଉଥିବା ବେଳେ ଦୁଇ ପ୍ରତିଶତରେ ୩ ଲକ୍ଷ ପର୍ଯ୍ୟନ୍ତ ଋଣ ଦେଉଛନ୍ତି। ହେଲେ ଚାଷୀମାନେ ଠିକ ଭାବେ ଏହି ସୁବିଧା ଉଠାଇ ପାରୁନାହାନ୍ତି ଏବଂ ସାହୁକାର ଓ ବିଭିନ୍ନ ସେଲ୍ଫହେଲ୍ପ ଗୃପ ହାବୁଡ଼ରେ ପଡି ସର୍ବସାନ୍ତ ହେଉଛନ୍ତି ବୋଲି ବକ୍ତାମାନେ ମତ ରଖିଥିଲେ। କେସିଙ୍ଗା ସମବାୟ ସମିତିରେ ୩ ହଜାର ୪ ଶହ ସଭ୍ୟ ଅଛନ୍ତି, ହେଲେ ମାତ୍ର ୭ଶହ ସଭ୍ୟ ଋଣ କାରବାର କରୁଛନ୍ତି ଏବଂ ସେଥିରୁ ଅନେକ ସଭ୍ୟ ଋଣ ପରିଶୋଧ କରୁ ନ ଥିବାରୁ ଏହି ସୁବିଧାରୁ ବଞ୍ଚିତ ହେଉଛନ୍ତି। ଆପଣମାନେ ଆସନ୍ତୁ ଋଣ ପରିଶୋଧ କରନ୍ତୁ ଓ ସରକାରଙ୍କ ଏହି ଯୋଜନାର ଲାଭ ଉଠାନ୍ତୁ ବୋଲି ସଭାପତି ଶର୍ମା କହିଥିଲେ। କାର୍ଯ୍ୟକ୍ରମ ସୁଶାନ୍ତ କୁମାର ମହାପାତ୍ର ମଞ୍ଚ ପରିଚାଳନା କରିଥିବା ବେଳେ ଦୟାନିଧି ସୁନାନୀ ଧନ୍ୟବାଦ ଅର୍ପଣ କରିଥିଲେ। କର୍ମଶାଳାରେ କେସିଙ୍ଗା ସମବାୟ ସମିତିର ଅନେକ ସଭ୍ୟ ଓ ଚାଷୀ ଯୋଗଦେଇଥିଲେ।

# ପାନୀୟ ନିଗମର ଅଧ୍ୟକ୍ଷଙ୍କ ପିତୃ ବିୟୋଗ

**ଲୋଇସିଂହା,୩୦।୩(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ହୀରାପୁର ପଞ୍ଚାୟତ ଅନ୍ତର୍ଗତ ମାଣ୍ଡିଆପଦର ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ ତଥା ଜିଲାର ଜଣାଶୁଣା ଜ୍ୟୋର୍ତିବିଦ ଧନୁର୍ଦ୍ଧର ଷଡଙ୍ଗୀ (୮୯)ଙ୍କ ବୁଧବାର ପରଲୋକ ଘଟିଛି। ସ୍ୱର୍ଗତ ଷଡଙ୍ଗୀ ହେଉଛନ୍ତି ଓଡିଶା ପାନୀୟ ନିଗମର ଅଧ୍ୟକ୍ଷ ପ୍ରସନ୍ନ ଷଡଙ୍ଗୀଙ୍କ ବାପା। ମୃତ୍ୟୁଶଯ୍ୟା ନିକଟରେ ସ୍ତ୍ରୀ ଗୋପେଶ୍ୱରୀ, ୬ ପୁଅ ବୋହୁ, ୨ ଝିଅ ଜ୍ୱାଇଁ, ନାତିନାତୁଣୀ ଓ ସମ୍ପର୍କୀୟ ଉପସ୍ଥିତ ଥିଲେ। ଗାଁ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇ୍ଯାଇଛି। ବ ଡ ପୁ ଅ ପ୍ରସନ୍ନ ମୁଖାଗ୍ନି ଦେଇଥିଲେ। ଧନୁର୍ଦ୍ଧର ଶିକ୍ଷକତା କରି ୧୯୯୬ରେ ସୁବର୍ଣ୍ଣପୁର ଜିଲା ବଡ ନୁଆଁପାଲି ସ୍କୁଲରୁ ଅବସର ଗ୍ରହଣ କରିଥିଲେ। ବାର୍ଦ୍ଧକ୍ୟ ଯୋଗୁ ସେ ଶଯ୍ୟାଶାୟୀ ଥିଲେ। ସ୍ଥାନୀୟ ଅଞ୍ଚଳର ବିଶିଷ୍ଟ ବ୍ୟକ୍ତି ଏବଂ ଗ୍ରାମବାସୀ ଶେଷ ଦର୍ଶନ କରିଥିଲେ। ତାଙ୍କ ଅସୁସ୍ଥତା ଖବର ପାଇ ନିକଟରେ କଂଗ୍ରେସ ବିରୋଧୀ ଦଳ ନେତା ନରସିଂହ ମିଶ୍ର ତାଙ୍କ ଘରକୁ ଯାଇ ସାକ୍ଷାତ କରି ସ୍ୱାସ୍ଥ୍ୟବସ୍ଥା ବୁଝିଥିବା ପରିବାର ସୂତ୍ରରୁ ପ୍ରକାଶ।



ଧନୁର୍ଦ୍ଧର ଷଡଙ୍ଗୀ, ଫାଇଲ ଫଟୋ

# ଧରିତ୍ରୀ ପ୍ରଭାବ: ୬ ଦିନ ପରେ ଫାର୍ମାସିଷ୍ଟ ନିଯୁକ୍ତି

**କେସିଙ୍ଗା,୩୦।୩(ଡି.ଏନ.ଏ.)**

## ସ୍ୱାସ୍ଥ୍ୟକର୍ମୀଙ୍କ ଦ୍ୱାରା ରୋଗୀ ସେବା ଚାଲିବା ଘଟଣା




କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ବେଲଖଣ୍ଡି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ୱାସ୍ଥ୍ୟ କର୍ମୀ ଦ୍ୱାରା ଚାଲିଛି ରୋଗୀ ସେବା ସମ୍ପର୍କିତ ଏକ ଖବର ଗତ ୨୫ ତାରିଖରେ ଧରିତ୍ରୀରେ ପ୍ରକାଶ ପାଇଥିଲା। ଏହି ଖବର ପ୍ରକାଶ ପାଇବାର ୬ ଦିନ ପରେ ଅର୍ଥାତ ଗୁରୁବାର କଳାହାଣ୍ଡି ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଜଣେ ସ୍ଥାୟୀ ଫାର୍ମାସିଷ୍ଟଙ୍କୁ ବେଲଖଣ୍ଡି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ନିଯୁକ୍ତି ଦେଇଛନ୍ତି। ରୋଗୀମାନେ ଚିକିତ୍ସା ପାଇଁ ପାରିବେ ବୋଲି ଅଞ୍ଚଳବାସୀମାନେ ଆଶା କରିଛନ୍ତି। କଳାହାଣ୍ଡି ଜିଲା ମହିଳା କଂଗ୍ରେସ ସଭାନେତ୍ରୀ ମାହେନ୍ଦ୍ରୀ ସାହୁ, କେସିଙ୍ଗା ବ୍ଲକ କଂଗ୍ରେସ ସଭାନେତ୍ରୀ ରାଜ କୁମାରୀ ସରାଫ, ଟୁକୁରାମ ସାହୁଙ୍କ ସମେତ ବହୁ କର୍ମୀମାନେ ସିଡିଏମଓଙ୍କୁ ଯଥାଶୀଘ୍ର ଡାକ୍ତର ନିଯୁକ୍ତି ଦେବା ପାଇଁ ଦାବି କରିଛନ୍ତି। ତୁରନ୍ତ ଜଣେ ଡାକ୍ତର ଏବଂ ଜଣେ ଲେବୋରେଟାରୀ ଟେକ୍ନିସିଆନଙ୍କୁ ନିଯୁକ୍ତି ପ୍ରଦାନ କରିବା ପାଇ ମହିଳା କଂଗ୍ରେସ ଦାବି କରିଛି। ଆସନ୍ତା ୨ ମାସ ମଧ୍ୟରେ ନିଯୁକ୍ତ ଦିଆ ନ ଗଲେ ଜନସାଧାରଣଙ୍କୁ ନେଇ ଆନ୍ଦୋଳନାତ୍ମକ କାର୍ଯ୍ୟପନ୍ଥା ଗ୍ରହଣ କରିବାକୁ ବାଧ ହେବୁ ବୋଲି କଂଗ୍ରେସ ପକ୍ଷରୁ ଚେତାବନୀ ଦିଆଯାଇଛି। ଏହି ହସ୍ପିଟାଲରେ ପ୍ରତିଦିନ ଏହି ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ଆଖପାଖ ଅଞ୍ଚଳର ୫ଟି ପଞ୍ଚାୟତର ପ୍ରାୟ ୨୦ ହାଜର ଲୋକ ନିର୍ଭର କରିଥାନ୍ତି। ବିଡମ୍ବନାର ବିଷୟ ମେଡିକାଲରେ ଡାକ୍ତର ଓ ଲାବୋରେଟାରି ଟେକ୍ନିସିଆନ ନାହାନ୍ତି। କେସିଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ହିଁ ଭରସା। ବେଲଖଣ୍ଡି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ବର୍ତ୍ତମାନ ଜଣେ ଫାର୍ମାସିଷ୍ଟ ଓ ଜଣେ ସ୍ୱାସ୍ଥ୍ୟ କର୍ମୀ ଦ୍ୱାରା ରୋଗୀ ସେବା ଚାଲିଛି। ଏ ସଂକ୍ରାନ୍ତରେ ସିଡିଏମଓଙ୍କୁ ପଚାରିବାରୁ ଜଣେ ଫାର୍ମାସିଷ୍ଟଙ୍କୁ ଗୁରୁବାର ପଠାଇଛି ଏବଂ ଡାକ୍ତର ପଦଦୀ ଜିଲାରେ ଖାଲି ରହିଛି। ରାଜ୍ୟ ସରକାର ନିଯୁକ୍ତି ଦେଲେ ବେଲଖଣ୍ଡି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ନିଯୁକ୍ତି ଦିଆଯିବ ବୋଲି କହିଥିଲେ।

## କଣ୍ଟାବାଞ୍ଜିରେ ଶ୍ରୀରାମ ନବମୀ ପାଳିତ

**କଣ୍ଟାବାଞ୍ଜି,୩୦।୩(ଡି.ଏନ.ଏ.):** ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ସହରରେ ଚଳିତବର୍ଷ ଶ୍ରୀରାମ ନବମୀ ମହାସମାରୋହରେ ପାଳିତ ହୋଇଯାଇଛି। ସହରର ମଧ୍ୟସ୍ଥଳରେ ଥିବା ଶ୍ରୀରାମ ମନ୍ଦିର ଏବଂ ପି.ଡବ୍ଲୁ.ଡି. କଲୋନୀସ୍ଥିତ ଶ୍ରୀରାମେଶ୍ୱର ମନ୍ଦିର କମିଟି ପକ୍ଷରୁ ଏହା ପାଳନ କରାଯାଇଥିଲା। ଏଥିପାଇଁ ଗତ ୧୫ ଦିନ ପୂର୍ବରୁ ସହରର ସମସ୍ତ ରାସ୍ତା ଓ ଛକ ବଡ ବଡ ପତାକା, ଝଣ୍ଡା ଓ ତୋରଣ ଦ୍ୱାରା ସୁସଜ୍ଜିତ କରାଯାଇଛି। ଚଳିତବର୍ଷ ରାମନବମୀକୁ ଧୂମଧାମରେ ପାଳନ କରିବାକୁ ଯାଇ ଆୟୋଜିତ ଶୋଭାଯାତ୍ରାରେ ଘୁମୁରା, କୀର୍ତ୍ତନ, ବାଦ୍ୟ ଆଦି ସାମିଲ କରାଯାଇଥିଲା। ପୂର୍ବାହ୍ନରେ ପି.ଡବ୍ଲୁ.ଡି. ମନ୍ଦିର ଓ ରାମମନ୍ଦିର କମିଟି ଦ୍ୱାରା ମୋଟର ସାଇକେଲରେ ଝଣ୍ଡା ଲଗାଯାଇ ବାହାରିଥିବା ଶୋଭାଯାତ୍ରା ନଗର ପରିକ୍ରମା କରିଥିଲା। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ପୋଲିସ ମୁତୟନ କରାଯାଇଥିଲା।

# ବନରାଜ ନକ୍ଆଉଟ କ୍ରିକେଟ୍: ଚଣାଲିମା ଚାମ୍ପିୟନ

**ଲାଞ୍ଜିଗଡ଼,୩୦।୩(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ଲାଞ୍ଜି ପଞ୍ଚାୟତର ଦଣ୍ଡିଗୁଡା ଖେଳପଡିଆଠାରେ ଦଣ୍ଡିଗୁଡା ଯୁବକ ସଂଘ ଆନୁକୂଲ୍ୟରେ ଚାଲିଥିବା ବନରାଜ ନକଆଉଟ କ୍ରିକେଟ ପ୍ରତିଯୋଗିତା ଗୁରୁବାର ଉଦ୍ଯାପିତ ହୋଇଯାଇଛି। ଚଣାଲିମା ଓ କାଣ୍ଡାମା ଦଳ ମଧ୍ୟରେ ଅନୁଷ୍ଠିତ ଫାଇନାଲ ମ୍ୟାଚରେ ଚଣାଲିମା ଚାମ୍ପିୟନ ହୋଇଛି। କାଣ୍ଡାମା ପ୍ରଥମେ ବ୍ୟାଟିଂ କରି ୧୦ ଓଭର ୧ ବୋଲରେ ସମସ୍ତ ଉଇକେଟ ହରାଇ ୮୮ ରନ କରିଥିଲା। ଜବାବରେ ଚଣାଲିମା ଦଳ ୧୦ ଓଭରରେ ୮ ଉଇକେଟ ବିନିମୟରେ ୮୯ ରନ କରି ଚାମ୍ପିୟନ ହୋଇଛି। ଉଦ୍ଯାପନୀ ମ୍ୟାଚରେ ମୁଖ୍ୟଅତିଥି ଭାବେ ଲାଞ୍ଜିଗଡ଼ ଜୋନ-୨ ଜିଲା ପରିଷଦ ସଦସ୍ୟ ପରୀକ୍ଷିତ ନାଏକ, ସମ୍ମାନିତ ଅତିଥି ଭାବେ ଲାଞ୍ଜି ସରପଞ୍ଚ ଯମୁନା ମାଝି, ସମିତି ସଭ୍ୟ ବେଣୁଧର ବାଗ, ନାଏବ ସରପଞ୍ଚ ସାମ୍ବା ମାଝି, ମୁକୁନ୍ଦ ଦୋରା, ରଘୁନାଥ ଦୋରା, ନିରଞ୍ଜନ ଦୋରା, ଘାସି ମାଝି, ଭଗବାନ ମଙ୍ଗରାଜ, ଦିଲୀପ ପରିଛା ପ୍ରମୁଖ ଉପସ୍ଥିତ ଥିଲେ। ଉଦ୍ଯାପନୀ ମ୍ୟାଚ ରାଜେଶ ନାୟକ ଓ ବାପୁନି ମିଶ୍ର ଖେଳ ପରିଚାଳନା କରିଥିଲେ। ଏହି ଅବସରରେ ବେଣୁ ବାଗ ଓ ହେମନ୍ତ ଦୋରା ଧାରାବିବାରଣୀ ଦେଇଥିବା ବେଳେ ସ୍କୋର ବୋର୍ଡରେ ନରେନ୍ଦ୍ର ମାଝି ସହଯୋଗ କରିଥିଲେ। ପ୍ରତିଯୋଗିତାରେ ୧୬ଟି ଦଳ ଅଂଶଗ୍ରହଣ କରିଥିବା ବେଳେ ଗତ ୨୦ ତାରିଖରେ ମ୍ୟାଚ ଆରମ୍ଭ ହୋଇଥିଲା। ପ୍ରତିଯୋଗିତାରେ ଆୟୋଜନ କମିଟି ପକ୍ଷରୁ କୈଳାସ ମାଝି, ସାଣ୍ଡରୁ ମାଝି,ସୁରେଶ ମାଝି, ନରେନ୍ଦ୍ର ମାଝି,କରୁଣା ମାଝି, ଦିଲୀପ ମାଝିଙ୍କ ସମେତ କମିଟି ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ।



ଫାଇନାଲ ମ୍ୟାଚ୍ ଅବସରରେ ଅତିଥିଙ୍କ ଗହଣରେ ଖେଳାଳିମାନେ।

# ସରକାରଙ୍କ କମ୍ପାନୀ ପ୍ରୀତିକୁ ବିରୋଧ

**ଭବାନୀପାଟଣା,୩୦।୩(ସ୍ୱ.ପ୍ର.)**

ପ୍ରାକୃତିକ ସୌନ୍ଦର୍ଯ୍ୟର ଗନ୍ତାଘର କଳାହାଣ୍ଡି। ଅନେକ ନଦୀ ନାଳ ଝରଣାକୁ ନେଇ ପରିଚିତ ଏହି ଆଦିବାସୀ ଅଧ୍ୟୁଷିତ ଜିଲାରେ ଭରି ରହିଛି ଖଣିଜ ସମ୍ପଦ। ଆଉ ଏହି ଖଣିଜ ସମ୍ପଦ ଉପରେ ପଡିଛି ଏବେ ବହୁ ରାଷ୍ଟ୍ରୀୟ କମ୍ପାନୀର ନଜର। ଗତ ରବିବାରରେ ସାଇନିଂ କଳାହାଣ୍ଡି ପକ୍ଷରୁ ଭବାନୀପାଟଣା ଟାଉନହଲରେ ବେଦାନ୍ତ କମ୍ପାନୀକୁ ଖଣି ଲିଜ ଦେବା ଦାବିରେ ଏକ ଜନ ସମ୍ପଦ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହାକୁ ବିରୋଧ କରି ବୁଧବାର ସନ୍ଧ୍ୟାରେ ଜନଜାଗରଣ ମଞ୍ଚ ପକ୍ଷରୁ ଭବାନୀପାଟଣା ଗାନ୍ଧୀ ଛକଠାରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ପ୍ରତିବାଦ ସଭାରେ ବିଭିନ୍ନ ସଂଗଠନର କର୍ମକର୍ତ୍ତାମାନେ ସାମିଲ ହୋଇଥିଲେ। ସରକାରଙ୍କ କମ୍ପାନୀ ପ୍ରୀତିକୁ ବିରୋଧ କରିବା ସହ ଜିଲାରେ ଥିବା ଖଣ୍ଡୁଆଲମାଳି, କୁଟୁରୁମାଳି, ତିଜମାଳି, ସିଜିମାଳି ଓ ନିୟମଗିରି ଭଳି ପାହାଡ଼ ଉପରେ ପଡିଥିବା ବିଭିନ୍ନ କମ୍ପାନୀ ଓ ସରକାରଙ୍କ ନଜରକୁ ନେଇ ବର୍ଷିଥିଲେ। ଏହି ସବୁ ପାହାଡ଼ ଉପରେ ବାସ କରୁଥିବା ଆଦିବାସୀ ଏହି ବଣଜଙ୍ଗଲରେ ରହି ଆସୁଥିବା ବେଳେ ଜଙ୍ଗଲ ଜାତ୍ୟ ଦ୍ରବ୍ୟ ବିକ୍ରି କରି ନିଜର ଗୁଜୁରାଣ ମେଣ୍ଟାଉଛନ୍ତି। କମ୍ପାନୀ ଆସିଲେ ପ୍ରାକୃତିକ ସୌନ୍ଦର୍ଯ୍ୟ ନଷ୍ଟ ହେବା ସହ ପରିବେଶ ବିଷମୟ ହେବ, ତେଣୁ ସରକାର କମ୍ପାନୀ ପ୍ରୀତି ଛାଡନ୍ତୁ ନ ଚେତ ଆଗାମୀ ଦିନରେ ଆନ୍ଦୋଳନ ଆହୁରି ଶାଣିତ ହେବ ବୋଲି ଆନ୍ଦୋଳନକାରୀମାନେ ବକ୍ତବ୍ୟ ରଖିଥିଲେ। ଏଥିରେ ଜନ ଜାଗରଣ ମଞ୍ଚ ସଭାପତି ସୁରେଶ ମାଝି, ଅଗଷ୍ଟ ନାଏକ, ରୋହିତ ଦୁର୍ଗା, ଲକ୍ଷ୍ମୀ ନାରାୟଣ ପଣ୍ଡା, ନିରୋଜ ନାଏକ,କବିତା ରାଉତ,ସରୋଜ ବାଗ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରକାଶ ଯେ, ୨୦୦୩ରେ କଳାହାଣ୍ଡି ଜିଲାରେ ପାଦ ଦେଇଥିଲା ବହୁ ରାଷ୍ଟ୍ରୀୟ କମ୍ପାନୀ ବେଦାନ୍ତ। କମ୍ପାନୀ ପ୍ରତିଷ୍ଠା ପାଇଁ ଆବଶ୍ୟକ ଜମିଜମା ରାଜ୍ୟ ସରକାର ଯୋଗାଇ ଦେଲେ । ହେଲେ ଖଣି ଖନନ ପାଇଁ ନିୟମଗିରି ଉପରେ ନଜର ପକାଇଥିଲା ବେଦାନ୍ତ କମ୍ପାନୀ। ଏ ନେଇ ସେହି ସମୟରେ କମ୍ପାନୀକୁ ନିରାଶ ହେବାକୁ ପଡିଥିଲା। କାରଣ ନିୟମଗିରି ପାହାଡ଼ରେ ବାସ କରିଥିବା ୧୨ ପଞ୍ଚାୟତର ଅଧିବାସୀ ନିୟମଗିରିକୁ ସୁରକ୍ଷା ଦେବା ପାଇଁ ଅଣ୍ଟା ଭିଡ଼ି ନିୟମଗିରି ସୁରକ୍ଷା ସମିତି ଆନ୍ଦୋଳନ ପୂର୍ବକ ଜାତୀୟ ଗ୍ରୀନ ଟ୍ରିବ୍ୟୁନାଲର ଦ୍ୱାରସ୍ଥ ହୋଇଥିଲା। ଆଉ ଏହି ଆନ୍ଦୋଳନକୁ ସମର୍ଥନ ଜଣାଇ ଦେଶର ସର୍ବୋଚ୍ଚ ନ୍ୟାୟାଳୟ ନିୟମଗିରି ସୁରକ୍ଷା ସମିତି ସପକ୍ଷରେ ଯାଇ ଖଣି ଖନନ ଆବେଦନକୁ ରଦ୍ଦ କରିବା ସହ ନିୟମଗିରିରେ ଖଣି ଖନନ କରାଯାଇ ପାରିବ ନାହିଁ ବୋଲି ସ୍ପଷ୍ଟ ଭାବେ ନିର୍ଦ୍ଦେଶ ଦେଇଥିଲେ। ଏବେ ବେଦାନ୍ତର ନଜର ଜିଲାର ଅନ୍ୟ ବକ୍ସାଇଟ ଖଣି ଉପରେ ପଡିଛି। ଗୋଟିଏ ପଟେ ଶିଳ୍ପ ପ୍ରତିଷ୍ଠା ହେଲେ ଜିଲାର ବିକାଶ ହେବ ବୋଲି ଅନେକ ବୁଦ୍ଧିଜୀବୀ ମତ ରଖୁଥିବା ବେଳେ ସେହି ପାହାଡ଼ରେ ଉପରେ ବାସ କରୁଥିବା ଅଧିବାସୀ ଏହାକୁ ବିରୋଧ କରିବାକୁ ଲାଗିଲେଣି।



ଜନ ଜାଗରଣ ମଞ୍ଚ ପକ୍ଷରୁ ଆୟୋଜିତ ପ୍ରତିବାଦ ସଭା।

## ଜନ ଜାଗରଣ ମଞ୍ଚ ପକ୍ଷରୁ ପ୍ରତିବାଦ ସଭା

## ସଂକ୍ଷେପରେ

### ଗଞ୍ଜେଇ ଜବତ, ୨ ଗିରଫ

**ବାଉଁଶୁଣୀ, ୩୦।୩(ଡି.ଏନ.ଏ.):** ବୌଦ୍ଧ ଜିଲା କଣ୍ଠା ଛକ ନିକଟରୁ ବୁଧବାର ରାତିରେ ୨୦କେଜି ୫୦୦ ଗ୍ରାମ ଗଞ୍ଜେଇ ଜବତ କରାଯାଇଛି। ଏହା ସହ ଦୁଇ ଜଣଙ୍କୁ ଗିରଫ କରିଛି ବାଉଁଶୁଣୀ ପୋଲିସ । ଗିରଫ ଅଭିଯୁକ୍ତମାନେ ହେଲେ ନୂଆପଡ଼ା ଅଞ୍ଚଳର କହ୍ନେଇ ମାଝି, ପରେଶ ମାଝି। ସେମାନେ ବସରେ ନୂଆପଡା ଜିଲାକୁ ଚାଲାଣ ପାଇଁ କଣ୍ଠା ଛକ ନିକଟରେ ବସକୁ ଅପେକ୍ଷା କରିଥିଲେ । କୌଣସି ସୂତ୍ରରୁ ଖବର ପାଇ ବାଉଁଶୁଣୀ ପୋଲିସ ମାଡି ବସିଥିଲେ। ଗୁରୁବାର ମାଜିଷ୍ଟ୍ରେଟ ଭାବରେ ବୌଦ୍ଧ ଅତିରିକ୍ତ ତହସିଲଦାର ମହମ୍ମଦ ରୋଜା ରୋସୁଲଙ୍କ ଉପସ୍ଥିତିରେ ଗଞ୍ଜେଇ ଓଜନ କଲାପରେ ୨୦କିଲୋ ୫୦୦ ଗ୍ରାମ ହୋଇଥିଲା । ଅଭିଯୁକ୍ତଙ୍କୁ ଶୁକ୍ରବାର କୋର୍ଟ ଚାଲାଣ କରାଯିବ ବୋଲି ବାଉଁଶୁଣୀ ଥାନା ଅଧିକାରୀ ଅରୁଣ କୁମାର ସିଂ ସୂଚନା ଦେଇଛନ୍ତି । ଏ ନେଇ ବାଉଁଶୁଣୀ ଥାନାରେ ଏକ ମାମଲା ରୁଜୁ ହୋଇ ତଦନ୍ତ ଚାଲିଛି।

### ଶିବିରରେ ୩୧ୟୁନିଟ୍ ରକ୍ତ ସଂଗ୍ରହ



**ବରଗଡ଼ ଅଫିସ୍/ଅମ୍ବାଭୋନା,୩୦।୩:** ବରଗଡ଼ ଜିଲା ଅମ୍ବାଭୋନା ବ୍ଲକ ବେହେରାପାଲି ଗ୍ରାମର ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ମହୋତ୍ସବ ଅବସରରେ ମନ୍ଦିର ପ୍ରତିଷ୍ଠା କମିଟି ଏବଂ ନିଷ୍ଠା ପରିବାରର ମିଳିତ ଆନୁକୂଲ୍ୟରେ ଗୁରୁବାର ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲା ପରିଷଦ ଅଧ୍ୟକ୍ଷା ମାନିନୀ ଭୋଇ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ଉତ୍ତମ ପଞ୍ଚାୟତ ସରପଞ୍ଚ ହୀରାଧର ସାହୁ, ଦୁର୍ଲ୍ଲଭ ବେହେରା ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ଶିବିରରେ ୩୧ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ମନ୍ଦିର କମିଟି ପକ୍ଷରୁ ନିଷ୍ଠା ପରିବାରକୁ ସମ୍ବର୍ଦ୍ଧିତ କରାଯାଇଥିଲା। ନିଷ୍ଠା ପରିବାର ସଭାପତି କିଶୋର ପ୍ରଧାନ, କୋଷାଧ୍ୟକ୍ଷ ପଞ୍ଚାନନ ପ୍ରଧାନ, ମହିଳା ଶାଖା ସଂଯୋଜିକା ତ୍ରିପୁରା ସୁହୁଲା ପ୍ରମୁଖ ଉପସ୍ଥିତ ରହି ଶିବିର ପରିଚାଳନା କରିଥିଲେ।

### ଶ୍ରୀରାମ ନବମୀରେ ଶୋଭାଯାତ୍ରା

**ସୋହେଲା, ୩୦।୩(ଡି.ଏନ.ଏ.) :** ଶ୍ରୀରାମ ନବମୀ ଉପଲକ୍ଷେ ସୋହେଲା ସାର୍ବଜନୀନ ଦୁର୍ଗାପୂଜା କମିଟି ପକ୍ଷରୁ ଗୁରୁବାର ଶ୍ରୀରାମ, ଲକ୍ଷ୍ମଣଙ୍କ ବେଶରେ ନଗର ପରିକ୍ରମା ଅନୁଷ୍ଠିତ ହୋଇଯାଇଛି। ଅପରାହ୍ନ ୪ଟାରେ ସ୍ଥାନୀୟ ଦୁର୍ଗାମନ୍ଦିର ପ୍ରାଙ୍ଗଣରୁ ଏକ ସୁସଜ୍ଜିତ ରଥରେ ଶିଶୁ କଳାକାରମାନେ ଶ୍ରୀରାମ, ଲକ୍ଷ୍ମଣ ଓ ହନୁମାନ ବେଶ ହୋଇ ନଗର ପରିକ୍ରମାରେ ବାହାରିଥିଲେ। ଶତାଧିକ ଶ୍ରଦ୍ଧାଳୁ ଧ୍ୱଜା ଧରି ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ଭଟଲି ବିଧାୟକ ସୁଶାନ୍ତ ସିଂ, ପୂର୍ବତନ ବିଧାୟକ ପ୍ରକାଶ ଚନ୍ଦ୍ର ଦେବତା, ମହମ୍ମଦ ରଫିକ, ପ୍ରମୋଦ ଦେବତା, ସୁଶାନ୍ତ ମିଶ୍ର, ବାବୁଲୁ ଦେବତା, ଲଳିତ ଅଗ୍ରୱାଲ ପ୍ରମୁଖ ସାମିଲ ଏଥିରେ ହୋଇଥିଲେ। କରମା ନାଚ, କୃଷ୍ଣଗୁରୁ, ଡିଜେ ବାଜାରେ ସୋହେଲା ଉତ୍ସବମୁଖର ହୋଇଥିଲା। ଏହି ଅବସରରେ ମାରୱାଡି ଯୁବାମଞ୍ଚ ଓ ଜୟଦୁର୍ଗା ଆସୋସିଏଶନ ପକ୍ଷରୁ ବିଭିନ୍ନ ସ୍ଥାନରେ ସରବତ ବଣ୍ଟନ କରାଯାଇଥିଲା।

# ସଭିଙ୍କ ଏଜେଣ୍ଡା ବିକାଶ

**ସରଣ୍ଡା, ୩୦।୩(ଡି.ଏନ.ଏ.)**

**ଅତାବିରା ଏନ୍‌ଏସି ନିର୍ବାଚନ**

ଚଳିତ ଅତାବିରା ଏନ୍‌ଏସି ନିର୍ବାଚନକୁ ନେଇ ଚା' ଖଟିରୁ ଆରମ୍ଭ କରି ଦୋକାନ ବଜାର, ରାସ୍ତାଘାଟ ସବୁଠି ଆଲୋଚନା। ଏନ୍‌ଏସିର ନଗରପାଳ ପଦବୀ ପାଇଁ ଏଥର ପ୍ରତ୍ୟକ୍ଷ ନିର୍ବାଚନ ହେବ। କାହା ମୁଣ୍ଡରେ ଭୋଟର ଢାଳିବେ ସୁନା କଳସ। ଅନୁସୂଚିତ ଜାତି ଓ ଜନଜାତି ବର୍ଗ ପାଇଁ ସଂରକ୍ଷିତ ନଗରପାଳ ଆସନରେ ୩ ପ୍ରମୁଖ ରାଜନୈତିକ ଦଳ ସମେତ ସ୍ୱାଧୀନ ପ୍ରାର୍ଥୀଙ୍କୁ ମିଶାଇ ମୋଟ ୪ ଜଣ ପ୍ରାର୍ଥୀ ନିର୍ବାଚନୀ ମଇଦାନରେ ରହିଛନ୍ତି। ବିଜେଡିରୁ ବନମାଳି ବରିହା, ଭାଜପାରୁ ଲକ୍ଷ୍ମୀ ବେହେରା, କଂଗ୍ରେସରୁ ସବିତା ଭୁଏ ଏବଂ ସ୍ୱାଧୀନ ଭାବେ ସାମନ୍ତ ଭୁଏ ନିର୍ବାଚନ ଲଢ଼ୁଛନ୍ତି। ସେହିପରି ୧୨ଟି ୱାର୍ଡରେ ନଗରପାଳ ପ୍ରାର୍ଥୀଙ୍କୁ ମିଶାଇ ମୋଟ ୪୩ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ଏହି ସମସ୍ତ ପଦବୀ ଲାଗି ଆସନ୍ତା ଏପ୍ରିଲ ୩ରେ ନିର୍ବାଚନ ହେବ ଏବଂ ୧୬ଟି ବୁଥ୍‌ରେ ୧୩,୫୨୦ ଭୋଟର ମତଦାନ ସାବ୍ୟସ୍ତ କରିବେ। ଏଥିପାଇଁ ପ୍ରାର୍ଥୀମାନେ ପ୍ରଚାରକୁ ମଧ୍ୟ ଜୋରଦାର କରିଛନ୍ତି। ଦଳୀୟ ଗୀତରେ କମ୍ପୁଛି ଅତାବିରା ଏନ୍‌ଏସି ଅଞ୍ଚଳ। ଭୋଟରଙ୍କୁ ମନାଇବା ପାଇଁ ପ୍ରାର୍ଥୀମାନେ ପ୍ରତିଶ୍ରୁତିର ପାହାଡ଼ ଛିଡା କରୁଛନ୍ତି। ସବୁ ପ୍ରାର୍ଥୀ ୱାର୍ଡ ସମସ୍ୟାର ସମାଧାନ, ମୌଳିକ ସେବା ପ୍ରଦାନ ଓ ଅତାବିରାକୁ ଆହୁରି ସରସ ସୁନ୍ଦର କରିବା ପାଇଁ ବିକାଶର ନାରା ଦେଇ ଭୋଟରଙ୍କ ନିକଟତର ହେଉଛନ୍ତି। ଅନ୍ୟପକ୍ଷେ ସ୍ୱାଧୀନ ପ୍ରାର୍ଥୀଙ୍କ ଟକ୍କର ଦଳୀୟ ପ୍ରାର୍ଥୀଙ୍କୁ ଅଡୁଆରେ ପକାଇଛି। ଫଳାଫଳ ଯାହା ହେଉନା କାହିଁକି ଭୋଟ୍ ବିଭାଜନକୁ ନେଇ ଦଳୀୟ କର୍ମକର୍ତ୍ତା ଚିନ୍ତାରେ ପଡିଛନ୍ତି।

## କ'ଣ କୁହନ୍ତି ନଗରପାଳ ପ୍ରାର୍ଥୀ...

### ୯୯ ପ୍ରତିଶତ ଜିତିବୁ ବୋଲି ଆଶା



"ଅତାବିରାର ଉନ୍ନତି ଓ ବିକାଶ ପାଇଁ ସବୁ ପ୍ରକାରର ପ୍ରକଳ୍ପ ହାତକୁ ନେଇଛନ୍ତି ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ। ଚାଷୀଙ୍କଠାରୁ ଆରମ୍ଭ କରି କ୍ରୀଡ଼ାବିତ୍ ଯାଏ ସମସ୍ତଙ୍କ ବିକାଶକୁ ଧ୍ୟାନ ଦିଆଯାଇଛି। ତେଣୁ ୯୯ ପ୍ରତିଶତ ଜିତିବାର ଆଶା ଓ ଭରସା ଅଛି।

–ବନମାଳି ବରିହା, ବିଜେଡି ପ୍ରାର୍ଥୀ

### ଦୁର୍ନୀତିମୁକ୍ତ ଏନ୍‌ଏସି ଗଠନ ଇଚ୍ଛା



"ଲୋକଙ୍କ ସେବା କରିବାକୁ ଏଠାକୁ ଆସିଛି। ଦୁର୍ନୀତିମୁକ୍ତ ଏନ୍‌ଏସି ଗଠନ କରିବାକୁ ଚାହୁଁଛି। ପାନୀୟଜଳ, ରାସ୍ତାଘାଟ, ଆବାସ ଯୋଜନାରେ ଘରଦ୍ୱାର, ପାଇଖାନା ଆଦି ଅନେକ ସମସ୍ୟାର ସମାଧାନ ଏଜେଣ୍ଡା ନେଇ ଲୋକଙ୍କୁ ଭୋଟ୍ ଭିକ୍ଷା କରୁଛି। ଫଳାଫଳ ନିଶ୍ଚୟ ଆମ ସପକ୍ଷରେ ଯିବ।

–ସବିତା ଭୁଏ, କଂଗ୍ରେସ ପ୍ରାର୍ଥିନୀ

### "ସମସ୍ତଙ୍କୁ ସବୁପ୍ରକାର ସୁବିଧା ଦେବି



ଲୋକଙ୍କ ସୁଖ ଦୁଃଖରେ ସାମିଲ ହେବା ପାଇଁ ଶିକ୍ଷକତା ଛାଡି ନିର୍ବାଚନ ମଇଦାନକୁ ଆସିଛି। ରାସ୍ତା, ଘାଟ, ଡ୍ରେନ୍ ସମସ୍ୟା ଏଠାରେ ଉଦ୍‌ବେଗଜନକ। ଗରିବଙ୍କ କଚ୍ଚା ଘର କେବେ ପକ୍କା ହେବ, ବାର୍ଦ୍ଧକ୍ୟ ହୋଇଥିଲେ ବି ଭତ୍ତା ନ ପାଇ ଲୋକେ ଅନେଇ ବସିଛନ୍ତି। ବିଗତ ୧୦ ବର୍ଷ ଶାସନ କାଳରେ ଏମାନେ କିଛି ବି କାମ କରିନାହାନ୍ତି। ଏନ୍‌ଏସିର ସମସ୍ତଙ୍କୁ ସମସ୍ତ ପ୍ରକାର ସୁବିଧା ସୁଯୋଗ ଦେବାର ଏଜେଣ୍ଡା ନେଇ ନିର୍ବାଚନ ଲଢୁଛି।

–ଲକ୍ଷ୍ମୀ ବେହେରା, ଭାଜପା ପ୍ରାର୍ଥିନୀ

### "ସମୂହଙ୍କୁ ନେଇ ବିକାଶ ଚିନ୍ତା



ଅତାବିରା ଏନ୍‌ଏସି ଦୁର୍ନୀତିରେ ଭରି ରହିଛି। ବିଗତ ଦିନରେ ଏନ୍‌ଏସିବାସୀ ଠକାମିରେ ପଡିଛନ୍ତି। ଗୋଟିଏ କାମ ପାଇଁ ଅନେକ ଥର ବିଲ୍ କରାଯାଇଛି। ଶୌଚାଳୟ ନାଁରେ ଟଙ୍କା ହରିଲୁଟ ହୋଇଛି। ସର୍ବସାଧାରଣ ସ୍ଥାନରେ ଶୌଚାଳୟ ନ କରି ବିଲ୍ ଉଠା ସରିଛି। ଏସବୁ ଦୁର୍ନୀତିର ଖୋଳତାଡ଼ ସହ ସମୂହଙ୍କୁ ନେଇ ଏ ଅଞ୍ଚଳର ବିକାଶ ଚିନ୍ତା କରିବି ।

–ସାମନ୍ତ ଭୁଏ, ସ୍ୱାଧୀନ ପ୍ରାର୍ଥୀ

# ଇ-ରିକ୍ସା ଚଳାଚଳର ଶୁଭାରମ୍ଭ

### ବିଧାୟକ ନିଜେ ଚଳାଇଲେ ଇ-ରିକ୍ସା

**ବରଗଡ଼ ଅଫିସ୍,୩୦।୩**

ବରଗଡ଼ ସହରରେ ଗୁରୁବାର ଇ-ରିକ୍ସାର ଶୁଭାରମ୍ଭ ହୋଇଛି। ଜିଲା ଯୋଜନା କମିଟି ଅଧ୍ୟକ୍ଷ ତଥା ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ଏହାର ଶୁଭାରମ୍ଭ କରିଥିଲେ। ବିଧାୟକ ଆଚାର୍ଯ୍ୟ ନିଜେ ଇ-ରିକ୍ସା ଚଳାଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ପୌରାଧ୍ୟକ୍ଷା କଳ୍ପନା ମାଝି, ପୌର ନିର୍ବାହୀ ଅଧିକାରୀ ନାରାୟଣ ଦଣ୍ଡସନାଙ୍କ ସମେତ କାଉନସିଲରବୃନ୍ଦ ଉପସ୍ଥିତ ଥିଲେ। ପୂର୍ବରୁ ୫ଟି ଇ-ରିକ୍ସା ସହରରେ



ବରଗଡ଼ ବିଧାୟକ ଇ-ରିକ୍ସା ଚଳାଉଛନ୍ତି ।

ଚାଲୁଥିବାବେଳେ ଗୁରୁବାର ଆଉ ୭ଟି ଇ-ରିକ୍ସା ଚଳାଚଳ ଆରମ୍ଭ କରିଛି। ଜିଲା ଖଣିଜ ପାଣ୍ଠିରୁ ଏହା କିଣାଯାଇଥିବା ବେଳେ ମିଶନ ଶକ୍ତିର ସଭ୍ୟାମାନେ ଏହାର ଦାୟିତ୍ୱ ନେଇଛନ୍ତି। ସ୍ୱଳ୍ପ ଭଡ଼ାରେ ଏହି ଇ-ରିକ୍ସା ଯୋଗେ ଖେଦାପାଲିସ୍ଥିତ ଜିଲା ମୁଖ୍ୟ ଡାକ୍ତରଖାନା, ରେଳ ଷ୍ଟେଶନ, ଅମ୍ବାପାଲି ଆଦି ସ୍ଥାନକୁ ଯାତ୍ରୀମାନେ ଯାଇପାରିବେ ବୋଲି ପୌର ପରିଷଦ ପକ୍ଷରୁ ସୂଚନା ଦିଆଯାଇଛି ।

# ୱାର୍ଡ ସଭ୍ୟାସଭ୍ୟଙ୍କୁ ପ୍ରଶିକ୍ଷଣ





ପ୍ରଶିକ୍ଷଣ ଶିବିରରେ ଭାଗ ନେଇଥିବା ୱାର୍ଡ ସଭ୍ୟାସଭ୍ୟ ।

**ବରଗଡ଼ ଅଫିସ୍,୩୦।୩**

ବରଗଡ଼ ଜିଲା ଅତାବିରା ବ୍ଲକର ସିଲେଟ, ପାହାଡ଼ଶ୍ରୀଗିଡ଼ା, ମନାପଡ଼ା ପଞ୍ଚାୟତରେ ୱାର୍ଡ ସଭ୍ୟାସଭ୍ୟଙ୍କ ୩ଦିନିଆ ପ୍ରଶିକ୍ଷଣ ଶିବିର ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ଗ୍ରାମ୍ୟ ଉନ୍ନୟନ ପ୍ରତିଷ୍ଠାନ, ପଞ୍ଚାୟତିରାଜ, ପାନୀୟଜଳ ବିଭାଗ ଆନୁକୂଲ୍ୟରେ ଏହା ଅନୁଷ୍ଠିତ ହୋଇଥିଲା। ପଞ୍ଚାୟତିରାଜ ପ୍ରତିଷ୍ଠାନର ପ୍ରଶିକ୍ଷକ ଲବ ପ୍ରଧାନ, ଡାନିଆଲ କଲେତ ପ୍ରମୁଖ ଯୋଗଦେଇ ୱାର୍ଡ ସଭ୍ୟାସଭ୍ୟଙ୍କ ଭୂମିକା, ଦାୟିତ୍ୱ, ପଞ୍ଚାୟତର ନିଜସ୍ୱ ସମ୍ବଳ ବୃଦ୍ଧି, ଇ-ପ୍ରଶାସନ ବ୍ୟବସ୍ଥା, ସାମାଜିକ ସୁରକ୍ଷା କାର୍ଯ୍ୟକ୍ରମରେ ପଞ୍ଚାୟତର ଭୂମିକା ଆଦି ଉପରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ପ୍ରଶିକ୍ଷଣ ଶିବିରରେ ଭାଗ ନେଇଥିବା ୱାର୍ଡ ସଭ୍ୟାସଭ୍ୟଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ରୋଜାଲିନ ଭୂୟାଁ ଶିବିର ସଂଯୋଜନା କରିଥିଲେ। ଚୁମ୍ବିଲାଲ ଦ୍ୱାରି, ଗୌର ରଣା, ସସ୍ମିତା ବିଶ୍ୱାଳ, ପ୍ରଶାନ୍ତ ମହାରଣା ପ୍ରମୁଖ ସହଯୋଗ କରିଥିଲେ।

### ବାଇକ୍ ଧକ୍କା, ୨ ମୃତ

**ପାଇକମାଳ,୩୦।୩(ଡି.ଏନ.ଏ.)**

ବରଗଡ ଜିଲା ପାଇକମାଳ-ପଦ୍ମପୁର ବିଜୁ ଏକ୍ସପ୍ରେସ ୱେର ରଞ୍ଜିତପୁର ଛକ ନିକଟରେ ବୁଧବାର ବିଳମ୍ବିତ ରାତିରେ ଦୁଇଟି ବାଇକ୍ ମୁହାଁମୁହିଁ ଧକ୍କା ହେବାରୁ ୨ଜଣଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ରଞ୍ଜିତପୁର ଗ୍ରାମର ଯଶୋବନ୍ତ ମେହେର ଓ ଝାରବନ୍ଧ ଥାନା ବିଲାସପୁର ଗ୍ରାମର ଗୋପବନ୍ଧୁ ସୁନା। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇବା ସହ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ନେଇ ପାଇକମାଳ ଥାନାରେ ଏକ ମାମଲା (ନଂ.୭୬।୨୩) ରୁଜୁ ହୋଇଛି। ସୂଚନା ଅନୁସାରେ, ବୁଧବାର ଯଶୋବନ୍ତ ସ୍ତ୍ରୀ ଓ ପୁଅଙ୍କୁ ଧରି ଏକ ବାଇକ୍ (ନଂ.ଓଡି୧୬/୬୦୭୩) ଯୋଗେ ମାଁ ନିଶାନୀ ଦେବୀଙ୍କ ମନ୍ଦିରରୁ ଯାତ୍ରା ଦେଖି ଫେରୁଥିଲେ। ଏହି ସମୟରେ ପାଇକମାଳ ପଟରୁ ଆସୁଥିବା ଗୋପବନ୍ଧୁଙ୍କ ବାଇକ୍ (ନଂ.ଓଡି୧୭ଏ/୫୩୯୧) ସହ ମୁହାଁମୁହିଁ ଧକ୍କା ହୋଇଥିଲା। ୪ଜଣ ଆହତଙ୍କୁ ପଦ୍ମପୁର ଡାକ୍ତରଖାନା ପଠାଯାଇଥିଲା। ସେଠାରେ ଯଶୋବନ୍ତ ଓ ଗୋପବନ୍ଧୁଙ୍କ ମୃତ୍ୟୁ ହୋଇଥିଲା। ସେହିପରି ମୃତ ଯଶୋବନ୍ତଙ୍କ ପୁଅକୁ ବରଗଡ଼ ଡାକ୍ତରଖାନାରେ ଚିକିତ୍ସା କରାଯାଉଛି।

### ବାଉଁଶୁଣୀରେ ଶ୍ରୀରାମ ନବମୀ ପୂଜା

**ବାଉଁଶୁଣୀ, ୩୦।୩(ଡି.ଏନ.ଏ.)**

ବୌଦ୍ଧ ବ୍ଲକ ବାଉଁଶୁଣୀ ବଉଦିଆପଡ଼ା ଶ୍ରୀରାମଲୀଳା ସାଂସ୍କୃତିକ ଉନ୍ନୟନ ପରିଷଦ ଓ ବାଉଁଶୁଣୀ ଛକ ଶ୍ରୀଶ୍ରୀ ରାମଲୀଳା ନାଟ୍ୟ ସଂସଦ ତରଫରୁ ଗୁରୁବାର ଶ୍ରୀରାମ ନବମୀ ପୂଜା ଅନୁଷ୍ଠିତ ହୋଇଯାଇଛି। ବଉଦିଆପଡ଼ା ପୂଜାରେ ସୁରୁବାବୁ ମେହେର ଓ ବାଉଁଶୁଣୀ ଛକ ପୂଜାରେ ହୃଷିକେଶ ମେହେର କର୍ତ୍ତା ଥିଲେ। ସୁକାନ୍ତ ପାଣିଗ୍ରାହୀ ଓ ଗୋବର୍ଦ୍ଧନ ଦାସ ପୂଜାକାର୍ଯ୍ୟ ତୁଲାଇଥିଲେ। ବାଉଦିଆପଡାରେ ଚଳିତବର୍ଷ ପୂଜାର ୭୦ବର୍ଷ ପୂର୍ତ୍ତି ଅବସରରେ ନାଟକ ମଞ୍ଚସ୍ଥ ହେବ ବୋଲି କମିଟି ପକ୍ଷରୁ ସୂଚନା ମିଳିଛି।

## ସରସ୍ୱତୀ ଶିଶୁ ମନ୍ଦିରରେ ଶ୍ରୀରାମ ନବମୀ ଉତ୍ସବ



ରାମ, ଲକ୍ଷଣ ଓ ବନବାସୀ ବେଶରେ ଛାତ୍ରୀଛାତ୍ର।

**ପଦ୍ମପୁର,୩୦।୩(ଡି.ଏନ.ଏ.)**

ପଦ୍ମପୁର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଶ୍ରୀରାମ ନବମୀ ଉତ୍ସବ ପାଳିତ ହୋଇଯାଇଛି। ପ୍ରଧାନ ଆଚାର୍ଯ୍ୟ ଯୁବରାଜ ପଧାନଙ୍କ ଅଧ୍ୟକ୍ଷତାରେ ଗୋପାଳଜୀ ମନ୍ଦିରରୁ ଶ୍ରୀରାମ, ଲକ୍ଷ୍ମଣ, ସୀତା ଓ ହନୁମାନଙ୍କ ମୂର୍ତ୍ତି ଅଣାଯାଇ ଏକ ସୁସଜ୍ଜିତ ରଥରେ ପୂଜାର୍ଚ୍ଚନା କରି ନଗର ଶୋଭାଯାତ୍ରାରେ ବାହାରିଥିଲା। ମୁଦିରଥ ପଣ୍ଡା ପୂଜକ ଦାୟିତ୍ୱ ତୁଲାଇଥିଲେ। ଶିଶୁମାନେ ବିଭିନ୍ନ ବେଶରେ ସଜ୍ଜିତ ହୋଇ ଶୋଭାଯାତ୍ରାରେ ବାହାରିଥିଲେ। ସେମାନେ ଶିଶୁ ମନ୍ଦିରରୁ ବାହାରି ସାଇମନ୍ଦିର, ମେହେରପଡା, ବଡ଼ପଡା, ହନୁମାନପଡା, ଭେଡ଼ଁରିଆ ଛକ, ସୂର୍ଯ୍ୟ ନଗର ଦେଇ ପୁଣି ଶିଶୁ ମନ୍ଦିରକୁ ଫେରିଥିଲେ। ଶୋଭାଯାତ୍ରାକୁ ବିଭିନ୍ନ ସ୍ଥାନରେ ଝୋଟି କଳସ ବସାଇ ଦୀପ ଜାଳି ସ୍ୱାଗତ କରାଯାଇଥିଲା।

## ଅନ୍ତେବାସୀ ପାଳିଲେ ରାମ ନବମୀ



ଅନ୍ତେବାସୀଙ୍କ ଗହଣରେ ବିଧାୟକ, ପୌରାଧ୍ୟକ୍ଷା ଏବଂ ଅନ୍ୟମାନେ ।

**ବରଗଡ଼ ଅଫିସ୍,୩୦।୩**

ବରଗଡ଼ ଘରୋଇ ବସ୍‌ଷ୍ଟାଣ୍ଡ ନିକଟ ସହରାଞ୍ଚଳ ବାସହୀନଙ୍କ ଆଶ୍ରୟସ୍ଥଳୀରେ ଗୁରୁବାର ରାମ ନବମୀ ପାଳିତ ହୋଇଛି। ଆଶ୍ରୟସ୍ଥଳୀର ଅନ୍ତେବାସୀମାନେ ଶ୍ରୀରାମଙ୍କ ପୂଜାର୍ଚ୍ଚନା ସହିତ ପ୍ରସାଦ ବ୍ୟବସ୍ଥା କରିଥିଲେ। ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ଆଶ୍ରୟସ୍ଥଳୀକୁ ପହଞ୍ଚି ସେଠାରେ ରହୁଥିବା ଅନ୍ତେବାସୀଙ୍କ ସମସ୍ୟା ପଚାରି ବୁଝିଥିଲେ। ଏହାସହିତ ଅନ୍ତେବାସୀମାନେ ପାଳନ କରୁଥିବା ପୂଜାସ୍ଥଳୀକୁ ଯାଇଥିଲେ। ବରଗଡ଼ ପୌରାଧ୍ୟକ୍ଷା କଳ୍ପନା ମାଝି, ପୌର ନିର୍ବାହୀ ଅଧିକାରୀ ନାରାୟଣ ଦଣ୍ଡସନା ପ୍ରମୁଖ ପରିଦର୍ଶନ ସମୟରେ ଉପସ୍ଥିତ ଥିଲେ।

## ସମବାୟ ସମିତିରେ ଋଣ କର୍ମଶାଳା



କର୍ମଶାଳାରେ ମଞ୍ଚାସୀନ ଅତିଥିବୃନ୍ଦ ।

**ବରଗଡ଼ ଅଫିସ୍,୩୦।୩**

ବରଗଡ଼ ବ୍ଲକ ଅନ୍ତର୍ଗତ ଗୋବିନ୍ଦପୁର ପ୍ରାଥମିକ କୃଷି ସେବା ସମବାୟ ସମିତି (ପ୍ୟାକ୍ସ)ରେ ବ୍ୟାଙ୍କିଙ୍ଗ ସେବା ଓ ଋଣ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ସମିତି ସଭାପତି ପ୍ରଫୁଲ୍ଲ ନାଏକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କର୍ମଶାଳାରେ ଏସ୍‌ଡ଼ିସିସି ବ୍ୟାଙ୍କ ସଭାପତି ନରେନ୍ଦ୍ର ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିଲେ। ଚାଷୀମାନେ ସମବାୟ ସମିତିରୁ କିଭଳି ସହଜ, ସରଳ ଭାବେ ଋଣ ପାଇପାରିବେ ତାହା ଉପରେ ମୁଖ୍ୟଅତିଥି ଗୁରୁତ୍ୱାରୋପ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଦର ଶାଖା ପରିଚାଳକ ଜପଧନ ମହାପାତ୍ର, ଏଆର୍‌ସିଏସ୍ ଅଶୋକ ସାହୁ, ପରିଚାଳନା ସଦସ୍ୟ କୃଷ୍ଣଚନ୍ଦ୍ର ଦାଶ, ସରୋଜ ଭୋଇ, ଅଶୋକ ସାହୁ, ତରୁଣ ନାଏକ, ଜିଲା ପରିଷଦ ସଭ୍ୟା ପୁଷ୍ପା ଭୋଇ, ପ୍ରଭାସିନୀ ପ୍ରଧାନ ପ୍ରମୁଖ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମରେ ସମିତିର ସମସ୍ତ ନିର୍ଦ୍ଦେଶକ ଏବଂ ଚାଷୀ ଉପସ୍ଥିତ ଥିଲେ। ସମ୍ପାଦକ ଆନନ୍ଦ ରଥ ଧନ୍ୟବାଦ ଅର୍ପଣ କରିଥିଲେ।

# ଦୁର୍ଘଟଣା ରୋକିବାକୁ ସଚେତନତା କାର୍ଯ୍ୟକ୍ରମ

**ବରଗଡ଼ ଅଫିସ୍,୩୦।୩**

ବରଗଡ଼ ବିକାଶ ହାୟର ଏଜୁକେଶନାଲ ଇନଷ୍ଟିଚ୍ୟୁଶନ୍ସ ଅନ୍ତର୍ଗତ ବିକାଶ ନର୍ସିଂ କଲେଜ ପକ୍ଷରୁ ସଡ଼କ ଦୁର୍ଘଟଣାକୁ ରୋକିବା ପାଇଁ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସଚେତନତା ରାଲି, ପ୍ରଚାରପତ୍ର ବଣ୍ଟନ, ନୁକ୍କଡ଼ ନାଟକ (ଗଳି ଖେଳ) ଆଦି କାର୍ଯ୍ୟକ୍ରମ ବରଗଡ଼ ଗାନ୍ଧୀ ଛକରୁ ଆରମ୍ଭ ହୋଇଥିଲା। ବିକାଶ ଗ୍ରୁପ୍‌ର ଡାଇରେକ୍ଟର ଡଃ ସମରେନ୍ଦ୍ର ନାଥ ପଣ୍ଡାଙ୍କ ଉପସ୍ଥିତିରେ ଏଏସ୍‌ଆଇ ପ୍ରେମରାଜ ସାହୁ ପତାକା ଦେଖାଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। କାର୍ଯ୍ୟକ୍ରମରେ ବିକାଶ ହାୟର ଏଜୁକେଶନାଲ ଇନଷ୍ଟିଚ୍ୟୁଶନ୍ସ ଅନ୍ତର୍ଗତ ବିକାଶ ନର୍ସିଂ କଲେଜ, ଡିଗ୍ରୀ କଲେଜ, ଲ କଲେଜ, ବିକାଶ ଇନଷ୍ଟିଚ୍ୟୁଟ ଅଫ ଟେକ୍ନୋଲୋଜି, ବିକାଶ ବିଜିନେସ୍ ସ୍କୁଲ, ପାରା ମେଡ଼ିକାଲ ସାଇନ୍ସର ଛାତ୍ରୀଛାତ୍ର





ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଉଛି ।

ଅଂଶଗ୍ରହଣ କରିଥିଲେ। ଶୋଭାଯାତ୍ରା ସ୍ଥାନୀୟ ଗାନ୍ଧୀ ଛକରୁ ଥାନା ଛକ ପର୍ଯ୍ୟନ୍ତ ଯାଇଥିଲା। ବିକାଶ ନର୍ସିଂ କଲେଜର ଅଧ୍ୟକ୍ଷା ପ୍ରଫେସର ୱାଇ. ଡ଼ି ଷ୍ଟେଲା, ଉପାଧ୍ୟକ୍ଷା ଦୀପାଞ୍ଜଳି ପଟେଲଙ୍କ ତତ୍ତ୍ୱାବଧାନରେ ଉକ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ସମସ୍ତ ଅଧ୍ୟାପିକା ଅଧ୍ୟାପକ ସହଯୋଗ କରିଥିଲେ।

# ରାବଣ ବଧ ସହ ରାମଲୀଳା ଉଦ୍‌ଯାପିତ

**ଭେଡେନ,୩୦।୩(ଡି.ଏନ.ଏ.)**

ବରଗଡ ଜିଲା ଭେଡେନ ବ୍ଲକ ରକ୍ଷୁଡା ପଞ୍ଚାୟତର ଜାମଟିକ୍ରାଠାରେ ରବିବାରଠାରୁ ଚାଲିଥିବା ନବଦିନାତ୍ମକ ବାସନ୍ତୀ ଦୁର୍ଗାପୂଜା ଅବସରରେ ରାମଲୀଳା ଓ ଚଣ୍ଡୀପାଠ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି । ସକାଳୁ ବଲାଙ୍ଗୀରର ମୋନାଲି ମହାପାତ୍ରଙ୍କ ଦ୍ୱାରା ରାମାୟଣ ପାରାୟଣ ଏବଂ ଚଣ୍ଡୀପାଠ ପୂର୍ଣ୍ଣାହୂତି ହୋଇଥିଲା। ଶେଷ ସନ୍ଧ୍ୟାରେ ଲଙ୍କା ପୋଡି, ଇନ୍ଦ୍ରଜିତ, ବୀରବାହୁ, କୁମ୍ଭକର୍ଣ୍ଣ ବଧ, ଲକ୍ଷ୍ମଣ ଶକ୍ତିଭେଦ ଓ ଶେଷରେ ବ୍ରହ୍ମାସ୍ତ୍ରରେ ରାବଣଙ୍କ ମୃତ୍ୟୁ ପରେ ସୀତା ଉଦ୍ଧାର ଆଦି ଦୃଶ୍ୟ ମଞ୍ଚସ୍ଥ ହୋଇଥିଲା। ମହୋତ୍ସବର ମୁଖ୍ୟ ପରିଚାଳକ ପଣ୍ଡିତ ଜନ୍ମେଜୟ ମିଶ୍ର, ଚିତ୍ତରଞ୍ଜନ ମହାପାତ୍ର, ପରିଚାଳନା କମିଟି ସଭାପତି ଗୌରାଙ୍ଗ ଚରଣ ପଧାନ, ଉପସଭାପତି ସୁରେନ୍ଦ୍ର କର୍ମୀ, ସମ୍ପାଦକ କୁଳମଣି ପଧାନ, ସହ



ଜାମଟିକ୍ରାରେ ଚାଲିଥିବା ରାମଲୀଳାରେ ଅଭିନୀତ ଏକ ଦୃଶ୍ୟ।

ସମ୍ପାଦକ ରାମଚନ୍ଦ୍ର ମେହେର, ମଞ୍ଚ ପରିଚାଳକ କାହ୍ନୁଚରଣ ଦାଶ, ନରେଶ ମହାକୁର, ଦୁଷ୍ମନ୍ତ ମହାକୁରଙ୍କ ସମେତ ଗ୍ରାମବାସୀ ସହଯୋଗ କରିଥିଲେ। ରାବଣ ଭୂମିକାରେ ଅଭିନୟ କରିଥିବା ଚିଚିଣ୍ଡା ଗ୍ରାମର ଅଭିନେତା ଝସକେତନ ପଧାନ ରାମଲୀଳା ନାଟକର ମୁଖ୍ୟ ଆକର୍ଷଣ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ମନ୍ତ୍ରୀ ରାଜୀବ୍ର ବାଗ, ଦଶରଥ ରୁଦ୍ରନାରାୟଣ ମେହେର ଏବଂ ହନୁମାନ ଭୂମିକାରେ ଚତୁର୍ଭୁଜ ମେହେରଙ୍କ ଅଭିନୟ ଚିତ୍ତାକର୍ଷକ ହୋଇଥିଲା। ସଙ୍ଗୀତ ପରିଚାଳନା କରିଥିଲେ ରେଶମ ଗ୍ରାମର କିର୍ତ୍ତି ବଗର୍ତ୍ତି। ରାମଲୀଳା ଦେଖିବା ପାଇଁ ପ୍ରତିଦିନ ହଜାର ହଜାର ଶ୍ରଦ୍ଧାଳୁଙ୍କ ଭିଡ ଜମିଥିଲା।

## ପତଞ୍ଜଳି ଯୋଗକେନ୍ଦ୍ରରେ ରାମନବମୀ ପୂଜା

**ସମ୍ବଲପୁର,(ବ୍ୟୁରୋ):** ସମ୍ବଲପୁର ମହାନଗର ନିଗମ ହୀରାକୁଦ କଲୋନୀ ସ୍ଥିତ ପତଞ୍ଜଳି ଯୋଗ ଶିବିରରେ ରାମନବମୀ ପୂଜା ଓ ହୋମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ପତଞ୍ଜଳି ରାଜ୍ୟ ମହିଳା ପ୍ରଭାରୀ ଜେ. ଗିରିଜା ଦେବୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ପ୍ରାୟ ୧୦୦ ଜଣ ଭଉଣୀ ଭାଇ ସନ୍ୟାସ ଧର୍ମ ଗ୍ରହଣ କରିଥିଲେ। ଯୋଗ କରିବା ସହ ବୈଦିକ ଯଜ୍ଞ କରିବାର ଆବଶ୍ୟକତା ରହିଛି। ଏହା କରିବା ଦ୍ୱାରା ଶରୀର ଓ ମନ ସତେଜ ରହିଥାଏ ବୋଲି କର୍ମକର୍ତ୍ତାମାନେ ଆଲୋଚନା କରିଥିଲେ। ପଦ୍ମିନୀ ମୁଣ୍ଡା, ଶୁଶିଳା ଅଗ୍ରୱାଲ, ଅଞ୍ଜନା ବାରିକ, ମୁନୁକାନ୍ତି ପଟେଲ, ରମା ଯାଦବ, ସୁଶାନ୍ତ ସାହୁ ସହଯୋଗ କରିଥିଲେ।

## ସଂକ୍ଷେପରେ

### ସ୍ତ୍ରୀଙ୍କୁ ମାରପିଟ ଅଭିଯୋଗରେ ସ୍ୱାମୀ ଗିରଫ

**ଜମନକିରା,୩୦।୩(ଡି.ଏନ.ଏ.):** ସ୍ତ୍ରୀଙ୍କୁ ମାରପିଟ ଅଭିଯୋଗରେ ଜମନକିରା ପୋଲିସ ଅଭିଯୁକ୍ତ ସ୍ୱାମୀଙ୍କୁ ଗିରଫ କରିଛି। ସେ ହେଲେ ଦେବଗଡ଼ ଜିଲା ଚିରୁଗୁନିଖୋଲ ଗାଁର କୁମର ମଣୀ ପଞ୍ଚା। ପୋଲିସ ସୂଚନା ଅନୁଯାୟୀ ୭ବର୍ଷ ତଳେ କୁମର ଜମନକିରା ଥାନା କସଦା ଗାଁର ମମି ପଞ୍ଚାଙ୍କୁ ପ୍ରେମ ବିବାହ କରିଥିଲେ। ତେବେ ବିବାହ କିଛିଦିନ ପରେ କୌଣସି କାରଣକୁ ନେଇ କୁମର ମମିଙ୍କ ସହ ଝଗଡ଼ା କରି ମାରପିଟ କରିଥିଲେ। ଏହାକୁ ନେଇ ମମି ନିଜ ଶ୍ୱଶୁର ଘର ଛାଡ଼ି ବାପା ଘର କସଦା ଗାଁରେ ରହୁଥିଲେ। ଏପରିସ୍ଥଳେ ବୁଧବାର କୁମର ଶ୍ୱଶୁର ଘରେ ପହଞ୍ଚି ପୁନର୍ବାର ମମିଙ୍କୁ ମାରପିଟ କରିଥିଲେ। ଗୁରୁବାର ମମି ଏ ନେଇ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା (ନଂ.୩୫/୨୩) ରୁଜୁ କରି କୁମରଙ୍କୁ ଗିରଫ କରିବା ସହ ଘଟଣାର ତଦନ୍ତ ଜାରି ରଖିଛି।

### ଗୁଡ୍ ସମରିଟାନ ସ୍କୁଲର ବାର୍ଷିକୋତ୍ସବ

**ଜମନକିରା,୩୦।୩(ଡି.ଏନ.ଏ.):** ଜମନକିରା ବ୍ଲକ ଫାସିମାଲର ଗରିଆବହାଲଠାରେ ଥିବା ଗୁଡ ସମରିଟାନ ସ୍କୁଲର ୩୦ତମ ବାର୍ଷିକୋତ୍ସବ ଗୁରୁବାର ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଫାଶୀମାଲ କନ୍ୟା ଆଶ୍ରମର ପ୍ରଧାନ ଶିକ୍ଷୟିତ୍ରୀ ଆଇରିନା ମିଞ୍ଜ ମୁଖ୍ୟଅତିଥି, ଫାଶିମାଲ ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧକ୍ଷା ଜ୍ୟୋସ୍ନାରାଣୀ ଦଳବେହେରା ମୁଖ୍ୟବକ୍ତା ଓ ଜିଲାପରିଷଦ ଜୋନ ୧ ସଭ୍ୟା ସୁଜାତା ଖୁଣ୍ଟିଆ, ଜମନକିରା ଗୁଡ ସମ୍ରିତାନ ସ୍କୁଲ ଅଧକ୍ଷା କାନ୍ତିଲତା ପଟେଲ, ଫାଶୀମାଲ ସିଆର୍‌ସିସି ଗୋପାଳଜୀ ନାଏକ, ସ୍କୁଲ କମିଟି ସଭାପତି ସୁରେନ୍ଦ୍ର ବେହେରା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସୁଶାନ୍ତ ନାଏକ ଓ ରମଣୀ ରଞ୍ଜନ ଗଉଡ ମଞ୍ଚ ପରିଚାଳନା କରିଥିବା ବେଳେ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ। ଏହି ଅବସରରେ ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ। ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

### ରାମନବମୀ ଉପଲକ୍ଷେ କୁଇଜ୍ ପ୍ରତିଯୋଗିତା

**ସମ୍ବଲପୁର,୩୦।୩(ବ୍ୟୁରୋ):** ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ୨୮ନଂ. ୱାର୍ଡ ରାଧାରାଣୀ ବିହାର (ଭାଲୁପାଲି)ଠାରେ ରାମନବମୀ ଉପଲକ୍ଷେ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ଶିଶୁମାନଙ୍କଠାରେ ପୌରାଣିକ ଜ୍ଞାନ ବିକଶିତ ହେବା ଲକ୍ଷ୍ୟରେ କର୍ମକର୍ତ୍ତାମାନେ ପ୍ରଭୁ ଶ୍ରୀ ରାମଙ୍କ ଜୟନ୍ତୀ ଦିବସରେ ପୌରାଣିକ ଆଧାରିତ କୁଇଜ୍ ପ୍ରତିଯୋଗିତା କରିଥିଲେ। ପରେ ବିଜୟୀ ଶିଶୁମାନଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ରାଧାରାଣୀ ବିହାର କମିଟି ସଭାପତି ବିଦ୍ୟାଧର ପ୍ରଧାନ, ସମ୍ପାଦକ ଶରତ ପଟ୍ଟନାୟକ, ସହସମ୍ପାଦକ ନିଶିକାନ୍ତ ବିଶ୍ୱାଳ, କୋଷାଧକ୍ଷ ରାଧେଶ୍ୟାମ ପୁରୋହିତ, ଶାନ୍ତନୁ ପଣ୍ଡା, ଅମିତ ପଣ୍ଡା, ମିହିର ପୂଜାରୀ, ମୀନକେତନ ସାହୁ, ଭବେଶ ଚୌଧୁରୀ, ବିରମିତ୍ର ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।

# ନବାଗତଙ୍କୁ ଦାୟିତ୍ୱ ନେଇ ଚର୍ଚ୍ଚା

**ଖୁବ୍‌ଶୀଘ୍ର ବବିଙ୍କ ଜିଲା ଗସ୍ତ**

■ଦଳୀୟ ସୂଚନା ଆସି ନାହିଁ: ଜିଲା ସଭାପତି

**ସମ୍ବଲପୁର,୩୦।୩(ବ୍ୟୁରୋ)**

ସମ୍ବଲପୁର ଜିଲା ପର୍ଯ୍ୟବେକ୍ଷକ ଭାବେ ଯାଜପୁର ବିଧାୟକ ତଥା ବିଜେଡି ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ (ବବି) ନିଯୁକ୍ତି ପାଇବା ପରେ ଜିଲା ବିଜେଡି ଶିବିର ଚଳଚଞ୍ଚଳ ହୋଇପଡିଛି। ଏପ୍ରିଲ ୭ରେ ବବି ସମ୍ବଲପୁର ଗସ୍ତରେ ଆସିବା ନେଇ ଚର୍ଚ୍ଚା ହେଉଛି। ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତି ପାଇବା ପରେ ଜିଲାକୁ ବବିଙ୍କ ପ୍ରଥମ ରାଜନୈତିକ ଗସ୍ତ ହେବ। ତେଣୁ ଜିଲାରେ ବିଜେଡି କର୍ମକର୍ତ୍ତା ସମରସଜ୍ଜା କରୁଥିବା ଦେଖାଯାଉଛି। ୫ହଜାରରୁ ଊର୍ଦ୍ଧ୍ୱ କର୍ମକର୍ତ୍ତାଙ୍କୁ ନେଇ ବାଇକ୍ ରାଲି, ଶୋଭାଯାତ୍ରା, ସାଧାରଣ ସଭା କରିବାକୁ ଦଳ ଯୋଜନା କରିଛି। ଏଥିପାଇଁ ଜିଲାର କେତେଜଣ ଯୁବ ଓ ନବାଗତ ନେତାଙ୍କୁ ଦାୟିତ୍ୱ ଦିଆଯାଇଛି। ରେଢାଖୋଲ ନିର୍ବାଚନ ମଣ୍ଡଳୀ, କୁଚିଣ୍ଡା ନିର୍ବାଚନ ମଣ୍ଡଳୀ, ରେଙ୍ଗାଲି ନିର୍ବାଚନ ମଣ୍ଡଳୀରେ ନବାଗତଙ୍କୁଦାୟିତ୍ୱଦିଆଯାଇଥିବାବେଳେ ସମ୍ବଲପୁର ବିଧାନସଭା ପାଇଁ ଜଣେ ବରିଷ୍ଠ ନେତାଙ୍କୁ ଦାୟିତ୍ୱ ଦିଆଯାଇଛି।

ଦଳରେ ନବାଗତଙ୍କୁ ଦାୟିତ୍ୱ ଦିଆଯିବା ଘଟଣା ଏବେ ଚର୍ଚ୍ଚାର ବିଷୟ ହୋଇଛି। ସେମାନେ ନିଜ ଅଞ୍ଚଳର ସଂଗଠକ ଓ କର୍ମକର୍ତ୍ତାଙ୍କ ସହ ଯୋଗଯୋଗ କରୁଛନ୍ତି। ବାଇକ୍ ରାଲି ପାଇଁ ଅଧିକ ସଂଖ୍ୟାରେ ଯୁବ କର୍ମକର୍ତ୍ତାଙ୍କୁ ସାମିଲ କରିବାକୁ ଚେଷ୍ଟା ଚଳାଇଛନ୍ତି। ଯୁବବର୍ଗ ମଧ୍ୟ ବେଶ୍ ଉତ୍ସାହିତ ଥିବା ଦେଖିବାକୁ ମିଳିଛି। ବାଇକ୍ ରାଲି କେଉଁଠାରୁ ଆରମ୍ଭ ହେବ, କେଉଁ ରାସ୍ତା ଦେଇ ଯିବ, ସଭା କେଉଁଠାରେ ହେବ ଓ ଚୂଡାନ୍ତ କାର୍ଯ୍ୟକ୍ରମ ତାଲିକା ଖୁବ୍‌ଶୀଘ୍ର ଆଲୋଚନା ପରେ ଜଣାପଡିବ। ଜିଲାରେ ବିଗତ କେତେବର୍ଷ ହେବ ଦଳୀୟ ସଂଗଠନ ଜଣଙ୍କ ନେତୃତ୍ୱରେ ରହୁ ନ ଥିବା ଭଳି ଜଣାପଡୁଛି। ଦଳୀୟ ଟିକେଟ, ବ୍ୟକ୍ତିଗତ ସ୍ୱାର୍ଥ, ବ୍ୟବସାୟିକ ସ୍ୱାର୍ଥ ଆଦି କାରଣ ଯୋଗୁ ନେତାମାନଙ୍କ ମଧ୍ୟରେ ମତାନ୍ତର, ମନାନ୍ତର ଦେଖିବାକୁ ମିଳିଛି। ଏବେ ସମସ୍ତଙ୍କୁ ଏକାଠି କରି ଦଳୀୟ ସଂଗଠନକୁ ଆଗେଇନେବା ବବିଙ୍କ ପାଇଁ ବଡ ଚ୍ୟାଲେଞ୍ଜ ହେବ ବୋଲି କୁହାଯାଉଛି। ଏହାଭିତରେ ଝାରସୁଗୁଡା ଉପନିର୍ବାଚନ ତାରିଖ ଘୋଷଣା ହେବା ପରେ ଦଳୀୟ ନେତାମାନଙ୍କ ଚିନ୍ତା ବଢିଯାଇଛି। ଏଭଳି ସମୟରେ ବବିଙ୍କ ଗସ୍ତ ସମ୍ବଲପୁର ପାଇଁ କ'ଣ ସଙ୍କେତ ଓ ଲାଭ ଦେବ ସମୟ କହିବ ବୋଲି ରାଜନୈତିକ ମହଲରେ ଆଲୋଚନା ହେଉଛି। ହେଲେ ଏହି ଗସ୍ତ ସମୟରେ କେଉଁ ନେତା, ମନ୍ତ୍ରୀ ଉପସ୍ଥିତ ରହିବେ ତାହା ସ୍ଥିର କରାଯାଇ ନ ଥିବା ଜଣାପଡିଛି। ଅନ୍ୟପଟେ ଦଳର ଜିଲା ସଭାପତି ସିଦ୍ଧାର୍ଥ ଦାସ କହିଛନ୍ତି, ପର୍ଯ୍ୟବେକ୍ଷକ ବବି ଦାସଙ୍କ ଗସ୍ତକୁ ନେଇ ଦଳୀୟ ଭାବେ ସେଭଳି ବିଧିବଦ୍ଧ ସୂଚନା ଆସି ନାହିଁ। ସୂଚନା ଆସିଲେ ନିଶ୍ଚିତ ଭାବେ ପ୍ରସ୍ତୁତି କରାଯିବ ବୋଲି ସେ କହିଥିଲେ।

## ଜିଲାସ୍ତରୀୟ କ୍ରେତା ବିକ୍ରେତା ସମ୍ମିଳନୀ



କ୍ରେତା ବିକ୍ରେତା ଜିଲାସ୍ତରୀୟ ସମ୍ମିଳନୀ ।

**ସମ୍ବଲପୁର,୩୦।୩(ବ୍ୟୁରୋ)**

ସମ୍ବଲପୁର ଜିଲାପରିଷଦ ସମ୍ମିଳନୀ କକ୍ଷରେ ଜିଲା ସ୍ତରୀୟ କ୍ରେତା ବିକ୍ରେତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ରମେଶ ହାଁସଦା ଅଧକ୍ଷତା କରିଥିଲେ। ଜିଲାର ସ୍ୱୟଂ ସହାୟକ ଗୋଷ୍ଠୀ, ଉତ୍ପାଦକ ଗୋଷ୍ଠୀ, ଉତ୍ପାଦକ ଅନୁଷ୍ଠାନର କର୍ମକର୍ତ୍ତାଙ୍କୁ ଉତ୍ସାହିତ କରିବା ସହ ସେମାନଙ୍କ କାର୍ଯ୍ୟଶୈଳୀ ଅନୁଧ୍ୟାନ କରିବା ପାଇଁ ସମ୍ମିଳନୀ ଆୟୋଜନ ହୋଇଥିଲା। ହିନ୍ଦୁସ୍ତାନ ସାଲେସ ମୁଖ୍ୟ ନିର୍ଦ୍ଦେଶକ ଗୋପାଳ ସାହା, ମେଟାକନି ଅନୁଷ୍ଠାନର ନିର୍ଦ୍ଦେଶକ ଆଲୋକ ଆଜାଦିୱାଲ ଅଂଶଗ୍ରହଣ କରି ଉତ୍ପାଦକ ଗୋଷ୍ଠୀଙ୍କୁ ବିକ୍ରୟର ନୂତନ କୌଶଳ ବିଷୟରେ ବୁଝାଇଥିଲେ। ସଖି ଅନୁଷ୍ଠାନ, ସମ୍ବଲପୁରୀ ବସ୍ତ୍ରାଳୟର ମୁଖ୍ୟ ନିର୍ଦ୍ଦେଶକ ବୟନ ଶିଳ୍ପରେ ପ୍ରଯୁକ୍ତି ବିଦ୍ୟାର ଆବଶ୍ୟକତା ଓ ନୂତନ ବୟନ କୌଶଳ ସହ ସମ୍ବଲପୁରୀ ବସ୍ତ୍ରର ସ୍ୱତନ୍ତ୍ର ମାପଦଣ୍ଡ ବିଷୟରେ ଆଲୋକପାତ କରିଥିଲେ। ଡା. ପୁଷ୍ପାଶ୍ରୀ ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଜିଲାର ୪୦ ସ୍ୱୟଂସହାୟକ ଗୋଷ୍ଠୀ, ଉତ୍ପାଦକ ଗୋଷ୍ଠୀ ନିଜ ଉତ୍ପାଦିତ ସାମଗ୍ରୀ ସହ ଭାଗ ନେଇଥିଲେ। ମୁଖ୍ୟ ନିର୍ଦ୍ଦେଶକ ଚିନ୍ମୟ ଶତପଥି, ହସ୍ତଶିଳ୍ପର ସହକାରୀ ନିର୍ଦ୍ଦେଶକ, ଓର୍ମାସର ସହକାରୀ ନିର୍ଦ୍ଦେଶକ ଶ୍ରୀମନ୍ତ ହୋତା ଉପସ୍ଥିତ ଥିଲେ।

## ବିଦ୍ୟାଳୟ ସମୂହ ସନ୍ତରଣ ପ୍ରତିଯୋଗିତା ଉଦ୍‌ଯାପିତ

**ସମ୍ବଲପୁର,୩୦।୩(ବ୍ୟୁରୋ)**

ଓଡ଼ିଶା ରାଜ୍ୟ ବିଦ୍ୟାଳୟ ସମୂହ ସନ୍ତରଣ ପ୍ରତିଯୋଗିତା ଗୁରୁବାର ସମ୍ବଲପୁରସ୍ଥିତ ଡାକ୍ତର ଝସକେତନ ସାହୁ ସନ୍ତରଣାଗାରଠାରେ ଉଦ୍‌ଯାପିତ ହୋଇଯାଇଛି। ଦଳଗତ ଚାମ୍ପିୟନ ଭାବେ ୧୭ବର୍ଷରୁ କମ୍ ବାଳିକା ଓ ୧୪ ବର୍ଷରୁ କମ୍ ବାଳକରେ ଭୁବନେଶ୍ୱର ଏବଂ ୧୭ବର୍ଷରୁ କମ୍ ବାଳକ ଓ ୧୪ବର୍ଷରୁ କମ୍ ବାଳିକା ବର୍ଗରେ ସମ୍ବଲପୁର ଟ୍ରଫି ହାସଲ କରିଛି। ଓଡ଼ିଶା ରାଜ୍ୟ ବିଦ୍ୟାଳୟ ସମୂହ କ୍ରୀଡା ସଂଗଠନ ଓ ସମ୍ବଲପୁର ଜିଲା ଶିକ୍ଷା କାର୍ଯ୍ୟାଳୟ ମିଳିତ ଆୟୋଜିତ ପ୍ରତିଯୋଗିତାରେ ୪ଟି ବର୍ଗରେ ଇଭେଣ୍ଟ ହୋଇଥିଲା। ଜିଲା ଶିକ୍ଷା ଅଧିକାରୀ ମୀନାରାଣୀ ମଙ୍ଗଳ ମୁଖ୍ୟଅତିଥି, ଶାରୀରିକ ଶିକ୍ଷା ସହକାରୀ ନିର୍ଦ୍ଦେଶକ କୈଳାସ ଚନ୍ଦ୍ର ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଉଭୟ ବର୍ଗର ବିଭିନ୍ନ ଇଭେଣ୍ଟରେ ସମ୍ବଲପୁର, ଝାରସୁଗୁଡ଼ା, ବଲାଙ୍ଗୀର, ଦେବଗଡ଼, ଗଞ୍ଜାମ, ଖୋର୍ଦ୍ଧା,



କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି।

ବୌଦ୍ଧ, କଟକ ପ୍ରଭୃତି ୧୦ ଜିଲାର ୮୭ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ବାଳିକା ଓ ବାଳକ ବର୍ଗରେ ୪୦୦ ମିଟର ଫ୍ରି ଷ୍ଟାଇଲ, ୨୦୦ ମିଟର ବଟରଫ୍ଲାଏ, ୨୦୦ ମିଟର ବେକ୍‌ଷ୍ଟ୍ରୋକ, ୨୦୦ ମିଟର ଫ୍ରି ଷ୍ଟାଇଲ ସନ୍ତରଣ ପ୍ରତିଯୋଗିତା ହୋଇଥିଲା। ପୁରସ୍କାର ବିତରଣ ଉତ୍ସବକୁ ଶିକ୍ଷକ ଅସିମ ପ୍ରଧାନ ପରିଚାଳନା କରିଥିବାବେଳେ ପୁରୁଣା ବଲାରଙ୍ଗା ଉନ୍ନୀତ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଦୀପାଳୀ ଚୌଧୁରୀ ଧନ୍ୟବାଦ ଦେଇଥିଲେ। ବୁଢ଼ାରଜା ସରକାରୀ ଉଚ୍ଚ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ହରି ନାରାୟଣ ପଣ୍ଡା, ଝୁଝୁମୁରା ହାଇସ୍କୁଲ ପ୍ରଧାନଶିକ୍ଷକ କୁଳଧର ପ୍ରଧାନ, ସନ୍ତରଣ ପ୍ରଶିକ୍ଷକ ଆଶୁତୋଷ ନାଏକ, ଅବସରପ୍ରାପ୍ତ କ୍ରୀଡ଼ା ଶିକ୍ଷକ ଲକ୍ଷ୍ମଣ ନାଥ, କ୍ରୀଡ଼ାଶିକ୍ଷକ ଚିତ୍ତରଞ୍ଜନ ପଣ୍ଡା, ସୌମେନ୍ଦ୍ର ଦାଶ, ସତ୍ୟ ରଞ୍ଜନ ପଣ୍ଡା, ପି. ସୁଧାଂଶୁ, ତ୍ରିବିକ୍ରମ ରଣା, ରମେଶ ବେହିରା ପ୍ରମୁଖ ଇଭେଣ୍ଟ ପରିଚାଳନା କରିଥିଲେ ।

## ପ୍ରଥମ ରେଙ୍ଗାଲି ପ୍ରିମିୟର ଲିଗ୍ ଆରମ୍ଭ

**ରେଙ୍ଗାଲି,୩୦।୩(ଡି.ଏନ.ଏ.)**

ସମ୍ବଲପୁର ଜିଲା ରେଙ୍ଗାଲିଠାରେ ଗୁରୁବାର ପ୍ରଥମ ରେଙ୍ଗାଲି ପ୍ରିମିୟର ଲିଗ ଆରମ୍ଭ ହୋଇଛି। ସ୍ଥାନୀୟ ମିନି ଷ୍ଟାଡିୟମରେ ଯୁବ ନେତା ବିଶାଳ ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ଟୁର୍ନାମେଣ୍ଟ ଉଦ୍‌ଘାଟନ କରିଥିଲେ। ରେଙ୍ଗାଲି ବ୍ଲକ ଅଧକ୍ଷ ସତ୍ୟନାରାୟଣ ଅଗ୍ରୱାଲ, ଜିଲା କ୍ରୀଡା ସଂଘ ଉପସଭାପତି ଦୁଲାଲ ଚନ୍ଦ୍ର ପ୍ରଧାନ, ସୁନୀଲ ସାହୁ, ଦେବେନ ପତି, ହିମାଂଶୁ ଶେଖର ମିଶ୍ର, ତିଳକ ବାଗ, ବ୍ରଜେନ୍ଦ୍ର ପ୍ରସାଦ ପଣ୍ଡା, ସନ୍ତୋଷ ବର୍ମା ପ୍ରମୁଖ ଉପସ୍ଥିତ ଥିଲେ। ରେଙ୍ଗାଲି ଟାଇଟନ୍ସ ଓ ଏମ୍‌ଭି ସିନର୍ଜୀ ମଧ୍ୟରେ ପ୍ରଥମ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଏଥିରେ ରେଙ୍ଗାଲି ଟାଇଟନ୍ସ ବିଜୟୀ ହୋଇଥିଲା।

## ବାସନ୍ତିକ ନବରାତ୍ର ପୂଜା

**ସମ୍ବଲପୁର,୩୦।୩ (ବ୍ୟୁରୋ)**

ସମ୍ବଲପୁର ସହର ଭୁତାପଡା ମା' ମଙ୍ଗଳାଙ୍କ ମନ୍ଦିରରେ ପୂର୍ଣ୍ଣାହୁତି ସହ ଚୈତ୍ର୍ୟ ବାସନ୍ତୀକ ନବରାତ୍ର ପୂଜା ଶେଷ ହୋଇଛି। ଅନ୍ତିମ ଦିବସରେ ନବ କନ୍ୟା ପୂଜା ଓ ଅପରାଜିତା ପୂଜା ଅନୁଷ୍ଠିତ ହୋଇଥିଲା। ୯ଦିନ ବ୍ୟାପୀ ମନ୍ଦିରର ପୂଜକ ମହେଶ୍ୱର ପଣ୍ଡା ଓ ପଣ୍ଡିତ ଆଦିତ୍ୟ ମିଶ୍ର, ପଣ୍ଡିତ ଜୟ କୃଷ୍ଣ କର ପୂଜା କାର୍ଯ୍ୟ କରିଥିଲେ। ମନ୍ଦିର କମିଟିର ରବୀନ୍ଦ୍ର ଜେନା, ରସାନନ୍ଦ ବେହେରା, ରମାକାନ୍ତ ଜେନା, ସୁଶାନ୍ତ ମହାପାତ୍ର, ବିଚ୍ଛନ୍ଦ ବେହେରା, ରାଜ କିଶୋର ନାୟକ, ସାଧବ ପ୍ରଧାନ, ପିତବାସ ବେହେରା ପ୍ରମୁଖ ସକ୍ରିୟ ସହଯୋଗ କରିଥିଲେ। ପଣ୍ଡିତ ଲକ୍ଷ୍ମୀ ନାରାୟଣ ମିଶ୍ର ଲେନ୍ ନିବାସୀ ସରୋଜ ସାହୁ ଓ ସାଗରୀକା ସପତ୍ନୀକ କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ।

## ଗୋମାଂସ ଚାଲାଣ, ଗୋହତ୍ୟା ବନ୍ଦ ଦାବି

**ସମ୍ବଲପୁର,୩୦।୩(ବ୍ୟୁରୋ)**

ସମ୍ବଲପୁର ସହରରେ ଗୋମାଂସ ଚାଲାଣ ଓ ଗୋହତ୍ୟା ସମ୍ପୂର୍ଣ୍ଣ ବନ୍ଦ କରିବାକୁ ହନୁମାନ ଜୟନ୍ତୀ ସମନ୍ୱୟ ସମିତି ପକ୍ଷରୁ ଦାବି କରାଯାଇଛି। ସ୍ଥାନୀୟ ସାମ୍ବାଦିକ ଭବନଠାରେ ସମିତି କର୍ମକର୍ତ୍ତା ଖବରଦାତା ସମ୍ମିଳନୀରେ ଅଭିଯୋଗ କରିଥିଲେ, କିଛିବର୍ଷ ହେବ ସମ୍ବଲପୁର ସହରରେ ଗୋହତ୍ୟା ସହ ଗୋମାଂସ ଚୋରା ଚାଲାଣ ବୃଦ୍ଧି ପାଇବାରେ ଲାଗିଛି। ଏହାକୁ ରୋକିବାରେ ପ୍ରଶାସନ ବିଫଳ ହୋଇଛି। ବାଂଲାଦେଶୀ ଓ ରୋହିଙ୍ଗା ମୁସଲିମ ଅନୁପ୍ରବେଶକାରୀ ବୃଦ୍ଧି ପାଇବା ଯୋଗୁ ସହରରେ ଆପରାଧିକ ଘଟଣା ବଢୁଛି। ଗୋରୁ ମାଂସ ଓ ଚାଲାଣକାରୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଆବଶ୍ୟକ। ପ୍ରଶାସନ ଏ ଦିଗରେ ତୁରନ୍ତ ପଦକ୍ଷେପ ନ ନେଲେ ସମିତି ପକ୍ଷରୁ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି। ଖବରଦାତା ସମ୍ମିଳନୀରେ ଡ଼ା. ରାଜକୁମାର ବଡ଼ପଣ୍ଡ, ସଭାପତି ଦାମୋଦର କର, କାର୍ଯ୍ୟକାରୀ ସଭାପତି ସମୀର ରଞ୍ଜନ ବାବୁ, ସମ୍ପାଦକ ନନ୍ଦ କିଶୋର ମିଶ୍ର, ମୁଖ୍ୟ ସଂଯୋଜକ ରାମଚନ୍ଦ୍ର ମେହେର, ଉପଦେଷ୍ଟା ସୁଧୀର ରଞ୍ଜନବହିଦାର ଓ ଗଣମାଧ୍ୟମ ସଂଯୋଜକ ମାନସ ରଞ୍ଜନ ବକ୍ସି ଉପସ୍ଥିତ ଥିଲେ।

## ଗଞ୍ଜେଇ ଚାଷ ନିରାକରଣ ସଚେତନତା କାର୍ଯ୍ୟକ୍ରମ




କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ।

**ନାକଟିଦେଉଳ,୩୦।୩(ଡ଼ି.ଏନ.ଏ.)**

ନାକଟିଦେଉଳ ଥାନା ଅନ୍ତର୍ଗତ ବାଟଗାଁ ଖେଳ ପଡ଼ିଆଠାରେ ଗୁରୁବାର ପୋଲିସ ପ୍ରଶାସନ ପକ୍ଷରୁ ଗଞ୍ଜେଇ ଓ ଅଫିମ ଚାଷ ନିରାକରଣ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜାମୁଯୋରୀ ଗ୍ରା.ପ.ର ପୂର୍ବତନ ସରପଞ୍ଚ ହରିହର ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ରେଢାଖୋଲ ଏସ୍‌ଡ଼ିପିଓ ପ୍ରଶାନ୍ତ କୁମାର ମେହେର ମୁଖ୍ୟଅତିଥି ଭାବେ ଯୋଗଦେଇ ଅଞ୍ଚଳରେ ବୃଦ୍ଧି ପାଉଥିବା ବେଆଇନ ଗଞ୍ଜେଇ ଓ ଅଫିମ ଚାଷ କିପରି ରୋକାଯାଇପାରିବ ସେ ଉପରେ ଗୁରୁତ୍ୱାରୋପ କରିଥିଲେ। ଏଥିସହିତ ଏହି ବେଆଇନ ଚାଷ ପାଇଁ ରହିଥିବା ଦଣ୍ଡ ବିଧାନ ଆଇନ ଉପରେ ଆଲୋକପାତ କରିଥିଲେ। କୌଣସି ସ୍ଥାନରେ ଏଭଳି ଚାଷ ହେଉଥିଲେ ତୁରନ୍ତ ସ୍ଥାନୀୟ ପୋଲିସକୁ ଖବର ଦେବାକୁ ନିବେଦନ କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ନାକଟିଦେଉଳ ଥାନା ଆଇଆଇସି କୃପାସିନ୍ଧୁ ବାଗ, ପୂର୍ବତନ ବ୍ଲକ ଅଧକ୍ଷ ସୁଦର୍ଶନ ସାହୁ, ବାଟଗାଁ ସରପଞ୍ଚ ସୌଦାମିନୀ ବେହେରା, ବାଟଗାଁ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ଅଧକ୍ଷ ରମେଶ କୁମାର ଅଗ୍ରୱାଲା ପ୍ରମୁଖ ଯୋଗଦେଇ ଆଲୋଚନା କରିଥିଲେ। ଅଧାପକ ପ୍ରଫୁଲ୍ଲ କୁମାର ପ୍ରଧାନ ଅତିଥି ପରିଚୟ ଓ ଶିକ୍ଷକ ଗୁରୁଚରଣ ବିଶ୍ୱାଳ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ପୋଲିସ ପକ୍ଷରୁ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଆୟୋଜନ କରାଯାଇ ମାଗଣାରେ ଔଷଧ ବଣ୍ଟନ କରାଯାଇଥିଲା।

## ହନୁମାନ ମନ୍ଦିରରେ ହୋମଯଜ୍ଞ

**ସମ୍ବଲପୁର,୩୦।୩(ବ୍ୟୁରୋ)**

ସମ୍ବଲପୁର ଏସ୍‌ଆର୍‌ଆଇଟି କଲୋନୀସ୍ଥିତ ହନୁମାନ ମନ୍ଦିରରେ ରାମ ନବମୀ ତିଥିରେ ସ୍ୱତନ୍ତ୍ର ହୋମଯଜ୍ଞ ହୋଇଥିଲା। ଗୁରୁବାର ପ୍ରାତଃରେ ହନୁମାନ ସ୍ୱତନ୍ତ୍ର ନୀତି ହୋଇଥିଲା । ପୂଜକ ସୁରେନ୍ଦ୍ର ତିପାଠୀ ପୂଜାର୍ଚ୍ଚନା କରିଥିଲେ। ଶାଶ୍ୱତ ସାହୁ ସପତ୍ନିକ କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ।

## ଶ୍ରୀରାମ ନବମୀ: କବରାପାଲି ଉତ୍ସବମୁଖର



କଳସ ଶୋଭାଯାତ୍ରାରେ ମହିଳାମାନେ।

**ପଡିଆବାହାଲ, ୩୦।୩(ଡି.ଏନ.ଏ.)**

ଶ୍ରୀରାମ ନବମୀ ଅବସରରେ ଝୁଝୁମୁରା ବ୍ଲକ କବରାପାଲି ଉତ୍ସବମୁଖର ହୋଇଉଠିଛି। ଗୁରୁବାର ସଂକୀର୍ତ୍ତନ ସହ କଳସ ଶୋଭାଯାତ୍ରା ନଗର ପରିକ୍ରମା କରି ମନ୍ଦିରରେ ସ୍ଥାପନା ହୋଇଛି। ରବୀନ୍ଦ୍ର ବଡାଇ ଓ ସୁବାସିନୀ ବଡାଇ କର୍ତ୍ତା ଭାବେ ଦାୟିତ୍ୱ ସଂପାଦନା କରିଥିବା ବେଳେ ପଣ୍ଡିତ ରମେଶ ଚନ୍ଦ୍ର ଦାଶ ପୂଜାର୍ଚ୍ଚନା କରୁଛନ୍ତି। ୭୫ବର୍ଷ ପୂର୍ତ୍ତି ଉପଲକ୍ଷେ ରେଢାଖୋଲ ବିଧାୟକ ତଥା ଉଚ୍ଚ ଶିକ୍ଷାମନ୍ତ୍ରୀ ଇଂ ରୋହୀତ ପୂଜାରୀ ପ୍ଲାଟିନମ ଜୁବିଲିକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ସନ୍ଧ୍ୟାରେ ଗାଦି ପୂଜାଠାରୁ ଆରମ୍ଭ କରି ରାମଜନ୍ମ, ସୀତା ବିବାହ, ରାମ ବନବାସ, ସୀତା ଚୋରି, ଲଙ୍କା ପୋଡି, କୁମ୍ଭକର୍ଣ୍ଣ ବଧ, ଇନ୍ଦ୍ରଜିତ ବଧ, ରାବଣ ବଧ ପ୍ରଭୃତି ପର୍ଯ୍ୟାୟକ୍ରମେ ୧୧ଦିନ ଧରି ଅନୁଷ୍ଠିତ ହେବ। ପ୍ରତ୍ୟହ ସଂକୀର୍ତ୍ତନ, ବାଦୀପାଲା, ପାରାୟଣ, ମହିଳା ସଂକୀର୍ତ୍ତନ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏହି ଅବସରରେ ଉଲ୍ଲେଖନୀୟ ଅବଦାନ ରଖିଥିବା ବ୍ୟକ୍ତିବିଶେଷଙ୍କୁ ସମ୍ମାନିତ କରାଯିବାର କାର୍ଯ୍ୟକ୍ରମ ଥିବା ଆୟୋଜକ କର୍ମକର୍ତ୍ତା ସୂଚନା ଦେଇଛନ୍ତି।

## ଜାତୀୟ ବଡ଼ିବିଲ୍‌ଡିଂ ପ୍ରତିଯୋଗିତା ପାଇଁ ହରିୟାଣା ଗସ୍ତ

**ସମ୍ବଲପୁର, ୩୦।୩ (ବ୍ୟୁରୋ)**

ସମ୍ବଲପୁର ଷ୍ଟେଶନରୁ ମିଷ୍ଟର ଆଣ୍ଡ ମିସ୍ ଇଣ୍ଡିଆ ଜାତୀୟ ପ୍ରତିଯୋଗିତାରେ ଭାଗ ନେବା ପାଇଁ ହରିୟଣା ଗସ୍ତ କରିଛନ୍ତି ସମ୍ବଲପୁର ଖେଳାଳି। ଏପ୍ରିଲ ୧ରୁ ୩ ତାରିଖ ପର୍ଯ୍ୟନ୍ତ ହରିୟାଣା ସନିପଥଠାରେ ପ୍ରତିଯୋଗିତା ହେବ। ଓଡିଶା କଳିଙ୍ଗ ବଡ଼ିବିଲଡିଂ ଆସୋସିଏଶନ କୋଚ ଏବଂ ପ୍ରତିଯୋଗୀ ହରିୟାଣା ଅଭିମୁଖେ ଯାତ୍ରା ଆରମ୍ଭ କରିଥିଲେ। ଏଥିରେ ୧୧ଜଣ ପୁରୁଷ ପ୍ରତିଯୋଗୀ ଓ ଜଣେ ମହିଳା ପ୍ରତିଯୋଗୀ ରହିଛନ୍ତି। ଏହି ପ୍ରତିଯୋଗୀମାନେ ଗତ ମାର୍ଚ୍ଚ ୧୯ ତାରିଖରେ ବେଲପାହାଡଠାରେ ହୋଇଥିବା ମିଷ୍ଟର ଆଣ୍ଡ ମିସ୍ ଓଡ଼ିଶାର ନିଜ ଓଜନ ବର୍ଗରେ ସ୍ୱର୍ଣ୍ଣ ପଦକ ହାସଲ କରି ଜାତୀୟ ପ୍ରତିଯୋଗିତାକୁ ଉତୀର୍ଣ୍ଣ ହୋଇଥିଲେ। ସମ୍ବଲପୁର ରେଲୱେ ଷ୍ଟେଶନଠାରେ ପ୍ରତିଯୋଗୀମାନଙ୍କୁ ସମ୍ବଲପୁର ବଡ଼ିବିଲଡିଂ ଆସୋସିଏଶନ ପକ୍ଷରୁ ସଭାପତି ସତୀଶ ବିଶିଙ୍କ ନେତୃତ୍ୱରେ ଭୋଲ ମୋହନ୍ତମ, ଆଲମ ଶାହ ପ୍ରମୁଖ ଶୁଭେଚ୍ଛା ଜଣାଇଥିଲେ ।




ସମ୍ବଲପୁର ଷ୍ଟେଶନରେ ହରିୟାଣା ଗସ୍ତ ପାଇଁ ଖେଳାଳିମାନେ ।

## ସମସ୍ୟା ପଚାରିଲେ, ସମାଧାନ ପ୍ରତିଶ୍ରୁତି ଦେଲେ

**ସମ୍ବଲପୁର/ପଡିଆବାହାଲ,୩୦।୩ (ବ୍ୟୁରୋ/ଡି.ଏନ.ଏ.)**

ରାଜ୍ୟ ଉଚ୍ଚଶିକ୍ଷା ମନ୍ତ୍ରୀ ତଥା ରେଢାଖୋଲ ବିଧାୟକ ଇଂ. ରୋହିତ ପୂଜାରୀ ଗୁରୁବାର ନିଜ ନିର୍ବାଚନ ମଣ୍ଡଳୀ ଗସ୍ତ କରିଛନ୍ତି। ଝୁଝୁମୁରା ବ୍ଲକର ଘେନୁପାଲି, ଡ଼ଙ୍ଗରପଡା, କବରାପାଲି, ବାହାମ ପଞ୍ଚାୟତର ବିଭିନ୍ନ ଗ୍ରାମ ଗସ୍ତ କରି ସେ ଲୋକଙ୍କ ସହ ଆଲୋଚନା କରିଥିଲେ। ଘେନୁପାଲି ପଞ୍ଚାୟତର ସନାତନପାଲିରେ ବିଧାୟକ ପାଣ୍ଠିରୁ ହୋଇଥିବା ଶୀତଳ ଭଣ୍ଡାରରୁ ବାରମ୍ବାର ବ୍ୟାଟେରି ଚୋରି, ସେବାଶ୍ରମ ସ୍କୁଲରେ ଶିକ୍ଷକ ଅଭାବ ସମ୍ପର୍କରେ ଲୋକେ ତାଙ୍କୁ ଜଣାଇଥିଲେ। ଡ଼ଙ୍ଗରପଡା ଭଣ୍ଡାରିମାଲରେ ଏକ ନୂତନ ସେବା ସମବାୟ ସମିତି ଗଠିତ ହୋଇଥିବାରୁ ସରପଞ୍ଚ ଅୟସକାନ୍ତ ବଡ଼ପଣ୍ଡା ଅଞ୍ଚଳ ବାସୀଙ୍କ ତରଫରୁ ସାଧୁବାଦ ଜଣାଇଥିଲେ। ଏହାସହ କଂକ୍ରିଟ ରାସ୍ତା, ପାନୀୟ ଜଳ ସମସ୍ୟା ଜଣାଇବା ସହ ସପ୍ତର୍ଷି ପାହାଡ଼କୁ ଟୁରିଷ୍ଟ ସ୍ପଟ କରିବାକୁ ଅନୁଦାନ ମଞ୍ଜୁର ପାଇଁ ଅନୁରୋଧ କରିଥିଲେ। ମନ୍ତ୍ରୀ ପୂଜାରୀ ସମସ୍ତ ଘରକୁ ପାନୀୟ ଜଳ ଯୋଗାଣ ଅଳ୍ପ ଦିନ ମଧ୍ୟରେ ହୋଇଯିବ ବୋଲି କହିବା ସହିତ ଅଞ୍ଚଳର ସବୁ ଅସମ୍ପୂର୍ଣ୍ଣ କାମ ଏମ୍‌ଜିଏନ୍‌ଆର୍‌ଇଜିଏସ୍ କିମ୍ବା ପଶ୍ଚିମ ଓଡିଶା ବିକାଶ ପରିଷଦ ଯୋଜନାରେ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ମନ୍ତ୍ରୀଙ୍କ ସହ ବ୍ଲକ ଅଧକ୍ଷା ମମତା ନାୟକ,



ମନ୍ତ୍ରୀ ରୋହିତ ପୂଜାରୀ ଲୋକଙ୍କ ସହ ଆଲୋଚନା କରୁଛନ୍ତି ।

**ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ଝୁଝୁମୁରା ଗସ୍ତ**

ବିଡ଼ିଓ ନୀଳାମ୍ବର ମହାନନ୍ଦ, ଜିଲା ପରିଷଦ ସଭ୍ୟା କବିତା ସାହୁ, ଘେନୁପାଲି ସରପଞ୍ଚ ଜଗଦ ମିର୍ଦ୍ଧା, ଡ଼ଙ୍ଗରପଡା ସରପଞ୍ଚ ବଡ଼ପଣ୍ଡା, ପ୍ରବିନ ସୁପକାର, ଶୁଭ୍ରାଂଶୁ ପାଢ଼ୀ, ଆଶୁତୋଷ ପଣ୍ଡା, ବିଜେଡି ବ୍ଲକ ସଭାପତି ବିନୋଦ ବଡ଼ପଣ୍ଡା, ଜୋନ ସଭାପତି ଦେବାଶିଷ ପରିଡା ପ୍ରମୁଖ ବହୁ କର୍ମୀ ଓ ବରିଷ୍ଠ ନାଗରିକ ଉପସ୍ଥିତ ରହିଥିଲେ। ପରେ ପଡ଼ିଆବାହାଲ ଜୟଦୁର୍ଗା ପାଠାଗାରଠାରେ ଅଞ୍ଚଳର ନେତୃମଣ୍ଡଳୀ, ବୁଦ୍ଧିଜୀବୀଙ୍କ ସହ ଆଲୋଚନା କରିଥିଲେ। ସେମାନେ ଅଞ୍ଚଳରେ ଯୁକ୍ତ ୩ କଲେଜ୍, ବାହାମ ଜଳାଶୟର ଉନ୍ନତୀକରଣ, ଆଦର୍ଶ ପୋଖରୀ ସମସ୍ୟା ସମାଧାନ ପାଇଁ ମନ୍ତ୍ରୀଙ୍କଠାରେ ଦାବି କରିଥିଲେ।

## ସଂକ୍ଷେପରେ

### ଭଡ଼ାଘରୁ ମୃତଦେହ ଜବତ: ପୋଲିସ ତଦନ୍ତ ଜାରି

**ବଲାଙ୍ଗୀର ଅଫିସ,୩୦।୩:** ବଲାଙ୍ଗୀର ସହର ରାଜୀବନଗରପଡାର ଏକ ଭଡାଘରୁ ଜଣେ ବ୍ୟକ୍ତିଙ୍କ ମୃତଦେହ ଟାଉନ ପୋଲିସ ଗୁରୁବାର ଅପରାହ୍ଣରେ ଜବତ କରିଛି। ମୃତ ବ୍ୟକ୍ତି ଜଣଙ୍କର ସଠିକ୍ ପରିଚୟ ମିଳନାହିଁ । ଘରମାଲିକଙ୍କୁ ତାଙ୍କ ନାମ ରାଜ ଭରଦ୍ୱାଜ (୫୮) ବୋଲି ପରିଚୟ ଦେଇ ସେ ନବରଙ୍ଗପୁରର ବୋଲି କହିଥିଲେ। ଦୁଇଦିନ ତଳେ ଭଡାରେ ରହିଥିବା ଭରଦ୍ୱାଜ ଗୁରୁବାର ଦୀର୍ଘ ସମୟ ଧରି ଘର କବାଟ ନ ଖୋଲିବାରୁ ଘରମାଲିକ ଟାଉନ୍ ଥାନା ପୋଲିସକୁ ଖବର ଦେଇଥିଲେ। ପୋଲିସ ଟିମ୍ ମାଜିଷ୍ଟ୍ରେଟ୍ ପୁଇଁତଲା ତହସିଲଦାର ରୋହିତ ଭୋଇଙ୍କ ଉପସ୍ଥିତିରେ ଉକ୍ତ ଘରୁ ମୃତଦେହ ଜବତ କରିଥିଲେ। ଖଟ ଉପରେ ଶୋଇବା ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିବା କୁହାଯାଇଛି। କେଉଁ କାରଣରୁ ତାଙ୍କର ମୃତ୍ୟୁ ହେଲା ତାହା ସ୍ପଷ୍ଟ ହୋଇନାହିଁ। ମୃତଦେହକୁ ପୋଲିସ ଟିମ୍ ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲ ଶବାଗାରକୁ ନେଇଥିଲେ। ବ୍ୟବଚ୍ଛେଦ ପରେ ମୃତ୍ୟୁର କାରଣ ଜଣାପଡିବ ବୋଲି କୁହାଯାଇଛି। ଭରଦ୍ୱାଜଙ୍କ ମୂଳ ଘର ଗୁଜରାଟ ଏବଂ ସେ କିଛିବର୍ଷ ହେଲା ଓଡିଶାର ନବରଙ୍ଗପୁରରେ ରହୁଥିଲେ। ସେଠାରୁ ସେ ବଲାଙ୍ଗୀର ଆସିଥିବା କୁହାଯାଇଛି। ପୋଲିସ ପକ୍ଷରୁ ଘଟଣାର ତଦନ୍ତ ଜାରି ରହିଛି।

### ରୁଗୁଡିପଡ଼ାରେ ବାସନ୍ତୀକ ଦୁର୍ଗାପୂଜା

**ବଲାଙ୍ଗୀର ଅଫିସ,୩୦।୩:** ଚୈତ୍ର ନବରାତ୍ର ଅବସରରେ ବଲାଙ୍ଗୀର ରୁଗୁଡିପଡା ଦୁର୍ଗାପୂଜା ଟ୍ରଷ୍ଟ ଆନୁକୂଲ୍ୟରେ ବାସନ୍ତିକ ଦୁର୍ଗାପୂଜା ଅନୁଷ୍ଠିତ ହେଉଛି। ପୂଜାରେ ଜଗବନ୍ଧୁ ନାୟକ ଓ ସହଧର୍ମିଣୀ ଅନୁପମା ନାୟକ କର୍ତ୍ତା ଦାୟିତ୍ୱ ତୁଲାଉଛନ୍ତି। ମୁଖ୍ୟପୂଜକ ରଘୁପତି ପୁରୋହିତ ପୂଜା କାର୍ଯ୍ୟ ପରିଚାଳନା କରୁଛନ୍ତି। ନିରଞ୍ଜନ ମହାପାତ୍ର, ବିଶେଶ୍ୱର ପୁଝାରୀ, ସତ୍ୟ ନାରାୟଣ ପଣ୍ଡା, ଲକ୍ଷ୍ମୀ ମହାରଣା, ଡମ୍ବରୁଧର ପଶାୟତ, ଭାଗରଥୀ ମହାକୁର, ବୁବୁନ ନାୟକ, ସ୍ୱସ୍ତିକ, ଶିଶିର ଏବଂ ଅଭିଷେକ ଚନ୍ଦନ ମଣ୍ଡପରେ ସହଯୋଗ କରୁଛନ୍ତି। ପୂଜା କମିଟି ସଭାପତି ଚେତନାନନ୍ଦ ପଣ୍ଡା, ଉପସଭାପତି ସଞ୍ଜୀବ ଶତପଥୀ, ପ୍ରଦୀପ ପଟ୍ଟନାୟକ, ସହସମ୍ପାଦକ କାହ୍ନୁ ବଗର୍ତ୍ତି, ଟିଙ୍କୁ ବାଗ, କୋଷାଧ୍ୟକ୍ଷ ଦେବାଶିଷ ମହାକୁର, କାର୍ଯ୍ୟକାରୀ ସଦସ୍ୟ ଶିବାନନ୍ଦ ବାଗ, ନୟନ ମହାନ୍ତି, ଶ୍ରୀକାନ୍ତ ରାଉତ ପ୍ରମୁଖ ସହଯୋଗ କରୁଛନ୍ତି। ଗୁରୁବାର ମହାନବମୀ ପୂଜା ଅନୁଷ୍ଠିତ ହେଉଛି। ୩୧ ତାରିଖରେ ଦଶମୀ ପୂଜା ଓ ଅପରାଜିତ ପୂଜା ଅନୁଷ୍ଠିତ ହେବ।

### କେନ୍ଦ୍ର ଓ ରାଜ୍ୟ କାର୍ଯ୍ୟାଳୟ ଉପରେ ୨୨ଲକ୍ଷରୁ ଊର୍ଦ୍ଧ୍ୱ ହୋଲ୍ଡିଂ ଟିକସ ବାକି

**ଟିଟିଲାଗଡ଼ ପୌର ପରିଷଦ**

**ଟିଟିଲାଗଡ,୩୦।୩ (ଡି.ଏନ.ଏ.):** ବଲାଙ୍ଗୀର ଜିଲା ଟିଟିଲାଗଡ ପୌର ପରିଷଦର କେନ୍ଦ୍ର ଓ ରାଜ୍ୟ ସରକାରୀ କାର୍ଯ୍ୟାଳୟଗୁଡିକ ଉପରେ ୨୨ ଲକ୍ଷରୁ ଊର୍ଦ୍ଧ୍ୱ ହୋଲଡିଂ ଟିକସ ବାକି ଥିବା ଜଣାପଡିଛି। ସହକାରୀ ଯନ୍ତ୍ରୀ ଜନସ୍ୱାସ୍ଥ୍ୟ, ଗୋଷ୍ଠୀ ଶିକ୍ଷା ଅଧିକାରୀ, ଉପଖଣ୍ଡ ସରକାରୀ ଡାକ୍ତରଖାନା, ଟାଟା ପାୱାର, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ପଞ୍ଚାୟତ ଶିଳ୍ପ କାର୍ଯ୍ୟାଳୟ, ରେଳ ବିଭାଗ, ପ୍ରକଳ୍ପ ଅଧିକାରୀ ଇଡକୋଙ୍କ ହୋଲଡିଂ ଟିକସ ଦୀର୍ଘ ବର୍ଷ ହେଲା ପୈଠ ନ ହୋଇ ପଡିରହିଛି। ଡିମାଣ୍ଡ ନୋଟିସ ପାଇବା ପରେ ମଧ ବିଭାଗୀୟ ଅଧିକାରୀମାନେ ସମୟ ଗଡାଇ ଚାଲିଛନ୍ତି। ଏହାଦ୍ୱାରା ପୌର ପରିଷଦର ଅନେକ କ୍ଷତି ହେଉଛି। ଏହି ସମସ୍ତ କାର୍ଯ୍ୟାଳୟକୁ ଡିମାଣ୍ଡ ନୋଟିସ ପଠାଯାଇଥିବା ନେଇ ପୌର ନିର୍ବାହୀ ଅଧିକାରୀ ବିପିନ ବିହାରୀ ଦୀପ ସୂଚନା ଦେଇଛନ୍ତି।

### ଭାରତୀୟ ଶିକ୍ଷଣ ମଣ୍ଡଳ ତରଫରୁ ଶୋକସଭା

**ବଲାଙ୍ଗୀର ଅଫିସ, ୩୦।୩:** ଭାରତୀୟ ଶିକ୍ଷଣ ମଣ୍ଡଳର ଓଡିଶା ପଶ୍ଚିମ ପ୍ରାନ୍ତ ଉପସଭାପତି ତଥା ସୋନପୁର କଲେଜର ଅବସରପ୍ରାପ୍ତ ଅଧ୍ୟକ୍ଷ ପ୍ରଫେସର ତରୁଣ କୁମାର ମିଶ୍ରଙ୍କ ମା' ସରୋଜିନୀ ମିଶ୍ର (୯୩)ଙ୍କ ବିୟୋଗରେ ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା। ଭାରତୀୟ ଶିକ୍ଷଣ ମଣ୍ଡଳ ବଲାଙ୍ଗୀର ଶାଖା ବରିଷ୍ଠ ସଦସ୍ୟ ଧର୍ମବ୍ରତ ରଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଶୋକସଭାରେ ସ୍ୱର୍ଗତା ମିଶ୍ରଙ୍କ ଆତ୍ମାର ସଦ୍‌ଗତି ପାଇଁ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା । ସଭ୍ୟ ଅଶୋକ କୁମାର ଚାନ୍ଦ ସ୍ୱର୍ଗତା ମିଶ୍ର ଜଣେ ଧର୍ମପରାୟଣା, ଉଦାର ହୃଦୟା ମହିଳା ଭାବରେ ସୁପରିଚିତା ଥିଲେ ବୋଲି କହିଥିଲେ । ଶୋକସଭାରେ ପର୍ଶୁରାମ ପଣ୍ଡା, ସତ୍ୟ ନାରାୟଣ ପାଣିଗ୍ରାହୀ, ଆଦିତ୍ୟ ଶାଶ୍ୱତ ମିଶ୍ର, ଆକୁଳ ବେହେରା ସ୍ମୃତିଚାରଣ କରିଥିଲେ।

# ୨୭ ବର୍ଷର ଶିକ୍ଷାନୁଷ୍ଠାନ, ନାହିଁ ବିଦ୍ୟୁତ୍ ସଂଯୋଗ

**ଲୋଇସିଂହା,୩୦।୩(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଅନ୍ତର୍ଗତ କୁଟେନପାଲି ଆଦିବାସୀ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ୨୦୧୬ ମସିହାରୁ ଶତପ୍ରତିଶତ ଅନୁଦାନ ଲାଭ କରି ସାରିଛି। ଇତିମଧ୍ୟରେ ଶିକ୍ଷାନୁଷ୍ଠାନକୁ ୨୭ ବର୍ଷ ହେଲାଣ। ହେଲେ ପ୍ରଶାସନିକ ଓ ରାଜନୈତିକ ଇଚ୍ଛାଶକ୍ତି ଅଭାବରୁ ବିଦ୍ୟାଳୟକୁ ଅଦ୍ୟାବଧି ବିଦ୍ୟୁତ ସଂଯୋଗ ହୋଇପାରିନାହିଁ। ଅପରପକ୍ଷେ ଛାତ୍ରୀଛାତ୍ରଙ୍କ ବୈଷୟିକ ଶିକ୍ଷା ଉପରେ ସରକାର ଗୁରୁତ୍ୱାରୋପ କରୁଛନ୍ତି। କିନ୍ତୁ ବିଦ୍ୟୁତ ସେବା ନ ଥିବାରୁ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ କମ୍ପ୍ୟୁଟର ଶିକ୍ଷାରୁ ବଞ୍ଚିତ ହେଉଛନ୍ତି। ଏହାକୁ ନେଇ ଅଭିଭାବକ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। କୁଟେନପାଲି ପଞ୍ଚାୟତର ସଦର ଗାଁ। ୧୯୯୬ରେ ଉକ୍ତ ସ୍କୁଲ ପ୍ରତିଷ୍ଠା ହୋଇଥିଲା। ଏହି ବିଦ୍ୟାଳୟ ୨୦୦୪ରେ ଅନୁଦାନପ୍ରାପ୍ତ ହୋଇ ୨୦୧୬ରେ ଶତପ୍ରତିଶତ ଅନୁଦାନ ଲାଭ କରିଛି। ଆଦିବାସୀ ବହୁଳ କୁଟେନପାଲି, ଦୁମଦୁମି, ପତ୍ରାପାଲି, ବୁଦେଲପାଲି ଅଞ୍ଚଳର ଛାତ୍ରୀଛାତ୍ର ଏଠାରେ ଅଧ୍ୟୟନ କରୁଛନ୍ତି । ଉକ୍ତ ଶିକ୍ଷାନୁଷ୍ଠାନ ଆଦିବାସୀ ଛାତ୍ରୀଛାତ୍ରଙ୍କ ପାଇଁ ଆଲୋକ ବର୍ତ୍ତିକା ସାଜିଛି । ଖୋଖୋ, କବାଡି କ୍ଷେତ୍ରରେ ଉକ୍ତ ବିଦ୍ୟାଳୟର ଉଲ୍ଲେଖନୀୟ ଅବଦାନ ରହିଛି । ଖୋଖୋରେ ରାଜ୍ୟ ଓ ଜାତୀୟସ୍ତରରେ ଛାତ୍ରୀ ଭାଗ ନେଇ ବିଦ୍ୟାଳୟର ଗୌରବ ବଢାଇଛନ୍ତି। ସେହିପରି ଶିକ୍ଷା କ୍ଷେତ୍ରର ସ୍କୁଲର ଭଲ ପ୍ରଦର୍ଶନ ରହିଛି। ୨୦୨୧-୨୨ ଶିକ୍ଷାବର୍ଷରେ ମାଟ୍ରିକ ପରୀକ୍ଷାରେ ସ୍କୁଲ ବ୍ଲକ ଟପ୍ପର ହୋଇ ପୁରସ୍କୃତ ହୋଇଛି। ୨୦୨୨ ଡିସେମ୍ବରରେ ବିଦ୍ୟାଳୟର ହିନ୍ଦୀ ଶିକ୍ଷକଙ୍କ ଦେହାନ୍ତ ପରେ ପଦବୀ ଖାଲି ପଡିଛି। ସେହିପରି ସିବିଜେଡ ଶିକ୍ଷକ ପଦବୀ ମଧ୍ୟ ଖାଲି ପଡିଥିବା ପ୍ରଧାନ ଶିକ୍ଷୟିତ୍ରୀ ସଂଯୁକ୍ତା ଉଦଗାତା କହିଛନ୍ତି। ବିଦ୍ୟାଳୟରେ ବିଦ୍ୟୁତ ନ ଥିବାରୁ ଶିକ୍ଷା ବିଭାଗ ପକ୍ଷରୁ କମ୍ପ୍ୟୁଟର ଯୋଗାଣ ହୋଇପାରିନାହିଁ। ବିଦ୍ୟୁତ ସେବା ମିଳିଲେ ଛାତ୍ରୀଛାତ୍ର ବୈଷୟିକ ଶିକ୍ଷା ପାଇ ଉପକୃତ ହୋଇପାରନ୍ତେ। ବିଦ୍ୟୁତ ସଂଯୋଗ ନେଇ ବ୍ଲକ ଅଧ୍ୟକ୍ଷଙ୍କ ଠାରୁ ଆରମ୍ଭ କରି ସ୍ଥାନୀୟ ବିଧାୟକଙ୍କ ପର୍ଯ୍ୟନ୍ତ ଦୃଷ୍ଟି ଆକର୍ଷଣ କରି ନିରାଶ ହେବାକୁ ପଡିଥିବା ଅଭିଭାବକମାନେ କ୍ଷୋଭର ସହ ପ୍ରକାଶ କରିଛନ୍ତି।



କୁଟେନପାଲି ଆଦିବାସୀ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ।

# ବିବାହିତା ମହିଳାଙ୍କ ଆତ୍ମହତ୍ୟା ଘଟଣା: ସ୍ୱାମୀ ଗିରଫ

**ଲାଞ୍ଜିଗଡ଼,୩୦।୩(ଡି.ଏନ.ଏ.)**

**ଆତ୍ମହତ୍ୟା ପାଇଁ ଉସୁକାଇଥିବା ଅଭିଯୋଗ**

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ବିଜେପୁର ଥାନା ପାହାଡ଼ପଦର ପଞ୍ଚାୟତ ବୋରପଦର ଗାଁର ଜଣେ ବିବାହିତା ମହିଳା ଆତ୍ମହତ୍ୟା କରିବା ଘଟଣାରେ ପୋଲିସ ତାଙ୍କ ସ୍ୱାମୀ ମଣ୍ଟୁ ଦୁର୍ଗାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ଯିବାକୁ ପଡ଼ିଛି। ରବିବାର ବୋରପଦର ଗାଁର ମଣ୍ଟୁ ଦୁର୍ଗାଙ୍କ ସ୍ତ୍ରୀ ମାନସୀ ଘରେ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଥିଲା। ବିଜେପୁର ଥାନା ଦାୟିତ୍ୱରେ ଥିବା ଲାଞ୍ଜିଗଡ଼ ଥାନାଧିକାରୀ ଉତ୍ତମ କୁମାର ସାହୁଙ୍କ ନେତୃତ୍ୱରେ ପୋଲିସ ମୃତଦେହ ଜବତ କରି ତଦନ୍ତ କରିବା ସହ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରିଥିଲା। ବ୍ୟବଚ୍ଛେଦ ରିପୋର୍ଟରୁ ଏହା ଆତ୍ମହତ୍ୟା ହୋଇଥିବା ସ୍ପଷ୍ଟ ହୋଇଥିଲେ ହେଁ ସ୍ୱାମୀଙ୍କ ସହିତ କଳିଝଗଡ଼ାରୁ ମାନସୀ ଆତ୍ମହତ୍ୟା କରିଥିବା ପୋଲିସ ପାରିପାର୍ଶ୍ୱିକ ତଦନ୍ତରୁ ଜାଣିବାକୁ ପାଇଥିଲା। ମାନସୀଙ୍କୁ ଆତ୍ମହତ୍ୟା କରିବାକୁ ମଣ୍ଟୁ ଉସୁକାଇଥିବା ତଥ୍ୟ ଓ ପ୍ରମାଣ ମିଳିବା ପରେ ପୋଲିସ ମଣ୍ଟୁଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ତେବେ ମା' ଆତ୍ମହତ୍ୟା ଓ ବାପ ଜେଲ ହେବା ପରେ ସେମାନଙ୍କ ଦେଢ଼ବର୍ଷର ପୁଅ ଏବେ ସମ୍ପୂର୍ଣ୍ଣ ବେସାହାରା ହୋଇପଡ଼ିଛି। ସୂଚନାଯୋଗ୍ୟ, ବଡ଼ପଡ଼ାର ମାନସୀ ପାହାଡ଼ପଦର ପଞ୍ଚାୟତ ବୋରପଦର ଗାଁର ମଣ୍ଟୁଙ୍କୁ ଭଲ ପାଇ ୨ବର୍ଷ ତଳେ ପ୍ରେମବିବାହ କରିଥିଲେ। କୌଣସି କାରଣକୁ ନେଇ ମାନସୀ ଆତ୍ମହତ୍ୟା କରିଥିଲେ। ମହିଳାଙ୍କ ପରିବାର ଲୋକେ ଘଟଣାସ୍ଥଳରେ ପହଞ୍ଚି ଝିଅକୁ ହତ୍ୟା କରି ଆତ୍ମହତ୍ୟାର ରୂପ ଦିଆଯାଉଥିବା ନେଇ ଥାନାରେ ଅଭିଯୋଗ କରିଥିଲେ। ଏ ନେଇ ଲାଞ୍ଜିଗଡ଼ ଥାନାରେ ଦଫା ୩୦୬ରେ ଏକ ମାମଲା (ନଂ ୦୭/୦୨୩) ରୁଜୁ ହୋଇଛି।



ମଣ୍ଟୁ ଦୁର୍ଗା

# ବିଲେଇସର୍ଡା ଗ୍ରାମରେ ବିମଲେଇ ମହୋତ୍ସବ ଉଦ୍‌ଯାପିତ

**ବଲାଙ୍ଗୀର ଅଫିସ,୩୦।୩**

ବଲାଙ୍ଗୀର ଜିଲା ପୁଇଁତଲା ବ୍ଲକ ଅନ୍ତର୍ଗତ ବିଲେଇସର୍ଡା ଗ୍ରାମର ମିନି ଷ୍ଟାଡିୟମଠାରେ ୩ ଦିନ ଧରି ଚାଲିଥିବା ପ୍ରଥମ ବିମଲେଇ ମହୋତ୍ସବ ଉଦ୍‌ଯାପିତ ହୋଇଛି। ଉଦ୍‌ଯାପନୀ ଉତ୍ସବରେ ବିମଲେଇ ମହୋତ୍ସବ ସଭାପତି ଭରତ ଭୂଷଣ ପ୍ରଧାନ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ବଲାଙ୍ଗୀର ଜିଲା ପରିଷଦ ଅଧ୍ୟକ୍ଷା ଦେବକୀ ସାହୁ, ସମ୍ମାନିତ ଅତିଥି ଭାବେ ବଲାଙ୍ଗୀର ମ୍ୟୁନିସିପାଲିଟି ଅଧ୍ୟକ୍ଷା ଲିକା ସାହୁ, ଜିଲା କିଶାନ କଂଗ୍ରେସ ଅଧ୍ୟକ୍ଷ ସାନନ୍ଦ ମିଶ୍ର, କଂଗ୍ରେସ ଯୁବନେତା ଶୁଭ୍ରାଂଶୁ ଶେଖର ପଣ୍ଡା ଯୋଗଦାନ କରିଥିଲେ । ବିମଲେଇ ମହୋତ୍ସବ ମୁଖ୍ୟ ଉପଦେଷ୍ଟା ଅବସରପ୍ରାପ୍ତ ଶିକ୍ଷକ କିଶୋର ଚନ୍ଦ୍ର ବିଶ୍ୱାଳ, ମଧୁସୂଦନ ପ୍ରଧାନ, ସମିତି ସଭ୍ୟ ସୁରେନ୍ଦ୍ର ବୁଡେକ, ମହୋତ୍ସବ ପରିକଳ୍ପନା କରିଥିବା ମୁଖ୍ୟ ଆୟୋଜକ ବିଲେଇସର୍ଡା ଗ୍ରାମର ସରପଞ୍ଚ ସୁଶାନ୍ତ କୁମାର ଛତ୍ରିଆ ମଞ୍ଚାସୀନ ରହି ଗ୍ରାମ ତଥା ଅଞ୍ଚଳର ଶିକ୍ଷା, ସଂସ୍କୃତି, କଳା, କୃଷି ସମେତ ବିଭିନ୍ନ ଐତିହାସିକ ତଥ୍ୟବଳୀ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ । ଏହି ଅବସରରେ ଗ୍ରାମର ଶିକ୍ଷା, ସ୍ୱାସ୍ଥ୍ୟସେବା, ସଂସ୍କୃତି , କଳା, କ୍ରୀଡା ଏବଂ ଅନ୍ୟାନ୍ୟ କାର୍ଯ୍ୟକଳାପରେ କୃତିତ୍ୱ ଅର୍ଜନ କରିଥିବା ବ୍ୟକ୍ତିବିଶେଷଙ୍କୁ ଅତିଥିମାନଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା । ୩ ଦିନ ଧରି ଚାଲିଥିବା ମହୋତ୍ସବରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ମୀନାବଜାର ଓ ରଙ୍ଗାରଙ୍ଗ କାର୍ଯ୍ୟକ୍ରମକୁ ଦର୍ଶକମାନେ ଉପଭୋଗ କରିଥିଲେ । ରାଜକୁମାର ପ୍ରଧାନ, ରଞ୍ଜନ ବିଶ୍ୱାଳ, କାହ୍ନା ଭାଟି, ରାମ ଭାଟି, ଗଗନ ରଣା, ନିରଞ୍ଜନ ବିଶ୍ୱାଳ, ମନୋଜ ସାହୁ, ଦେବାଶିଷ ବାବୁ, ରାକେଶ ପ୍ରଧାନ, ଦଶରଥ ବଡିଆ, ବୁଦ୍ଧଦେବ ରଣା, ବିଦୁ ରଣା, ବିକାଶ ପ୍ରଧାନ, ବିଶ୍ୱଜିତ ବିଶ୍ୱାଳ, ମହାଦେବ ବିଶ୍ୱାଳ, ହିମାଂଶୁ ନାଏକ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ । ପବିତ୍ର କୁମାର ଭାଟି ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସରୋଜ ରାମ ଗଡତ୍ୟା ଧନ୍ୟବାଦ ଅର୍ପଣ କରିଥିଲେ ।

# ଭୂମି ପୂଜନ, ରାମ ନବମୀ ଉତ୍ସବ




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିବୃନ୍ଦ।

**ଖଡ଼ିଆଳ,୩୦।୩(ଡି.ଏନ.ଏ.)**

**ସାବିତ୍ରୀ ମୋହନ ଧର୍ମ ସାଂସ୍କୃତିକ ଅନୁଷ୍ଠାନ**

ନୂଆପଡା ଜିଲା ଖଡ଼ିଆଳ ବ୍ଲକ ଗୋଇମୁଣ୍ଡି ସାବିତ୍ରୀ ମୋହନ ଧର୍ମ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ଖଡ଼ିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀଙ୍କ ଦ୍ୱାରା ଭିତ୍ତିପ୍ରସ୍ତର ସ୍ଥାପନ ସହିତ ରାମ ନବମୀ ଉତ୍ସବ ଅନୁଷ୍ଠିତ ହୋଇଥିଲା। ସାଂସ୍କୃତିକ ସଭାରେ ଅନୁଷ୍ଠାନ ପାଇଁ ଜମି ପ୍ରଦାନ କରିଥିବା କ୍ଷୀର ପ୍ରସାଦ ରାଉତରାୟ ଅଧ୍ୟକ୍ଷତା କରିଥିବା ବେଳେ ମୁଖ୍ୟଅତିଥି ଭାବେ ଖଡ଼ିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ, ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ପୁଷ୍ପାଞ୍ଜଳି ନନ୍ଦ, ଖଡ଼ିଆଳ ନଗରପାଳ ଉଜ୍ଜ୍ୱଳ ଗୁପ୍ତା, ଜିଲା ପରିଷଦ ସଦସ୍ୟ ଚିତରଞ୍ଜନ ବେହେରା, ବରଗାଁ ସରପଞ୍ଚ ଗୋବିନ୍ଦ ହାରୀ ବାରିକ, ଚନ୍ଦ୍ର କୁମାର ବାରିକ, ବିଧାୟକ ପ୍ରତିନିଧି ଅକ୍ଷୟ ନନ୍ଦ, ଖୁଦପେଜ ସମିତି ସଭ୍ୟ ଭାନୁମତି ମାଝି ଯୋଗଦାନ କରିଥିବା ବେଳେ ମୁଖ୍ୟବକ୍ତା ଭାବେ ଗୋଷ୍ଠି କୃଷି ଅଧିକାରୀ ସିନାପାଲି ଦୀପ୍ତିମୟୀ ବାରିକ ଯୋଗଦାନ କରିଥିଲେ। କାର୍ଯ୍ୟକ୍ରମରେ ଅନୁଷ୍ଠାନର ସମ୍ପାଦକ ତୁମେଶ୍ୱର ଚଳାନ, ସ୍ୱେଚ୍ଛାସେବୀ ପଞ୍ଚୁଶ୍ୱର ଚଳାନ, ସୁଶୀଳ ଚଳାନ, ଅଜିତ କିଶୋର ଚଳାନ, ଦେବାନନ୍ଦ ଚଳାନ, ସାମନ୍ତ ଚଳାନ, ଯୋଗେଶ ଚଳାନ, ଜଗଡା ନନ୍ଦ ରାଉତ, ନୀଳମାଧ ବାରିକ, ରାକ୍ଷୀ ପ୍ରମୁଖ ସହଯୋଗ କରିଥିଲେ। ଗ୍ରାମର ବରିଷ୍ଠ ସଦସ୍ୟ ରାମେଶର କାଣ୍ଡ, ଘାସିରାମ ଚଳାନ, ରାଜେନ୍ଦ୍ର ପ୍ରଧାନ, ପଦ୍ମନ ସିଂ ଚଳାନ, ବରିଷ୍ଠ ମହିଳା ପ୍ରଭା ମଞ୍ଜରୀ ଚଳାନ, ପ୍ରେମୋଦିନୀ ଚଳାନ, ପ୍ରମିଳା ରାଉତଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଭବାନୀ ଶଙ୍କର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
smbselfie@gmail.com



@ ପ୍ରଶାନ୍ତ



@ ଶଶିକାନ୍ତ



@ ସତ୍ୟବ୍ରତ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ନୃସିଂହ ଚତୁର୍ଦ୍ଦଶୀ ବୈଶାଖ ମେଳା ପାଇଁ ପ୍ରସ୍ତୁତି ବୈଠକ

**ଖପ୍ରାଖୋଲ,୩୦।୩(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକର ପର୍ଯ୍ୟଟନ ସ୍ଥଳୀ ହରିଶଙ୍କର ପର୍ଯ୍ୟଟନ ବିଭାଗ ଅଭ୍ୟର୍ଥନା କେନ୍ଦ୍ରଠାରେ ଆଗାମୀ ନୃସିଂହ ଚତୁର୍ଦ୍ଦଶୀ ବୈଶାଖ ମେଳା ପାଇଁ ପ୍ରସ୍ତୁତି ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ପାଟଣାଗଡ ଉପ ଜିଲାପାଳ ତଥା ଦେବୋତ୍ତର କାର୍ଯ୍ୟନିର୍ବାହୀ ଅଧିକାରୀ ଡ. ବିଜୟାନନ୍ଦ ସେଠୀ ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଖପ୍ରାଖୋଲ ବିଡିଓ ରଶ୍ମି ରଞ୍ଜନ ରାଉତ, ପାଟଣାଗଡ ତହସିଲଦାର ଲକ୍ଷ୍ମଣ ମାଝୀ ଯୋଗ ଦେଇଥିଲେ। ଏହି ଅବସରରେ ବୈଶାଖ ମେଳା ପାଇଁ ଆଲୋଚନା ହୋଇଥିଲା। ଏହାଛଡା ପୂଜା ପାଠ, ଶାନ୍ତିଶୃଙ୍ଖଳା, ପାନୀୟ ଜଳ, ଭିଡ଼ ନିୟନ୍ତ୍ରଣ, ସାଂସ୍କୃତିକ କାର୍ଯ୍ୟକ୍ରମ ଉପରେ ଆଲୋଚନା ହୋଇଥିଲା। ହରିଶଙ୍କରର ଉନ୍ନୟନ କାମ ହେଉଥିବାରୁ କିଭଳି ସୁରୁଖୁରୁରେ ମେଳା ହୋଇପାରିବ ସେନେଇ ଦେବୋତ୍ତର କମିଟି, ହରିଶଙ୍କର ମନ୍ଦିର ପରିଚାଳନା ସବ କମିଟି ସଦସ୍ୟଙ୍କ ସହ ଆଲୋଚନା ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ରାଣା ପ୍ରଧାନ, ଇନ୍ଦୁଭୂଷଣ ଠାକୁର, ଘନଶ୍ୟାମ ମେହେର, ଝାରୁ ମେହେର, ରୋହିତ ମେହେର, ଶଶୀ ପୂଝାରୀ, ଅଭୟ ତ୍ରିପାଠୀ, ବିପ୍ର ବିଶି, ଶତ୍ରୁଘ୍ନ ନାଏକ, ଗଜ ନାଗ, ସୁଶୀଲ ଗୁରୁ, ରୁଲୁ ବେହେରା, ସଦାନନ ଭୋଇ, ଧରମ ସିଂ ଧରୁଆ, ମନ୍ଦିର ପରିଚାଳକ ଗୁପ୍ତେଶ୍ୱର କୁଅଁର, ବଳରାମ ବେହେରାଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ଶେଷରେ ବିଡିଓ ରଶ୍ମି ରଞ୍ଜନ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

# ଧୁମଧାମରେ ପାଳନ ହେଲା ରାମ ନବମୀ

**ଭବାନୀପାଟଣା,୩୦।୩(ସ୍ୱ.ପ୍ର.)**

**ଜୟ ଶ୍ରୀରାମ ନାରାରେ ପ୍ରକମ୍ପିତ ହେଲା ଚତୁର୍ଦ୍ଦିଗ**

ଶ୍ରୀରାମଚନ୍ଦ୍ରଙ୍କ ଜନ୍ମୋତ୍ସବ ତଥା ପବିତ୍ର ରାମନବମୀ କଳାହାଣ୍ଡି ଜିଲାରେ ମଧ ଗୁରୁବାର ବେଶ ଧୁମଧାମରେ ପାଳିତ ହୋଇଛି। ରାମ ନବମୀ ମହୋତ୍ସବ ସମିତି ପକ୍ଷରୁ ଭବାନୀପାଟଣାଠାରେ ଶ୍ରୀରାମ ନବମୀ ପାଳିତ ହୋଇଯାଇଛି। ଜିଲାର ପ୍ରତ୍ୟେକ ରାମ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ଼ ଦେଖିବାକୁ ମିଳିଛି। ଜୟ ଶ୍ରୀରାମ ନାରାରେ ଚତୁର୍ଦ୍ଦିଗ କମ୍ପିଥିଲା। ରାମ ନବମୀ ମହୋତ୍ସବ ସମିତି ପକ୍ଷରୁ କସାକେନ୍ଦୁ ହନୁମାନ ମନ୍ଦିରରୁ ଏକ ଭବ୍ୟ ଶୋଭାଯାତ୍ରା ହୋଇଥିଲା। ଶତାଧିକ ଯୁବକଯୁବତୀ ସାମିଲ ହୋଇଥିଲେ। ରାମ ନାମ ଗାନ କରି ସହର ପରିକ୍ରମା କରିବା ସହ ସହରର ରାମସ୍ୱାମୀ ମନ୍ଦିରରେ ପହଞ୍ଚି ଭଜନ ସମାରୋହ ଅନୁଷ୍ଠିତ ହୋଇଥିଲା। କେବଳ ଯେ ଭବାନୀପାଟଣା ନୁହେଁ ଜୁନାଗଡ଼, ଧର୍ମଗଡ଼ ଆଦି ଜିଲାର ବିଭିନ୍ନ ସହର ଓ ଗାଁରେ ପାଳନ କରାଯାଉଛି। ସେହିପରି କୋକସରା ଗୁଡ଼ହାଣ୍ଡି ଡୋକରି ଚଞ୍ଚରାରେ ଥିବା ରାମ ମନ୍ଦିରରେ ଗୁରୁବାରଠାରୁ ରାମ ନବମୀ ଉତ୍ସବ ଆରମ୍ଭ ହୋଇଛି। ଏହା ୯ ଦିନ ଧରି ଚାଲିବ। ରାମ ନବମୀକୁ ନେଇ ଜିଲା ପୋଲିସ ପକ୍ଷରୁ ସମସ୍ତ ମନ୍ଦିର ଛକରେ ପୋଲିସ ଫୋର୍ସ ମୁତୟନ କରାଯାଇଥିବା ଦେଖିବାକୁ ମିଳିଛି।

ଭବାନୀପାଟଣାରେ ରାମନବମୀରେ ଆୟୋଜିତ ବିଶାଳ ଶୋଭାଯାତ୍ରା।



# ଆରମ୍ଭ ହେଲା ବୌଦ୍ଧର ରାମଲୀଳା

**ବୌଦ୍ଧ, ୩୦।୩(ସ୍ୱ.ପ୍ର)**

ଗଡଜାତ ବୌଦ୍ଧର ଗଣପର୍ବ ରାମଲୀଳା ଉତ୍ସବ ପବିତ୍ର ରାମନବମୀ ଠାରୁ ସ୍ଥାନୀୟ ରଘୁନାଥ ଜୀଉ ମନ୍ଦିର ପ୍ରାଙ୍ଗଣସ୍ଥ ମାରୁତୀ ମଣ୍ଡପ ଠାରେ ଆରମ୍ଭ ହୋଇଛି। ରାମ ନବମୀ ଉତ୍ସବ ଅବସରରେ ସାରା ବୌଦ୍ଧ ସହର ଚଳଚଞ୍ଚଳ ରହିବା ସହିତ ଯାତ୍ରାନୁଷ୍ଠାନ ରାମଲୀଳା ନାଟ୍ୟ ସଂସଦର ସମସ୍ତ ସଦସ୍ୟ ୧୮ ଦିନ ପରମ୍ପରା ଅନୁଯାୟୀ ବ୍ରତ ଧାରଣ କରିଛନ୍ତି। ସହର ଦେଇ ଯାଇଥିବା ମହାନଦୀର ହନୁମାନ ମନ୍ଦିର ନିକଟରୁ ମହାନଦୀର ପବିତ୍ର ଜଳକୁ ୧୦୮ କଳସୀରେ ଏକ ବିରାଟ ଶୋଭାଯାତ୍ରାରେ ନେଇ ମାରୁତୀ ମଣ୍ଡପଠାରେ ସ୍ଥାପନ କରାଯାଇଛି। ଏହି କଳସ ଶୋଭାଯାତ୍ରା ମହିଳାଙ୍କ ଦ୍ୱାରା ଅନୁଷ୍ଠିତ ହୋଇଥିଲା । ଶ୍ରଦ୍ଧାଳୁମାନେ ଦିନ ତମାମ ରଘୁନାଥ ଜୀଉ ମନ୍ଦିରରେ ଭିଡ ଜମାଇ ରାମନବମୀ ପୂଜନୋତ୍ସବରେ ଅଂଶଗ୍ରହଣ କରିଛନ୍ତି। ବିରଳ ପରମ୍ପରା ଓ ଭାଇଚାରାର ନିଦର୍ଶନ ଦେଖାଇ ଏହି ପବିତ୍ର ଦିନରେ ସହରର ମୁସଲମାନ ଭାଇମାନେ ଗୁରୁବାର ଜୀବ ହତ୍ୟା ବନ୍ଦ କରିବା ସହିତ ସମ୍ପୂର୍ଣ୍ଣ ମାଂସ ଓ ମାଛ ବଜାର ବନ୍ଦ ରହିଛି। ସନ୍ଧ୍ୟାରେ ସମସ୍ତଙ୍କ ଘର ଆଗରେ କଳସ ବସାଇବା ସହ ଦୀପ ଜାଳିଥିଲେ। ଯାତ୍ରାରେ ଅଂଶଗ୍ରହଣ କରିଥିବା ବ୍ରତୀମାନେ ଗୁରୁବାରଠାରୁ ନିଜସ୍ୱ ଗୃହ ତ୍ୟାଗ କରିଛନ୍ତି। ଏହି ଯାତ୍ରା ସମୟରେ ସମସ୍ତ ବ୍ରତୀ ଗୋଟିଏ ଓଳି ହବିଷ୍ୟାନ୍ନ ଭକ୍ଷଣ କରିବା ସହିତ ସମସ୍ତ ସୁଖ ସ୍ୱାଚ୍ଛନ୍ଦକୁ ତ୍ୟାଗ କରି ଭୂମିରେ ଶୋଇବା ପାଇଁ ସଂକଳ୍ପ ବଦ୍ଧ ହୋଇଛନ୍ତି। ୧୮ ଦିନ ଧରି ରାମଲୀଳା ଅବସରରେ ଭଗବାନ ଶ୍ରୀରାମଙ୍କ ଜୀବନ ଚରିତକୁ ମାରୁତୀ ମଣ୍ଡପ ଠାରେ ବ୍ରତୀମାନଙ୍କ ଦ୍ୱାରା ନାଟକ ପ୍ରଦର୍ଶିତ କରାଯିବ। ପରମ୍ପରା ଅନୁଯାୟୀ ପ୍ରଥମ ଦିବସରେ ଭଗବାନ ଶ୍ରୀରାମଙ୍କ ସହିତ ତାଙ୍କର ଅନ୍ୟ ଭ୍ରାତାମାନଙ୍କ ଜନ୍ମ ବୃତାନ୍ତକୁ ଯାତ୍ରା ନାଟକ ଶୈଳୀରେ ପରିବେଷଣ କରାଯାଇଛି। ସନ୍ଧ୍ୟା ସମୟରୁ ଏହି ଯାତ୍ରା ଆରମ୍ଭ ହୋଇ ରାମାୟଣ ପାରାୟଣ, ଭଜନ ସନ୍ଧ୍ୟା ଓ ନିର୍ବାକ୍ ନୃତ୍ୟ ନାଟିକା ପରେ ପ୍ରତିଦିନ ରାତିସାରା ରାମାୟଣର କଥାବସ୍ତୁକୁ ନେଇ ଯାତ୍ରା ନାଟକ ଶୈଳୀରେ ନାଟକ ଚାଲୁ ରହିବ।


ମହିଳାଙ୍କ ଦ୍ୱାରା ମହାନଦୀ ଘାଟରୁ କଳସ ଶୋଭାଯାତ୍ରା।

- ମହିଳାଙ୍କ ଦ୍ୱାରା କଳସ ଶୋଭାଯାତ୍ରା
- ୧୮ ଦିନ ଧରି ମାରୁତି ମଣ୍ଡପରେ ଚାଲିବ କାର୍ଯ୍ୟକ୍ରମ
- ଶ୍ରୀରାମଙ୍କ ଜୀବନ ଚରିତଙ୍କୁ ନେଇ ପ୍ରଦର୍ଶନ ହେବ ନାଟକ

ବରିଷ୍ଠ ନାଟ୍ୟକାର ହୃଦାନନ୍ଦ ମେହେରଙ୍କ ଦ୍ୱାରା ଲିଖିତ ନାଟକ କଥାବସ୍ତୁକୁ ବର୍ଷିୟାନ ନିର୍ଦ୍ଦେଶକ ଭବାନୀଶଙ୍କର ମହାପାତ୍ର ଓ ଯୁବ ସଙ୍ଗୀତକାର ତୁଷାରକାନ୍ତ ପଟ୍ଟନାୟକ ନିର୍ଦ୍ଦେଶନା ଦେଇଛନ୍ତି। ରାମଲୀଳା ନାଟ୍ୟ ସଂସଦର ସଭାପତି ଭାବରେ ମୃତ୍ୟୁଞ୍ଜୟ ମିଶ୍ର, ସମ୍ପାଦକ ଭାବରେ ମନୋଜ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ଏହି ଯାତ୍ରା ଆରମ୍ଭ ହୋଇଛି। ବୌଦ୍ଧରେ ଗଣପର୍ବର ମାନ୍ୟତା ପାଇସାରିଥିବା ଏହି ରାମଲୀଳା ଯାତ୍ରା ଜିଲାର ବାଉଁଶୁଣୀ, ବରଝୁଲି, କେଳାକଟା, ସରସରା, ବାମଣ୍ଡା, ଗୋବିନ୍ଦପୁର, ପୋଲାମ, ନାରାୟଣ ନଗର, ଦେବଗଡ ଓ ତେଲିବନ୍ଧ ସମେତ ଅନେକ ଗ୍ରାମରେ ପ୍ରତିବର୍ଷ ପରି ପାରମ୍ପରିକ ନିତିରେ ଆରମ୍ଭ ହୋଇଛି। ଚଳିତ ବର୍ଷ ରାମଲୀଳା ଯାତ୍ରାକୁ ଅଧିକ ସରସ ସୁନ୍ଦର କରିବା ପାଇଁ ଆସନ୍ତ ୧୦ତାରିଖଠାରୁ ମିନାବଜାର ପ୍ରଦର୍ଶନ କରାଯିବାର କାର୍ଯ୍ୟକ୍ରମ ରହିଛି।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
smbselfie@gmail.com


@ ପ୍ରଶାନ୍ତ


@ ଶଶିକାନ୍ତ


@ ସତ୍ୟବ୍ରତ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଖଣ୍ଡହତାରେ ଶହୀଦ ବାର୍ଷିକୀ ସ୍ମୃତିସଭା

**ବରଗଡ଼ ଅଫିସ୍,୩୦।୩**

ବରଗଡ଼ ବ୍ଲକ ଅଧୀନ ଖଣ୍ଡହତା ସ୍ଥିତ ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ଶହୀଦ ରଞ୍ଜନ ଦାଶଙ୍କ ସପ୍ତମ ଶହୀଦ ବାର୍ଷିକୀ ସ୍ମୃତିସଭା ପାଳିତ ହୋଇଛି। ଶହୀଦ ରଞ୍ଜନ ଦାଶ ସ୍ମୃତି କମିଟି ସଭାପତି ଅଶୋକ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ସମ୍ବଲପୁର ସିଆର୍‌ପିଏଫ୍ ଗ୍ରୁପ୍ ସେଣ୍ଟରର ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ସୁଶାନ୍ତ କୁମାର ସାହୁ ମୁଖ୍ୟଅତିଥି, ବରଗଡ଼ ମହିଳା କଲେଜର ଅଧ୍ୟକ୍ଷ ଡଃ ପ୍ରଦୀପ କୁମାର ହୋତା ମୁଖ୍ୟବକ୍ତା, ବଲାଙ୍ଗୀର ଭୀମ ଭୋଇ ଡାକ୍ତରଖାନାର ଡା. ସୁବ୍ରତ କୁମାର ପ୍ରଧାନ, ପ୍ରଧାନ ଶିକ୍ଷକ ପ୍ରଦୀପ କୁମାର ସାହୁ, କମିଟି ସମ୍ପାଦକ ରିଲୁ ଶତପଥି, ଶହୀଦଙ୍କ ବଡ଼ଭାଇ ଉତ୍ତମ ଦାଶ ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଅତିଥିବୃନ୍ଦ ଶହୀଦ ରଞ୍ଜନ ଦାଶଙ୍କ ସ୍ମୃତିଚାରଣ କରିଥିଲେ। ଭକ୍ତବନ୍ଧୁ ଧରେଇ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ନାରାୟଣ ନାଗ ମଞ୍ଚ ପରିଚାଳନା କରିଥିଲେ। ଶହୀଦଙ୍କ ସମାଧି ପୀଠରେ ଅତିଥିବୃନ୍ଦ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ଏହି ଅବସରରେ ପାର୍ବତୀ ଗିରି ବୃଦ୍ଧାଶ୍ରମର ପରିଚାଳକ ଜଳନ୍ଧର ପଟେଲ, ଡା. ସୁବ୍ରତ କୁମାର ପ୍ରଧାନ, ବଂଶୀବାଦକ ମୀନକେତନ ଭୋଇଙ୍କ ସମେତ ସାମାଜିକ ଅନୁଷ୍ଠାନ ସଂକଳ୍ପ ଓ ନିଷ୍ଠା ପରିବାରକୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ପାଦକ ଶତପଥି ବିବରଣୀ ପାଠ କରିଥିବାବେଳେ ଭକ୍ତବନ୍ଧୁ ଧରେଇ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ସାମାଜିକ ଅନୁଷ୍ଠାନର ସଭ୍ୟାସଭ୍ୟଙ୍କ ସମେତ ବହୁ ସଚେତନ ନାଗରିକ, ସ୍ମୃତି କମିଟି ସଭ୍ୟବୃନ୍ଦ ଉପସ୍ଥିତ ଥିଲେ।



ଶହୀଦ ବାର୍ଷିକୀ ସ୍ମୃତି ସଭାରେ ଅତିଥିବୃନ୍ଦ।

# ଛାତ୍ର, ଶିକ୍ଷକ ମଧ୍ୟରେ ଉତ୍ତମ ସମନ୍ୱୟ ରହିବା ଆବଶ୍ୟକ



ଅତିଥିମାନେ କୃତୀ ଛାତ୍ରୀଙ୍କୁ ପୁରସ୍କୃତ କରୁଛନ୍ତି।

### ଏମ୍ସ ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ

**ଅମରପାଲି,୩୦।୩(ଡି.ଏନ.ଏ.)**

ଛାତ୍ରୀଛାତ୍ରମାନେ ଦେଶର ଭବିଷ୍ୟତ। ଉତ୍ତମ ଛାତ୍ର ଭବିଷ୍ୟତରେ ଉତ୍ତମ ରାଷ୍ଟ୍ର ଗଠନରେ ସହାୟକ ହୋଇଥାନ୍ତି। ପିଲାଙ୍କ ଚରିତ୍ର ଗଠନ ଶିକ୍ଷାନୁଷ୍ଠାନରେ ହୋଇଥାଏ। ତେଣୁ ଶିକ୍ଷକମାନେ ଉତ୍ତମ ଶିକ୍ଷା ଦେଇ ରାଷ୍ଟ୍ରଗଠନର ଦାୟିତ୍ୱ ନେବା ଆବଶ୍ୟକ। ସୁବର୍ଣ୍ଣପୁର ଜିଲା ବୀରମହାରାଜପୁରସ୍ଥିତ ଏମ୍ସ ପବ୍ଲିକ ସ୍କୁଲର ଦଶମ ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥିମାନେ ନିଜ ନିଜ ବକ୍ତବ୍ୟରେ ଏହା ପ୍ରକାଶ କରିଛନ୍ତି। ଅନୁଷ୍ଠାନ ଅଧକ୍ଷା ସୁଚିସ୍ମିତା ପଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବାର୍ଷିକ ଉତ୍ସବରେ ବୀରମହାରାଜପୁର ବ୍ଲକ ଅଧକ୍ଷା ଶାନ୍ତି ଲୁହା ମୁଖ୍ୟଅତିଥି ଓ ବ୍ଲକ ଉପାଧ୍ୟକ୍ଷ ନାରାୟଣ ଲୁହା, ଯୁଗଳ କିଶୋର ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବୀରମହାରାଜପୁର ଜୋନ ୧ ଜିଲା ପରିଷଦ ସଭ୍ୟ ଲବକୁମାର ସାହୁ ମୁଖ୍ୟବକ୍ତା ଭାବେ ଯୋଗଦେଇ ଛାତ୍ର, ଶିକ୍ଷକ ଓ ଅଭିଭାବକଙ୍କ ମଧ୍ୟରେ ଉତ୍ତମ ସମନ୍ୱୟ ରହିବା ଆବଶ୍ୟକ ବୋଲି ମତ ପ୍ରକାଶ କରିଥିଲେ। ଅନୁଷ୍ଠାନର କୁନି କୁନି ଛାତ୍ରୀଛାତ୍ର ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ଏମ୍ସ ପବ୍ଲିକ ସ୍କୁଲର ପରିଚାଳକ ଡ. ମନୋଜ କୁମାର ମହାପାତ୍ରଙ୍କ ପରିଚାଳନାରେ ଆୟୋଜିତ ସଭାରେ ବିଦ୍ୟାଳୟରେ ପୂର୍ବରୁ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ବିଦ୍ୟାଳୟରେ ସର୍ବାଧିକ ଉପସ୍ଥାନ ଥିବା ଛାତ୍ରୀ ଅନନ୍ୟା ମେହେରଙ୍କୁ କଳ୍ପନା ଚାୱଲା ସମ୍ମାନ, ଶ୍ରେଷ୍ଠ ଛାତ୍ରୀ ଭାବେ ଶୁଭସ୍ମିତା ପାଢୀଙ୍କୁ ଡ. ଏ.ପି.ଜେ ଅବଦୁଲ କଲାମ ସମ୍ମାନ, ଶୃଙ୍ଖଳିତ ଛାତ୍ରୀ ଭାବେ ସାନଭି ସନ୍ୟା ଜୁଏଡଙ୍କୁ ମଦର ଟେରେସା ସମ୍ମାନ, ଶ୍ରେଷ୍ଠ ଅଭିଭାବକ ଭାବେ ସଞ୍ଜୁକ୍ତା ପୁରୋହିତ ଓ ନୀଳକମଳ ମିଶ୍ରଙ୍କୁ ସମ୍ମାନିତ କରାଯାଇଥିଲା। ଏହାସହିତ ଶ୍ରେଷ୍ଠ ଶିକ୍ଷକ ଭାବେ ହରିପ୍ରିୟା ପାଣିଗ୍ରାହୀଙ୍କୁ ଉପସ୍ଥିତ ଅତିଥିମାନେ ସମ୍ମାନିତ କରିଥିଲେ। ଶେଷରେ ଶିକ୍ଷୟିତ୍ରୀ ରଶ୍ମିତା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ସଭା ପରେ ଅନୁଷ୍ଠାନର କୁନି କୁନି ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। କାର୍ଯ୍ୟକ୍ରମରେ ଅନୁଷ୍ଠାନର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ କର୍ମଚାରୀ ଏବଂ ଅଭିଭାବକମାନେ ଉପସ୍ଥିତ ଥିଲେ। ଏହି ଅବସରରେ ସ୍କୁଲର ନିଜସ୍ୱ ଜମିରେ ନୂତନ ସ୍କୁଲ କୋଠା ନିର୍ମାଣ ପାଇଁ ଅତିଥିମାନେ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ।

# ଉର୍ଲେ, ଚରଦାରେ ରାମଲୀଳା ଆରମ୍ଭ

**ବିନିକା,୩୦।୩( ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ବିନିକା ସହରର ୱାର୍ଡ ୧୦ ଉର୍ଲେ ଓ ଚରଦା ଗ୍ରାମରେ ଗୁରୁବାର ରାମନବମୀ ରାମଲୀଳା ଆରମ୍ଭ ହୋଇଛି। ପୂର୍ବାହ୍ନରେ ଉର୍ଲେ ଗ୍ରାମବାସୀ ସ୍ଥାନୀୟ ରଘୁନାଥ ମନ୍ଦିରରେ ଏକତ୍ରିତ ହୋଇ ସନ୍ଧ୍ୟା ପର୍ଯ୍ୟନ୍ତ ଭଜନ କୀର୍ତ୍ତନ କରି ନିରାଡମ୍ବର ଭାବରେ ପ୍ରଭୁଙ୍କ ପୂଜାର୍ଚ୍ଚନା କରିଥିଲେ। ଏଥିରେ ପୂଜକ ଭାବେ ସର୍ବେଶ୍ୱର ପୁରୋହିତ, କର୍ତ୍ତା ଭାବେ ରଞ୍ଜିତ ପଣ୍ଡା ଓ ତାଙ୍କ ଧର୍ମପତ୍ନୀ ଲିପିକା ପଣ୍ଡା ଦାୟିତ୍ୱ ତୁଲାଇଥିଲେ। ପରେ ରାମଲୀଳା ନାଟକ ପରିବେଷିତ ହୋଇଥିଲା। ରୀତିନୀତି ଅନୁଯାୟୀ ପ୍ରଭୁଙ୍କ ରାମ ଜନ୍ମ, ବ୍ରତୋପନୟନ, ଜାଗ ରକ୍ଷା, ତାଡକାସୁର ବଧ କରାଯାଇଥିଲା । ରାମ ଭୂମିକାରେ ବନମାଳୀ ମିଶ୍ର, ଲକ୍ଷ୍ମଣ ପପୁନ ମିଶ୍ର, ସୀତା ବିନୋଦ କୁଅଁର, ତାଡକା ଗୋପୀନାଥ ପଣ୍ଡା, ଦଶରଥ ଗିରିଶ ମିଶ୍ର, ବିଶ୍ୱାମିତ୍ର ଗୁଞ୍ଜୁ ପଣ୍ଡାଙ୍କ ଅଭିନୟ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ରଘୁନାଥ ନାଟ୍ୟସଂସଦ ତରଫରୁ ଅଭିଜ୍ଞ କଳାକାରମାନଙ୍କ ଅଭିନୟ ଶୈଳୀ ଓ ବିଭିନ୍ନ ଦୃଶ୍ୟ ଦେଖିବା ପାଇଁ ଏଥର ବହୁ ଶ୍ରଦ୍ଧାଳଙ୍କ ଭିଡ଼ ହୋଇଥିଲା। ତେବେ ୧୮ଦିନ ଧରି ହେବାକୁ ଥିବା ମହୋତ୍ସବ ପରିଚାଳନାରେ ଗ୍ରାମବାସୀ ସହଯୋଗ କରୁଥିବା ଦେଖାଯାଇଛି। ସେହିପରି ବ୍ଲକର ଚରଦା ରଘୁନାଥ ନାଟ୍ୟସଂସଦ ପକ୍ଷରୁ ଅନୁଷ୍ଠିତ ରାମଲୀଳା ୨୧ଦିନ ଧରି ଚାଲିବ। ସଂସଦର ସଭାପତି ନୀଳାମ୍ବର ଥନାପତି ଓ ସମ୍ପାଦକ ପଦ୍ମନାଭ ଥନାପତିଙ୍କ ତତ୍ତ୍ୱାବଧାନରେ ପୂଜକ ମୁକୁନ୍ଦ ପୁରୋହିତ ପୂଜା କାର୍ଯ୍ୟ ସମ୍ପାଦନା କରିଥିଲେ।

# ଶ୍ରୀରାମ ନବମୀରେ ଗାଁଠୁ ସହର ଉତ୍ସବମୁଖର

**ସୋନପୁର,୩୦।୩(ନି.ପ୍ର.)**

ଗୁରୁବାର ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀରାମଚନ୍ଦ୍ରଙ୍କ ଜନ୍ମତିଥି ଶ୍ରୀରାମ ନବମୀ ଅବସରରେ ସୁବର୍ଣ୍ଣପୁର ଜିଲାର ଗାଁଠୁ ସହର ଉତ୍ସବ ମୁଖର ହୋଇଉଠିଛି। ଜିଲାର ରାମମନ୍ଦିର ଓ ହନୁମାନ ମନ୍ଦିରଗୁଡିକରେ ଶ୍ରୀରାମ ନବମୀ ଉତ୍ସବ ମହାସମାରୋହରେ ସମ୍ପନ୍ନ ହୋଇଛି। ପୂଜା ପାଇଁ ମନ୍ଦିରଗୁଡିକରେ ସକାଳଠାରୁ ଶ୍ରଦ୍ଧାଳୁଙ୍କ ଭିଡ ଲାଗିଥିଲା। ମହିଳା ଓ ପୁରୁଷମାନେ ଉପବାସ କରି ପୂଜା କରିଥିଲେ। ମନ୍ଦିର ସମ୍ମୁଖରେ ନାମ ସଂକୀର୍ତ୍ତନ, ରାମ ଜନ୍ମକଥା ପାରାୟଣ ଓ ହନୁମାନ ଚାଳିଶା ପାଠ ଭଳି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ମଝିପଡା ରାମମନ୍ଦିର, ରାମଜୀନଗର ରାମମନ୍ଦିର, ଘୋଡାଘାଟପଡାର ହନୁମାନ ମନ୍ଦିର, ଗଡଭିତର ହନୁମାନ ମନ୍ଦିର, ମଝିପଡା ହନୁମାନ ମନ୍ଦିର, ସ୍ପିନିଂ ମିଲ୍ ସମ୍ମୁଖ ବାଲାଜୀ ମନ୍ଦିର ଓ ସୋନପୁର ଜେଲ କଲୋନୀ ପରିସରରେ ଥିବା ହନୁମାନ ମନ୍ଦିର ପ୍ରାଙ୍ଗଣରେ ବିଭିନ୍ନ ଧାର୍ମିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଶ୍ରୀରାମ ନବମୀ ଅବସରରେ ଜେଲ କଲୋନୀରେ ବୁଧବାର କଳସଯାତ୍ରା ଅନୁଷ୍ଠିତ ହୋଇଥିଲା। ଗୁରୁବାର ସକାଳେ ରାମଜନ୍ମ କଥା ପାରାୟଣ ହୋଇଥିଲା। ସେହିପରି ସନ୍ଧ୍ୟାରେ ଭଜନ ସନ୍ଧ୍ୟା ଅନୁଷ୍ଠିତ ହୋଇଥିଲା। ସୋନପୁର ସହରର ଘୋଡାଘାଟପଡାରେ ଓ ସୋନପୁର ବ୍ଲକର କୁଲିପାଲଇରେ ଗୁରୁବାର ଠାରୁ ରାମ ଜନ୍ମ ନାଟକ ଆରମ୍ଭ ହୋଇଛି। ଡୁଙ୍ଗୁରିପାଲି ବ୍ଲକର ରାମପୁରରେ ଶ୍ରୀରାମ ନବମୀ ଅବସରରେ ଏକ ବିରାଟ ଶୋଭାଯାତ୍ରା ଗୁରୁବାର ଗାଁ ପରିକ୍ରମା କରିଥିଲା।


ଶ୍ରୀରାମ ନବମୀ ଅବସରରେ ମଝିପଡା ରାମମନ୍ଦିର ସମ୍ମୁଖରେ ନାମ ସଂକୀର୍ତ୍ତନ କରାଯାଉଛି।

# କୃଷି ଯନ୍ତ୍ରପାତି ବ୍ୟବହାର, କୃଷକର ଆୟ ବୃଦ୍ଧି ଉପରେ ଗୁରୁତ୍ୱ

**ସୋନପୁର,୩୦।୩(ନି.ପ୍ର.)**

ସୋନପୁର କୃଷି ବିଜ୍ଞାନ କେନ୍ଦ୍ର ପରିସରରେ ଅନୁସୂଚିତ ଜାତି ଉପଯୋଜନା ଅନ୍ତର୍ଗତ କୃଷକ ମେଳା ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱରସ୍ଥିତ ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ(ଓୟୁଏଟି) ଅଧୀନ କୃଷି ଯାନ୍ତ୍ରିକ ଓ ବୈଷୟିକ ମହାବିଦ୍ୟାଳୟ ସହଯୋଗରେ ଏହି ମେଳା ଆୟୋଜିତ ହୋଇଥିଲା। ଏହି ଅବସରରେ ଭାରତୀୟ କୃଷି ଅନୁସନ୍ଧାନ ପରିଷଦ(ଆଇସିଏଆର) ପ୍ରକଳ୍ପ ଅନ୍ତର୍ଗତ ପ୍ରାଣୀ ଶକ୍ତିର ସଦୁପଯୋଗ କରି କୃଷିର ବିକାଶ ଉପରେ ଆଲୋଚନା କରାଯାଇଥିଲା। ମେଳାରେ ଅନୁସୂଚିତ ଜାତି ବର୍ଗର ୨୦୦ରୁ ଊର୍ଦ୍ଧ୍ୱ ମହିଳା ଓ ପୁରୁଷ ଚାଷୀ ଯୋଗଦାନ କରିଥିଲେ। ସୋନପୁର କୃଷି ବିଜ୍ଞାନ କେନ୍ଦ୍ର(କେଭିକେ)ର ମୁଖ୍ୟ ତଥା ବରିଷ୍ଠ ବୈଜ୍ଞାନିକ ଡ. ବିଶ୍ୱରଞ୍ଜନ ପଟ୍ଟନାୟକ କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ। ଗବେଷଣା ନିର୍ଦ୍ଦେଶାଳୟ ଓ ସମ୍ପ୍ରସାରଣ ନିର୍ଦ୍ଦେଶାଳୟ ଓୟୁଏଟିର ଅଧ୍ୟକ୍ଷ ପ୍ରଫେସର ସଂଗ୍ରାମ କେଶରୀ ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗଦାନ କରି କୃଷି ଯନ୍ତ୍ରପାତିର ବ୍ୟବହାର ଓ କୃଷକର ଆୟ ବୃଦ୍ଧି ଉପରେ ଗୁରୁତ୍ୱାରୋପ କରିଥିଲେ। ପ୍ରାଣୀ ସମ୍ପଦର ବିନିଯୋଗ କରି ଆଧୁନିକ ପ୍ରଣାଳୀରେ ଚାଷ କରିବା ସମ୍ପର୍କରେ ପ୍ରଫେସର ସ୍ୱାଇଁ ଆଲୋଚନା କରିଥିଲେ। ଡିଡିଏମ୍ ନାବାର୍ଡ ତାପସ ଶଙ୍କର ରାଉତ, ଉପନିର୍ଦ୍ଦେଶକ ଜିଲା ପ୍ରାଣୀ ଚିକିତ୍ସାଳୟର ଡା. ରମେଶ ଚନ୍ଦ୍ର ପ୍ରଧାନ ଓ ସୋନପୁର ଉପଖଣ୍ଡ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ଅଶେଷ କୁମାର କର ପ୍ରମୁଖ ଯୋଗଦାନ କରି ମୃତ୍ତିକାର ସ୍ୱାସ୍ଥ୍ୟ, ଜୈବ ବିବିଧତା ଓ ପରିବେଶର ସନ୍ତୁଳନ ରକ୍ଷା ଉପରେ ଆଲୋଚନା କରିଥିଲେ । ଅଧିକାରୀ ମାନେ ଉପସ୍ଥିତ ଚାଷୀ ମାନଙ୍କୁ ସରକାରଙ୍କ ବିଭିନ୍ନ ଯୋଜନା ବିଷୟରେ ବୁଝାଇଥିଲେ। ଏହି ଅବସରରେ ଏକ କୃଷି ପ୍ରଦର୍ଶନୀ ଆୟୋଜିତ ହୋଇଥିଲା। ଏଥିରେ ବିଭିନ୍ନ ପ୍ରକାର କୃଷି ଯନ୍ତ୍ରପାତି ପ୍ରଦର୍ଶିତ ହୋଇଥିଲା। କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ତ୍ରିନାଥ ଖଣ୍ଡାୟତରାୟ, ଡ. ସୁରଜ୍ୟୋତି ପ୍ରଧାନ, ଗୀତାଞ୍ଜଳି ପ୍ରଧାନ, ସୁପ୍ରଭା ସେଠୀ ଓ କାର୍ଯ୍ୟକ୍ରମ ସହାୟକ ଲୋପାମୁଦ୍ରା ରାୟ ପ୍ରମୁଖ ସହଯୋଗ କରିଥିଲେ।



ମେଳାରେ ମଞ୍ଚାସୀନ ବୈଜ୍ଞାନିକ ଓ ବରିଷ୍ଠ ଅଧିକାରୀ।

### ଅନୁସୂଚିତ ଜାତି ଉପଯୋଜନା ଅନ୍ତର୍ଗତ କୃଷକ ମେଳା

# ସ୍ମାର୍ଟସିଟି: ଟ୍ରେନ୍ ନେଲାଣି ୧୩୯ ଜୀବନ

**ରାଉରକେଲା ଅଫିସ,୩୦।୩**

## ଅସାବଧାନତା ମୁଖ୍ୟ କାରଣ

ସ୍ମାର୍ଟସିଟି ରାଉରକେଲାରେ ଟ୍ରେନ ଧକ୍କା, ଟ୍ରେନରୁ ଖସି ଓ ଆତ୍ମହତ୍ୟା ଜନିତ ମୃତ୍ୟୁ ମାମଲା ବଢିବାରେ ଲାଗିଛି। ଟ୍ରେନ୍ ଲାଇନରେ ଲୋକଙ୍କ ଜୀବନ ଯିବା ଘଟଣାରେ ରୋକ୍ ଲାଗିପାରୁନି। ସାମାନ୍ୟ ଭୁଲ ଓ ଅସାବଧାନତା ଯୋଗୁ ଅକାଳରେ ଚାଲିଯାଉଛି ଅମୂଲ୍ୟ ଜୀବନ।

ରାଉରକେଲା ଜିଆର୍‌ପିର ସୂଚନା ଅନୁସାରେ, ଗତ ୩ବର୍ଷ ମଧ୍ୟରେ ରାଉରକେଲା ଜିଆରପି ଅଧୀନରେ ସମୁଦାୟ ୧୭୭ଟି ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ତନ୍ମଧ୍ୟରୁ ୨୦୨୨ ମସିହାରେ ସର୍ବାଧିକ ୯୦ଟି ମାମଲା ପଞ୍ଜୀକୃତ ହୋଇଥିବା ବେଳେ ୬୯ଜଣଙ୍କ ଟ୍ରେନ ଧକ୍କା, ଟ୍ରେନରୁ ଖସିପଡି ଓ ଆତ୍ମହତ୍ୟା ଜନିତ ମୃତ୍ୟୁ ହୋଇଛି। ସେହିପରି ୨୦୨୧ରେ ମୋଟ୍ ୬୫ଟି ମାମଲା ପଞ୍ଜୀକୃତ ହୋଇଥିବା ବେଳେ ୫୧ଜଣଙ୍କ ମୃତ୍ୟୁ ହୋଇଛି। ୨୦୨୩ ମାର୍ଚ୍ଚ ସୁଦ୍ଧା ୨୩ଟି ମାମଲା ପଞ୍ଜୀକୃତ ହୋଇଛି। ସେଥିରୁ ୧୯ଜଣଙ୍କ ଟ୍ରେନ ଧକ୍କା, ଟ୍ରେନରୁ ଖସି ଓ ଆତ୍ମହତ୍ୟା ହେତୁ ମୃତ୍ୟୁ ଘଟିଥିବା ଜଣାପଡିଛି। ଏଭଳି ଭାବେ ଟ୍ରେନ୍‌ରେ ବର୍ତ୍ତମାନ ସୁଦ୍ଧା ଗତ ୩ ବର୍ଷରେ ୧୩୯ ଜଣଙ୍କ ମୃତ୍ୟୁ ହୋଇଛି।

ଅସାବଧାନତା ଏବଂ ଦୁଃସାହସିକ କାର୍ଯ୍ୟକଳାପ ଯୋଗୁ ଲୋକଙ୍କୁ ଦୁର୍ଘଟଣାର ସମ୍ମୁଖୀନ ହେବାକୁ ପଡୁଛି। ଟ୍ରେନରେ ଯାତ୍ରା ବେଳେ ତରତର ହୋଇ ଟ୍ରେନ୍ ଚଢିବା, ଟ୍ରେନ ଦ୍ୱାର ପାଖରେ ଛିଡା ହୋଇ ଅନ୍ୟମନସ୍କ ରହୁଥିବା କାରଣରୁ ଅନେକ ବ୍ୟକ୍ତି ଟ୍ରେନରୁ ଖସି ଗୁରୁତର ହେଉଛନ୍ତି। କୁଲୁଙ୍ଗା, ପାନପୋଷ ଏବଂ ବିଶ୍ରା ଛକ ନିକଟସ୍ଥ ବ୍ରିଜ୍ ତଳ ରେଳ ଧାରଣରେ ଅଧିକାଂଶ ଦୁର୍ଘଟଣା ଘଟିଥିବା ନଜିର ରହିଛି। ଏ ନେଇ ଜିଆର୍‌ପି ଥାନାଧିକାରିଣୀ ରେଶ୍ମା ଏକ୍କାଙ୍କୁ ପଚାରିବାରୁ ସେ କହିଲେ, ଟ୍ରେନ୍ ଯିବା ବେଳେ ରେଳଧାରଣା ପାରି ହେବାକୁ ବାରଣ କରାଯିବା ସହ ସାଇନବୋର୍ଡ ଲଗାଯାଇଛି। ଏହାସତ୍ତ୍ୱେ ଲୋକେ ଅମାନିଆ ହୋଇ ରେଳଧାରଣା ପାରି ହେଉଥିବାରୁ ଟ୍ରେନ ଧକ୍କାର ସମ୍ମୁଖୀନ ହେଉଛନ୍ତି। ଏହାକୁ ଏଡାଇବା ପାଇଁ ହେଲେ ସମସ୍ତେ ସଚେତନ ହେବା ଆବଶ୍ୟକ ବୋଲି ଏକ୍କା କହିଥିଲେ।

## ସଂକ୍ଷେପରେ

### ନିଆଁରେ ପୋଡ଼ିହୋଇ ମହିଳା ଗୁରୁତର

**ବେଲପାହାଡ,୩୦ା୩(ଡି.ଏନ.ଏ.):** ବେଲପାହାଡ଼ ଗୁମାଡେରା ମାଳିପଠାରେ ରହୁଥିବା ଜଣେ ମହିଳା କୋଇଲା ଚୁଲା ନିଆଁରେ ପୋଡିହୋଇ ଗୁରୁତର ହୋଇଛନ୍ତି। ସେ ହେଲେ ଉକ୍ତ ସାହିର ମନୋଜ ମାଝିଙ୍କ ସ୍ତ୍ରୀ ନିରୁପମା ମାଝି (୨୯)। ବୁଧବାର ସନ୍ଧ୍ୟାରେ ନିରୁପମା ରୋଷେଇ କରିବା ପାଇଁ କୋଇଲା ଚୁଲା ଆଣୁଥିଲେ। ଏହି ସମୟରେ ଅସାବଧାନତା ହେତୁ ନିରୁପମାଙ୍କ ପିନ୍ଧାଲୁଗାରେ ହଠାତ୍ ନିଆଁ ଲାଗିଯାଇଥିଲା। ଏଥିରେ ତାଙ୍କ ଶରୀରର ୪୦ ପ୍ରତିଶତ ଜଳିଯାଇଥିବା ଜଣାପଡ଼ିଛି। ପରିବାର ଲୋକେ ତାଙ୍କୁ ଚିକିତ୍ସା ପାଇଁ ଝାରସୁଗୁଡ଼ା ମୁଖ୍ୟ ଡାକ୍ତରଖାନାକୁ ନେଇଥିଲେ। ତେବେ ସେଠାରୁ ତାଙ୍କୁ ରାଉରକେଲାସ୍ଥିତ ଆଇଜିଏଚ୍ ଡାକ୍ତରଖାନାକୁ ନିଆଯିବ ବୋଲି ଜଣାପଡିଛି।

### ଆନନ୍ଦ ଉଲ୍ଲାସର ସହ ରାମ ନବମୀ ପାଳିତ

**ଲହୁଣୀପଡା,୩୦ା୩(ଡି.ଏନ.ଏ.):** ସୁନ୍ଦରଗଡ଼ ଜିଲା ଲହୁଣୀପଡା ଠାରେ ଆନନ୍ଦ ଉଲ୍ଲାସର ସହିତ ଚଳିତ ବର୍ଷ ରାମ ନବମୀ ପର୍ବ ଓ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଲହୁଣୀପଡା ବସଷ୍ଟାଣ୍ଡ ସ୍ଥିତ ଶିବ ମନ୍ଦିରଠାରେ ଲହୁଣୀପଡା ବଜରଙ୍ଗ ସେବା ଦଳ ତରଫରୁ ପୂଜାର୍ଚ୍ଚନା କରିବା ସହିତ ଝଣ୍ଡା ସ୍ଥାପନ, ସାମୁହିକ ହନୁମାନ ଚାଳିସା ପଠନ କରିବା ପରେ ବସଷ୍ଟାଣ୍ଡ ଠାରୁ ଶତାଧିକ ବାଇକ ଶୋଭାଯାତ୍ରା ବାହାରି ଲହୁଣୀପଡା ସହର ପରିକ୍ରମା କରିବା ସହିତ ରାଜାମୁଣ୍ଡା ବାଇପାସ ଓ ରାଜାମୁଣ୍ଡା ଛକ ଦେଇ ପୁନର୍ବାର ଲହୁଣୀପଡା ଛକ ଠାରେ ପହଞ୍ଚି ଥିଲା। ସେହିଭଳି ଲହୁଣୀପଡା ବ୍ରାହ୍ମଣସାହି ସ୍ଥିତ ଶ୍ରୀରାମ ଆଖଡା ତରଫରୁ ପୂଜାର୍ଚ୍ଚନା ହୋମ ଯଜ୍ଞ କରାଯାଇ ଝଣ୍ଡା ସ୍ଥାପନା କରାଯାଇଥିଲା। ଅପରାହ୍ନରେ ଧୀରେନ ପଣ୍ଡା, ଅନୀଲ ମାହାନ୍ତ ମନୋଜ ପଣ୍ଡା, ହେମନ୍ତ ମାହାନ୍ତ, ଗଙ୍ଗା ମାହାନ୍ତ, ରଞ୍ଜିତ ପାତ୍ର, ବିଷ୍ଣୁ ମାହାନ୍ତ, ମୋହିତ ମାହାନ୍ତ, ସନ୍ତୋଷ ରାୟଙ୍କ ନେତୃତ୍ୱରେ ଶ୍ରୀରାମ ଆଖଡା ଦଳ ପାରମ୍ପରିକ ବାଦ୍ୟନୃତ୍ୟର ତାଳେ ତାଳେ ଝଣ୍ଡା ଧରି ବ୍ରାହ୍ମଣ ସାହିରୁ ଶୋଭାଯାତ୍ରାରେ ବାହାରି ମନ୍ଦିର ଛକରେ ପହଞ୍ଚିବା ପରେ ବଜରଙ୍ଗ ସେବା ଦଳ ସହିତ ବସଷ୍ଟାଣ୍ଡ ଠାରୁ ବ୍ଲକ ଛକ ପର୍ଯ୍ୟନ୍ତ ମିଳିତ ଆଖାଡା ବିଭିନ୍ନ ଖେଳ କୌଶଳ ପ୍ରଦର୍ଶନ ଓ ଶୋଭାଯାତ୍ରା କରିଥିଲେ। ଏହା ସହିତ ସୁସଜିତ ଗାଡ଼ିରେ ଶ୍ରୀରାମ ଲକ୍ଷ୍ମଣ, ସୀତା ଓ ହନୁମାନ ବେଶରେ ସଜ୍ଜିତ ହୋଇ ଶୋଭାଯାତ୍ରାରେ ସାମିଲ ହୋଇଥିବା ଦେଖିବାକୁ ମିଳିଥିଲା। ଏହି କାର୍ଯ୍ୟକ୍ରମ ଭରତ ମାହାନ୍ତ, ଗୁଡୁ ଚୌଧୁରୀ, ବିଜୁ ପଣ୍ଡିତ, ପରମେଶ୍ୱର ମାହାନ୍ତ, ସୁନୀଲ ପାତ୍ର ପ୍ରମୁଖ ବଜରଙ୍ଗ ସେବା ଦଳର କର୍ମକର୍ତ୍ତାଙ୍କ ଦ୍ୱାରା ପରିଚାଳିତ ହୋଇଥିଲା।

### ଭଡ଼ାଘରୁ ମୃତଦେହ ଜବତ

**ବଲାଙ୍ଗୀର ଅଫିସ,୩୦ା୩:** ବଲାଙ୍ଗୀର ସହର ରାଜୀବନଗରପଡାର ଏକ ଭଡାଘରୁ ଜଣେ ବ୍ୟକ୍ତିଙ୍କ ମୃତଦେହ ଟାଉନ ପୋଲିସ ଗୁରୁବାର ଅପରାହ୍ଣରେ ଜବତ କରିଛି। ମୃତ ବ୍ୟକ୍ତି ଜଣଙ୍କର ସଠିକ୍ ପରିଚୟ ମିଳନାହିଁ। ଘରମାଲିକଙ୍କୁ ତାଙ୍କ ନାମ ରାଜ ଭରଦ୍ୱାଜ (୫୮) ବୋଲି ପରିଚୟ ଦେଇ ସେ ନବରଙ୍ଗପୁରର ବୋଲି କହିଥିଲେ। ଦୁଇଦିନ ତଳେ ଭଡାରେ ରହିଥିବା ଭରଦ୍ୱାଜ ଗୁରୁବାର ଦୀର୍ଘ ସମୟ ଧରି ଘର କବାଟ ନ ଖୋଲିବାରୁ ଘରମାଲିକ ଟାଉନ୍ ଥାନା ପୋଲିସକୁ ଖବର ଦେଇଥିଲେ। ପୋଲିସ ଟିମ୍ ମାଜିଷ୍ଟ୍ରେଟ୍ ପୁଇଁତଲା ତହସିଲଦାର ରୋହିତ ଭୋଇଙ୍କ ଉପସ୍ଥିତିରେ ଉକ୍ତ ଘରୁ ମୃତଦେହ ଜବତ କରିଥିଲେ। ଖଟ ଉପରେ ଶୋଇବା ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିବା କୁହାଯାଇଛି।

# ସିଆଇଟିୟୁର ବିକ୍ଷୋଭ ପ୍ରଦର୍ଶନ



ବିଶ୍ରା ଛକରେ ସିଆଇଟିୟୁ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

**ରାଉରକେଲା ଅଫିସ, ୩୦।୩**

## ଏନ୍‌ଜେସିଏସ୍ ଚୁକ୍ତିନାମା ଶେଷ ଦାବି

ଏନ୍‌ଜେସିଏସ୍ ଚୁକ୍ତିନାମା ଶେଷ କରିବା ଓ ୩୯ ମାସର ଏରିୟର ପ୍ରଦାନ ଦାବିରେ ରାଉରକେଲା ବିଶ୍ରା ଛକରେ ସିଆଇଟିୟୁ ପକ୍ଷରୁ ଗୁରୁବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ସଙ୍ଗଠନର ସର୍ବଭାରତୀୟ ଉପାଧ୍ୟକ୍ଷ ବିଷ୍ଣୁ ମହାନ୍ତିଙ୍କ ନେତୃତ୍ୱରେ ଏହି ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ସାଧାରଣ ସମ୍ପାଦକ ବସନ୍ତ ନାୟକ, ରାଜକିଶୋର ପ୍ରଧାନ, ପ୍ରଦୀପ ସେଠୀ, ଲକ୍ଷ୍ମୀଧର ନାୟକ, କୈଳାସ ଦାସ, ଅଜୟ ଶର୍ମା, ପ୍ରଦୋଷ ପରିଡା, ଦିବାକର ମହାରଣା, ଯଜ୍ଞେଶ୍ୱର ସାହୁ ପ୍ରମୁଖ ବିକ୍ଷୋଭ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ସେମାନେ ଚୁକ୍ତିନାମା ଭିତ୍ତିକ ଓ ୩୯ମାସର ଏରିୟର ପ୍ରଦାନ ସହ ଅନ୍ୟାନ୍ୟ ୮ଦଫା ଦାବି ଉପସ୍ଥାପନ କରିଥିଲେ। ସଂଗ୍ରାମ ସାଗର, ପ୍ରଭାତ ମହାନ୍ତି, ବିଶ୍ୱଜିତ ମାଝୀ, ନରେନ୍ଦ୍ର ମହତୋ, ବୁବୁନ ମାଇତି, ଡି. କିଷାନ, ବସନ୍ତ ପାଢୀ, ନରେନ୍ଦ୍ର ରାଉତରାୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ସିନର୍ଜୀ କ୍ରିକେଟ: ସିଆର୍‌ଏମ୍ ଚାମ୍ପିୟନ


ଟ୍ରଫି ସହ ବିଜେତା ଓ ଉପବିଜେତା ଦଳର ଖେଳାଳିଗଣ।

**ରାଉରକେଲା ଅଫିସ,୩୦।୩**

ଆରଏସପି ପକ୍ଷରୁ ଚାଲିଥିବା ତ୍ରୟୋଦଶ ଇସ୍ପାତ ସିନର୍ଜୀ କ୍ରିକେଟ ଚାମ୍ପିୟନଶିପ୍-୨୦୨୩ରେ କୋଲ୍ଡ ରୋଲିଙ୍ଗ ମିଲ, ସିଲିକନ ଷ୍ଟିଲ ମିଲ ଏବଂ ପାଇପ୍ ପ୍ଲାଣ୍ଟ ବିଭାଗକୁ ନେଇ ଗଠିତ କ୍ରିକେଟ ଦଳ ଚାମ୍ପିୟନ ହୋଇଛି। ବୁଧବାର ସେକ୍ଟର-୬ ସ୍ଥିତ ଇସ୍ପାତ ଷ୍ଟାଡିୟମରେ ଖେଳାଯାଇଥିବା ଫାଇନାଲ ମ୍ୟାଚ୍‌ରେ ବିଜୟୀ ସିଆରଏମ୍ ଦଳ ପ୍ରତିପକ୍ଷ ଟିଏଣ୍ଡଆର୍‌ଏମ୍ ଓ ଅଗ୍ନିଶମ ସେବା ବିଭାଗ କ୍ରିକେଟ ଦଳକୁ ୨୫ ରନରେ ପରାସ୍ତ କରିଥିଲା। ଉଦ୍‌ଯାପନୀ ସମାରୋହରେ ଆର୍‌ଏସ୍‌ପିର ଭାରପ୍ରାପ୍ତ ନିର୍ଦ୍ଦେଶକ ଅତନୁ ଭୌମିକ ମୁଖ୍ୟ ଅତିଥି ଭାବରେ ଯୋଗଦାନ ଦେଇ ବିଜେତା ଓ ଉପବିଜେତା ଦଳକୁ ଟ୍ରଫି ପ୍ରଦାନ କରିଥିଲେ। କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଏସ୍. ଆର୍. ସୂର୍ଯ୍ୟବଂଶୀ, ଚିକିତ୍ସା ଓ ସ୍ୱାସ୍ଥ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ବି. କେ. ହୋତା, ବିତ୍ତ ଓ ଲେଖା ବିଭାଗର ଭାରପ୍ରାପ୍ତ ମୁଖ୍ୟ ମହାପ୍ରବନ୍ଧକ ଏ. କେ. ବେହୁରିଆଙ୍କ ସମେତ କାରଖାନାର ଅନ୍ୟ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ। ବରିଷ୍ଠ ଅଧିକାରୀମାନେ ମ୍ୟାଚ୍ ଅଫିସିଆଲ, ୧୮ଟି ମ୍ୟାଚ୍‌ର ମ୍ୟାନ୍ ଅଫ୍ ଦି ମ୍ୟାଚ୍, ବେଷ୍ଟ ବ୍ୟାଟ୍ସମ୍ୟାନ, ବେଷ୍ଟ ବୋଲର, ରନର୍ସ ଅପ୍ ଦଳ ପୁରସ୍କାର ପ୍ରଦାନ କରିଥିଲେ। ପ୍ରୋଟୋକଲ, ହସ୍ପିଟାଲିଟି ଓ ସମାଜ କଲ୍ୟାଣ ବିଭାଗର ଜିଏମ୍ ବି. କେ. ରାଉତ ସମାରୋହରେ ସ୍ୱାଗତ ଭାଷଣ ଓ ଜିଏମ୍ ଏମ୍. କରନ ଧନ୍ୟବାଦ ଅର୍ପଣ କରିଥିଲେ। ସିଆର୍‌ଏମ୍ ବିଭାଗ ଅନୀଲ ମଲ୍ଲିକ ଓ ଏସ୍‌ଏମ୍‌ଏସ୍-୨ ବିଭାଗର ଛାୟାକାନ୍ତ ତ୍ରିପାଠୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। କ୍ରୀଡ଼ା ବିଭାଗର ସହକାରୀ ପ୍ରବନ୍ଧକ ରଘୁନନ୍ଦନ ପାଢୀ ମ୍ୟାଚ ପରିଚାଳନା ଓ ବି. କେ. ରାଉତ ମାର୍ଗଦର୍ଶନ ଦେଇଥିଲେ।

### ରାମନବମୀ ଉପଲକ୍ଷେ ବଜରଙ୍ଗ ଦଳର ଶୋଭାଯାତ୍ରା

**ବ୍ରଜରାଜନଗର,୩୦।୩ (ଡି.ଏନ.ଏ.)**

ପବିତ୍ର ରାମନବମୀ ଅବସରରେ ବଜରଙ୍ଗ ଦଳ ପକ୍ଷରୁ ଆଖଡ଼ା ପୂଜା ଓ ଭବ୍ୟ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ମା' ଆଦିଶକ୍ତି ମନ୍ଦିର ଠାକୁରପଡାରୁ ଶୋଭାଯାତ୍ର ବାହାରି ଚାନ୍ଦିନୀଚୌକ ମୁଖ୍ୟ ମାର୍କେଟ, ଷ୍ଟେଶନ ଛକ, ଗୁରୁନାନକ ଛକ ଦେଇ ମା' ରାମଚଣ୍ଡୀ ମନ୍ଦିରରେ ପହଞ୍ଚିଥିଲା। ଏହି ଶୋଭାଯାତ୍ରାରେ ଆଖଡା ପ୍ରଦର୍ଶିତ ହୋଇଥିଲା। ବଜରଙ୍ଗ କର୍ମୀମାନେ ହାତରେ ଝଣ୍ଡା ଧରି ଶୋଭାଯାତ୍ରାରେ ଯୋଗଦେଇଥିଲେ। ଜିଲା ଭାଜପା ସଭାପତି ମଙ୍ଗଳ ସାହୁ, ରାଧେଶ୍ୟାମ ପ୍ରଧାନ, ରୁକ୍ମଣ ଧୁରୁଆ, ଦେବ ପ୍ରସାଦ ଦାଶ, ଭାନୁ ସିଂ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ଚିନ୍ମୟ ଦେବତା, ଅକ୍ଷୟ କୁମ୍ଭାର, ରାହୁଲ ଶର୍ମା ପରିଚାଳନା କରିଥିଲେ। ବ୍ରଜରାଜନଗର ଏସ୍‌ଡ଼ିପିଓ ଚିନ୍ତାମଣି ପ୍ରଧାନ, ବ୍ରଜରାଜନଗର ଥାନା ଅଧିକାରୀ ଧବଳେଶ୍ୱର ସାହୁ ଉପସ୍ଥିତ ରହି ରାଲି ନିୟନ୍ତ୍ରଣ କରିଥିଲେ।

### ନିଃଶୁଳ୍କ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର

**ବେଲପାହାଡ,୩୦।୩ (ଡି.ଏନ.ଏ.)**

ବେଲପାହାଡ଼ସ୍ଥିତ ଟିଆର୍‌ଏଲ୍ କ୍ରୋସାକୀ କମ୍ପାନୀର ସିଏସ୍‌ଆର୍ ବିଭାଗ ଓ ହସ୍ପିଟାଲ ପକ୍ଷରୁ ଗୁରୁବାର ଗୁମାଡେରା ଜୁବୁଲି ହଲଠାରେ ଏକ ନିଃଶୁଳ୍କ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିର ସକାଳ ୯ ଟାରୁ ସନ୍ଧ୍ୟା ପର୍ଯ୍ୟନ୍ତ ଚାଲିଥିଲା। କମ୍ପାନୀର ବରିଷ୍ଠ ଅଧିକାରୀ ଡା. ତାରାପଦ ଦାଶ ମୁଖ୍ୟଅତିଥି ଓ ଟିଆର୍‌ଏଲ୍ କ୍ରୋସାକୀ ହସ୍ପିଟାଲ ନିର୍ଦ୍ଦେଶକ ଡା. ତୁଷାରକାନ୍ତି ଦାଶ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଶୁଭାରମ୍ଭ କରିଥିଲେ। ଶିବିରରେ ମୋଟ ୩୨୫ ଜଣ ରୋଗୀଙ୍କ ରକ୍ତ, ରକ୍ତଚାପ ଓ ଇସିଜି ଆଦି ପରୀକ୍ଷା କରାଯାଇ ମାଗଣାରେ ଔଷଧ ପ୍ରଦାନ କରାଯାଇଥିଲା। ୟୁରୋଲୋଜିଷ୍ଟ ଡା. ପବିତ୍ର ମିଶ୍ର, ଶ୍ୱାସ ରୋଗ ବିଶେଷଜ୍ଞ ଡା. ସତ୍ୟଜିତ ସାହୁ, ସ୍ନାୟୁ ରୋଗ ବିଶେଷଜ୍ଞ ଡା. ସୁଶୀଲ ରଥ, ହୃଦ୍‌ରୋଗ ବିଶେଷଜ୍ଞ ଡା. ଦୀପକ ବେହେରା ପ୍ରମୁଖ ଯୋଗଦେଇ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

smbselfie@gmail.com


@ ପ୍ରଶାନ୍ତ


@ ଶଶିକାନ୍ତ


@ ସତ୍ୟବ୍ରତ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ବେଲପାହାଡ଼ରେ ଶ୍ରୀରାମ ନବମୀ ପାଳିତ



**ବେଲପାହାଡ,(ଡି.ଏନ.ଏ.)**

ବେଲପାହାଡରେ ଶ୍ରୀରାମ ନବମୀ ହର୍ଷ ଉଲ୍ଲାସର ସହ ପାଳନ କରାଯାଇଛି। ଗୁରୁବାର ସ୍ଥାନୀୟ ଯୁବକମାନେ ଏକ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରିଥିଲେ। ଶୋଭାଯାତ୍ର ଗୁମାଡେରା ହନୁମାନ ମନ୍ଦିରରୁ ବାହାରି, ଟିଆର୍‌ଏଲ୍ ଟାଉନ୍‌ଶିପ, ମହିମା ଛକ, ବେଲପାହାଡ ହୋଇ ଗୁମାଡେରା ହନୁମାନ ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଥିଲା। ରାମ, ସୀତା ଓ ଲକ୍ଷ୍ମଣ ବେଶଧାରୀ ବାଳକଙ୍କୁ ସୁସଜ୍ଜିତ ରଥରେ ବସାଇ ଯୁବକମାନେ ବାଇକ୍ ଶୋଭାଯାତ୍ରରେ ସାମିଲ ହୋଇଥିଲେ। ଜୟ ଶ୍ରୀରାମ ଧ୍ୱନିରେ ସହର ପ୍ରକମ୍ପିତ ହୋଇଥିଲା। ସ୍ଥାନୀୟ ଗୋରକ୍ଷକ ସଂଗଠନ, ବଜରଙ୍ଗ ଦଳ ଓ ସମସ୍ତ ହନୁମାନ କମିଟିର ସଦସ୍ୟ ମାନେ ବେଲପାହାଡ ସହରକୁ ଗେରୁଆ ଝଣ୍ଡାରେ ସଜେଇଥିବା ବେଳେ ଅଧିକାଂଶ ହିନ୍ଦୁ ପରିବାର ନିଜ ଘର ମାନଙ୍କରେ ଗେରୁଆ ଝଣ୍ଡା ଉଡାଇଥିବା ଦେଖିବାକୁ ମିଳିଛି।

# ହନୁମାନ ଝଣ୍ଡା ସ୍ଥାପନ, ଶୋଭାଯାତ୍ରା ପରିକ୍ରମା

**ବଡ଼ଗାଁ, ୩୦।୩(ଡି.ଏନ୍.ଏ.)**

ସୁନ୍ଦରଗଡ଼ ଜିଲା ବଡ଼ଗାଁ ଦେବ ମଣ୍ଡପସ୍ଥିତ ହନୁମାନ ମନ୍ଦିର ପ୍ରାଙ୍ଗଣରେ ଗୁରୁବାର ହନୁମାନ ଝଣ୍ଡା ସ୍ଥାପନ କରାଯାଇଛି। ରାମଲୀଳା ଯାତ୍ରା କମିଟିର ମୁଖ୍ୟ ସେବକ ସତ୍ୟନାରାୟଣ ନାୟକଙ୍କ ସହିତ ମୁନା ପଣ୍ଡା, ଗୌରାଙ୍ଗ ପୃଷେଟ, ଦିବ୍ୟ ପୃଷେଟ, ମଣ୍ଟୁ ପଣ୍ଡା, ବିଶ୍ୱ ପୃଷେଟ, ଅଭିମନ୍ୟୁ ତ୍ରିପାଠୀ, ଉପାଧ୍ୟାୟ ପାଣିଗ୍ରାହୀ, ଦିଲ୍ଲୀପ ପୁରୋହିତ, ଛବିଳ ସେଠ ଓ ଯୁବକମାନଙ୍କ ଉପସ୍ଥିତିରେ ମୁଖ୍ୟ ପୂଜକ ପରମାନନ୍ଦ ପାଣିଗ୍ରାହୀ ଓ ତୁଷାର ରଞ୍ଜନ ପାଣିଗ୍ରାହୀ ପୂଜାର୍ଚ୍ଚନା କଳାପରେ ଝଣ୍ଡା ସ୍ଥାପନ କରାଯାଇଥିଲା। ଅପରାହ୍ନରେ କମିଟି ସଦସ୍ୟ ଓ ରାମ ଭକ୍ତମାନେ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରିଥିଲେ। ସେହିପରି ଜରଙ୍ଗଲୋଇ ଗ୍ରାମର ଶ୍ରୀହନୁମାନ ମନ୍ଦିରରେ କର୍ତ୍ତା ସୁନ୍ଦରମଣୀ ସେନାପତିଙ୍କ ସହିତ ଭକ୍ତମାନଙ୍କ ଉପସ୍ଥିତିରେ ପୂଜକ ମନୋରଞ୍ଜନ ପୂଜାରୀ ପୂଜାର୍ଚ୍ଚନା କରିଥିଲେ। ପରେ ଝଣ୍ଡା ସ୍ଥାପନ କରାଯାଇଥିଲା। ଗ୍ରାମର ରାମ ଭକ୍ତମାନେ ଝଣ୍ଡା ଧରି ଗ୍ରାମ ପରିକ୍ରମା କରିଥିଲେ। ସାହାଜବାହାଲ ଗ୍ରାମରେ ଚଳିତ ବର୍ଷ ଭବ୍ୟ ଶୋଭାଯାତ୍ରା ଆୟୋଜିତ ହୋଇଥିଲା। ଗ୍ରାମର ହନୁମାନ ମନ୍ଦିରରେ କର୍ତ୍ତା ରବି ରଞ୍ଜନ ସାହୁଙ୍କ ଦ୍ୱାରା ପୂଜକ ଗୋବିନ୍ଦ ରଥ ପୂଜାର୍ଚ୍ଚନା କରିଥିଲେ। ପରେ ରାମ ଭକ୍ତମାନେ ଶୋଭାଯାତ୍ରାରେ ଆଖଡ଼ା ପ୍ରଦର୍ଶନ କରି ଗ୍ରାମ ପରିକ୍ରମା କରିଥିଲେ।


ସାହାଜବାହଲ ଗ୍ରାମରେ ବାଳକଙ୍କ ଆଖଡ଼ା ପ୍ରଦର୍ଶନ।

# ସବୁଠି ଆଖଡ଼ା, ଶୋଭାଯାତ୍ରା

**ରାଉରକେଲା ଅଫିସ,୩୦।୩**

ଷ୍ଟିଲସିଟି ରାଉରକେଲାରେ ଗୁରୁବାର ପବିତ୍ର ଶ୍ରୀରାମ ନବମୀ ଧୂମ୍‌ଧାମ୍‌ରେ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ବିଭିନ୍ନ ଅନୁଷ୍ଠାନ କଲିକତା, ଖଡ଼ଗପୁର ଓ ସମ୍ବଲପୁର ଅଞ୍ଚଳର ବିଭିନ୍ନ ବାଦ୍ୟ ଦଳ ସହ ନିଜ ଆଖଡା ଓ ମେଢକୁ ଶୋଭାଯାତ୍ରାରେ ସହର ପରିକ୍ରମା କରିଥିବା ଦେଖିବାକୁ ମିଳିଥିଲା। ଶୁକ୍ରବାର ଅପରାହ୍ନ ୨ଟାରେ ବିଶ୍ରା ଛକ ମୁଖ୍ୟରାସ୍ତା ଦେଇ ଉଦିତନଗର ଯାଏ ବିଶାଳ ଶୋଭାଯାତ୍ରାରେ ସହରର ୧୨ଟି ଆଖଡା ଦଳ ସମଗ୍ର ସହର ପରିକ୍ରମା କରିବାର କାର୍ଯ୍ୟକ୍ରମ ରହିଛି। ପାରମ୍ପରିକ ଲାଠିଖେଳ, କୁସ୍ତି, ପ୍ରଜ୍ଞାପନ ମେଢ ସହ ସୁସଜ୍ଜିତ ଅସ୍ତ୍ରଶସ୍ତ୍ର ସଜ୍ଜିତ ହୋଇ ଶୋଭାଯାତ୍ରାରେ ସ୍ଥାନ ପାଇବ। ସେହିପରି ଉଦିତନଗର,


ମଧୁସୂଦନପାଲିରେ ପିଲାମାନେ ଲାଠିଖେଳ ପ୍ରଦର୍ଶନ କରୁଛନ୍ତି।

### ଷ୍ଟିଲସିଟିରେ ଶ୍ରୀରାମ ନବମୀ

ପାନପୋଷ ଉପଜିଲାପାଳଙ୍କ କାର୍ଯ୍ୟାଳୟ ପରିସରସ୍ଥ ସ୍ୱପ୍ନେଶ୍ୱର ସାଇ କୁଟୀରରେ ଶ୍ରୀରାମ ନବମୀ ଉପଲକ୍ଷେ ଶ୍ରୀରାମଙ୍କ ବିଶାଳ ପାଲିଙ୍କି ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ସହରର ବସ୍‌ଷ୍ଟାଣ୍ଡ ଛକ, ରାଉରକେଲା ରେଲୱେ ଷ୍ଟେଶନ, ପାନପୋଷ ଛକ, ଉଦିତନଗର ଛକ ଓ ମଧୁସୂଦନପାଲି ଆଦି ପ୍ରମୁଖ ସ୍ଥାନରେ ଆଖଡା କମିଟି ପକ୍ଷରୁ ଶୋଭାଯାତ୍ରା ଓ ଲାଠିଖେଳ ହୋଇଥିଲା। ବିଭିନ୍ନ ସ୍ଥାନରେ ହନୁମାନଙ୍କ ବିଗ୍ରହକୁ ବିଭିନ୍ନ ରୂପରେ ସଜ୍ଜିତ ହୋଇ ପୂଜା କରାଯାଇଥିଲା। ଶ୍ରୀରାମ ନବମୀ ପାଇଁ ସହର ସାରା ବ୍ୟାପକ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା।

## ସଂକ୍ଷେପରେ

### ରାମନବମୀ ଉପଲକ୍ଷେ ଗ୍ରାମ ପରିକ୍ରମା



ଦେଓଗାଁ,୩୦।୩(ଡି.ଏନ.ଏ.): ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅନ୍ତର୍ଗତ ବିଭିନ୍ନ ଅନୁଷ୍ଠାନ ତଥା ମନ୍ଦିରରେ ଶ୍ରୀରାମ ନବମୀ ଉତ୍ସବ ପାଳିତ ହୋଇଯାଇଛି। ଏହି କ୍ରମରେ ଦେଓଗାଁ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ପ୍ରଧାନ ଆଚାର୍ଯ୍ୟ ସନ୍ତୋଷ କୁମାର ସାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଡା. ଶଶୀଭୂଷଣ ସାହୁ ଯୋଗଦେଇ ଶ୍ରୀରାମଚନ୍ଦ୍ର ଙ୍କ ବିଷୟରେ ଉପସ୍ଥିତ ଶିଶୁମାନଙ୍କୁ ମାର୍ଗ ଦର୍ଶନ କରିଥିଲେ। ପରେ କୁନୁ ସାହୁଙ୍କ ପରିଚାଳନାରେ ଶିଶୁ ଭାଇ ଓ ଭଉଣୀମାନେ ଶ୍ରୀରାମଚନ୍ଦ୍ର, ଲକ୍ଷ୍ମଣ, ଭରତ, ଶତ୍ରୁଘ୍ନ, ମାତା ସୀତା, ହନୁମାନ, ଜନକ ଋଷି, ବାନରସେନା, ରାବଣ ଆଦି ବିଭିନ୍ନ ଚରିତ୍ରରେ ସୁସଜ୍ଜିତ ହୋଇ ଗ୍ରାମ ପରିକ୍ରମା କରିଥିଲେ। ଏହି ଅବସରରେ ଦେଓଗାଁ ମେନରୋଡ ଦୁର୍ଗାମଣ୍ଡପ ଛକଠାରେ ସୀତା ବିବାହ, ଜଗନ୍ନାଥ ମନ୍ଦିର ମଣ୍ଡପରେ ରାମ ବନବାସ ଓ ଗ୍ରାଜୁଏଟପଡା ଛକଠାରେ ରାବଣ ବଧ ନାଟକ ଆକର୍ଷଣର କେନ୍ଦ୍ର ପାଲଟିଥିଲା। କାର୍ଯ୍ୟକ୍ରମକୁ ସମସ୍ତ ଆଚାର୍ଯ୍ୟା ଆଚାର୍ଯ୍ୟ, ସେବିକା ସେବକ ବୃନ୍ଦ ସହଯୋଗ କରିଥିଲେ।

### ରାମନବମୀ ଉପଲକ୍ଷେ ବଜରଙ୍ଗ ଦଳର ଶୋଭାଯାତ୍ରା

ବ୍ରଜରାଜନଗର,୩୦।୩ (ଡି.ଏନ.ଏ.): ପବିତ୍ର ରାମନବମୀ ଅବସରରେ ବଜରଙ୍ଗ ଦଳ ପକ୍ଷରୁ ଆଖଡ଼ା ପୂଜା ଓ ଭବ୍ୟ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ମା' ଆଦିଶକ୍ତି ମନ୍ଦିର ଠାକୁରପଡାରୁ ଶୋଭାଯାତ୍ର ବାହାରି ଚାନ୍ଦିନୀଚୌକ ମୁଖ୍ୟ ମାର୍କେଟ, ଷ୍ଟେଶନ ଛକ, ଗୁରୁନାନକ ଛକ ଦେଇ ମା' ରାମଚଣ୍ଡୀ ମନ୍ଦିରରେ ପହଞ୍ଚିଥିଲା। ଏହି ଶୋଭାଯାତ୍ରାରେ ଆଖଡା ପ୍ରଦର୍ଶିତ ହୋଇଥିଲା। ବଜରଙ୍ଗ କର୍ମୀମାନେ ହାତରେ ଝଣ୍ଡା ଧରି ଶୋଭାଯାତ୍ରାରେ ଯୋଗଦେଇଥିଲେ। ଜିଲା ଭାଜପା ସଭାପତି ମଙ୍ଗଳ ସାହୁ, ରାଧେଶ୍ୟାମ ପ୍ରଧାନ, ରୁକ୍ମଣ ଧୁରୁଆ, ଦେବ ପ୍ରସାଦ ଦାଶ, ଭାନୁ ସିଂ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ଚିନ୍ମୟ ଦେବତା, ଅକ୍ଷୟ କୁମ୍ଭାର, ରାହୁଲ ଶର୍ମା ପରିଚାଳନା କରିଥିଲେ। ବ୍ରଜରାଜନଗର ଏସ୍‌ଡ଼ିପିଓ ଚିନ୍ତାମଣି ପ୍ରଧାନ, ବ୍ରଜରାଜନଗର ଥାନା ଅଧିକାରୀ ଧବଳେଶ୍ୱର ସାହୁ ଉପସ୍ଥିତ ରହି ରାଲି ନିୟନ୍ତ୍ରଣ କରିଥିଲେ।

### ସ୍ତ୍ରୀଙ୍କୁ ମାରପିଟ ଅଭିଯୋଗରେ ସ୍ୱାମୀ ଗିରଫ

ଜମନକିରା,୩୦।୩(ଡି.ଏନ.ଏ.): ସ୍ତ୍ରୀଙ୍କୁ ମାରପିଟ ଅଭିଯୋଗରେ ଜମନକିରା ପୋଲିସ ଅଭିଯୁକ୍ତ ସ୍ୱାମୀଙ୍କୁ ଗିରଫ କରିଛି। ସେ ହେଲେ ଦେବଗଡ଼ ଜିଲା ଚିରୁଗୁନିଖୋଲ ଗାଁର କୁମର ମଣୀ ପଙ୍ଘା। ପୋଲିସ ସୂଚନା ଅନୁଯାୟୀ ୭ବର୍ଷ ତଳେ କୁମର ଜମନକିରା ଥାନା କସଦା ଗାଁର ମମି ପଙ୍ଘାଙ୍କୁ ପ୍ରେମ ବିବାହ କରିଥିଲେ। ତେବେ ବିବାହ କିଛିଦିନ ପରେ କୌଣସି କାରଣକୁ ନେଇ କୁମର ମମିଙ୍କ ସହ ଝଗଡ଼ା କରି ମାରପିଟ କରିଥିଲେ। ଏହାକୁ ନେଇ ମମି ନିଜ ଶ୍ୱଶୁର ଘର ଛାଡ଼ି ବାପା ଘର କସଦା ଗାଁରେ ରହୁଥିଲେ। ଏପରିସ୍ଥଳେ ବୁଧବାର କୁମର ଶ୍ୱଶୁର ଘରେ ପହଞ୍ଚି ପୁନର୍ବାର ମମିଙ୍କୁ ମାରପିଟ କରିଥିଲେ। ଗୁରୁବାର ମମି ଏ ନେଇ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା (ନଂ.୩୫/୨୩) ରୁଜୁ କରି କୁମରଙ୍କୁ ଗିରଫ କରିବା ସହ ଘଟଣାର ତଦନ୍ତ ଜାରି ରଖିଛି।

### ନିଃଶୁଳ୍କ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର

ବେଲପାହାଡ,୩୦।୩ (ଡି.ଏନ.ଏ.): ବେଲପାହାଡ଼ସ୍ଥିତ ଟିଆର୍‌ଏଲ୍ କ୍ରୋସାକୀ କମ୍ପାନୀର ସିଏସ୍ଆର୍ ବିଭାଗ ଓ ହସ୍ପିଟାଲ ପକ୍ଷରୁ ଗୁରୁବାର ଗୁମାଡେରା ଜୁବୁଲି ହଲଠାରେ ଏକ ନିଃଶୁଳ୍କ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିର ସକାଳ ୯ ଟାରୁ ସନ୍ଧ୍ୟା ପର୍ଯ୍ୟନ୍ତ ଚାଲିଥିଲା। କମ୍ପାନୀର ବରିଷ୍ଠ ଅଧିକାରୀ ଡା. ତାରାପଦ ଦାଶ ମୁଖ୍ୟଅତିଥି ଓ ଟିଆର୍‌ଏଲ୍ କ୍ରୋସାକୀ ହସ୍ପିଟାଲ ନିର୍ଦ୍ଦେଶକ ଡା. ତୁଷାରକାନ୍ତି ଦାଶ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଶୁଭାରମ୍ଭ କରିଥିଲେ। ଶିବିରରେ ମୋଟ ୩୨୫ ଜଣ ରୋଗୀଙ୍କ ରକ୍ତ, ରକ୍ତଚାପ ଓ ଇସିଜି ଆଦି ପରୀକ୍ଷା କରାଯାଇ ମାଗଣାରେ ଔଷଧ ପ୍ରଦାନ କରାଯାଇଥିଲା। ସ୍ନାୟୁ ରୋଗ ବିଶେଷଜ୍ଞ ଡା. ସୁଶୀଲ ରଥ, ହୃଦ୍‌ରୋଗ ବିଶେଷଜ୍ଞ ଡା. ଦୀପକ ବେହେରା ପ୍ରମୁଖ ଯୋଗଦେଇ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ।

# ଏପ୍ରିଲରୁ ସହରର ୩ ସ୍ଥାନରେ ପିଡିଏସ୍ ବଣ୍ଟନ

## ଖବରଦାତା ସମ୍ମିଳନୀରେ ସୂଚନା

- ଦାୟିତ୍ୱ ଗ୍ରହଣର ୧ ବର୍ଷ ପରେ ହିସାବ ଦେଲେ
- ସହରର ସର୍ବାଙ୍ଗୀନ ବିକାଶ ମୋର ଲକ୍ଷ୍ୟ: ନଗରପାଳ

ଜୁନାଗଡ଼,୩୦।୩(ଡି.ଏନ.ଏ.)



ଖବରଦାତା ସମ୍ମିଳନୀରେ ନଗରପାଳ ସୂଚନା ଦେଉଛନ୍ତି।

କଳାହାଣ୍ଡି ଜିଲା ଜୁନାଗଡ଼ ବିଜ୍ଞାପିତ ଅଞ୍ଚଳର ନଗରପାଳ ଭାବେ ମୁକେଶ ଅଗ୍ରୱାଲ ଦାୟିତ୍ୱ ଗ୍ରହଣ କରିବାର ଗୁରୁବାର ୧ ବର୍ଷ ପୂର୍ତ୍ତି ହୋଇଛି। ଏହି ଅବସରରେ ସ୍ଥାନୀୟ ଏନ୍‌ଏସି କାର୍ଯ୍ୟାଳୟରେ ଏକ ଖବରଦାତା ସମ୍ମିଳନୀ ଆୟୋଜନ କରି ୧ ବର୍ଷ ମଧ୍ୟରେ କରିଥିବା ବିଭିନ୍ନ ବିକାଶମୂଳକ କାର୍ଯ୍ୟ ସହ ଆଗାମୀ କାର୍ଯ୍ୟ ପନ୍ଥା ଉପରେ ସୂଚନା ଦେଇଥିଲେ। ଏଥିରେ ସହରରେ ପ୍ରତି ୱାର୍ଡରେ ବର୍ଦ୍ଧିତ ପାନୀୟ ଜଳ ଯୋଗାଣ ପାଇଁ ପାଇପ ଲାଇନ କାମ ଶେଷ, ପରିମଳ ପାଇଁ ସବୁବେଳେ ସଫେଇ କର୍ମଚାରୀଙ୍କୁ ସଜାଗ ରଖିବା। ପ୍ରତ୍ୟେକ ୱାର୍ଡରେ ଗୋଷ୍ଠୀକେନ୍ଦ୍ର, ପାର୍କ, ଓପନ ଜିମ, ଶୌଚାଳୟର ବ୍ୟବସ୍ଥା କରାଯାଇଥିବା, ରାସ୍ତାଘାଟରେ ଉନ୍ନତି ସହ ଡ୍ରେନ ମରାମତି କରାଯାଇଛି ବୋଲି କହିଥିଲେ। ପୂର୍ବରୁ ଜୁନାଗଡ଼ ସହରର ଆରଏମସିରେଠାରେ ଗୋଟିଏ ସ୍ଥାନରେ ପିଡିଏସ ଚାଉଳ ଦିଆଯାଉଥିଲା। ଯେଉଁଥି ପାଇଁ ଏନଏସିର ସମସ୍ତ ୱାର୍ଡବାସୀ ଠିକ ସମୟରେ ଚାଉଳ ନ ପାଇ ହନ୍ତସନ୍ତ ହେଉଥିଲେ। ଏ ବିଷୟରେ ପ୍ରଶାସନିକ ଅଧିକାରଙ୍କୁ ଜଣାଇବା ପରେ ଫତେନଗର ଓ ହିଂଜିଲିବାହାଲିପଡା ଆଉ ୨ଟି ସ୍ଥାନରେ ପିଡିଏସ ଚାଉଳ ବଣ୍ଟନ କରାଯିବ। ଆସନ୍ତା ଏପ୍ରିଲରୁ ଏଠାରେ ପିଡିଏସ ଚାଉଳ ବଣ୍ଟନ କରାଯିବ ବୋଲି କହିଥିଲେ। ସେହିପରି ନୂଆବସସ୍ଥାଣ୍ଡ କାର୍ଯ୍ୟ ପାଇଁ ଦେଢ଼ କୋଟି ଟଙ୍କାର ଟେଣ୍ଡର ସମାପ୍ତ, ଲଙ୍କେଶ୍ୱରୀ ମନ୍ଦିରର ଉନ୍ନତି କରଣ ପାଇଁ ଅଢେଇ କୋଟି ଟଙ୍କା ସରକାର ମଞ୍ଜୁର କରିଥିବା, ନୂଆବସଷ୍ଟାଣ୍ଡ ଓ ପୁରୁଣା ବସଷ୍ଟାଣ୍ଡଠାରେ ପୁରୁଣା ମାର୍କେଟକୁ ଭାଙ୍ଗି ନୂତନ ଦିତଳ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ, ମାଛ ମାଂସ ବିକ୍ରି ପାଇଁ ସ୍ୱତନ୍ତ୍ର ମାର୍କେଟ, ନୂଆ ଶୌଚାଳୟ, ଶ୍ମଶାନର ଉନ୍ନତି, ୧୧୬୫ ଏଲଇଡି ଲାଇଟ, ନୂତନ ସ୍ମାର୍ଟ ବସ୍ତି ନିର୍ମାଣ, ସାମୁଦାୟିକ ଭବନ ପରି ବହୁବିଧ କାର୍ଯ୍ୟର ପଦକ୍ଷେପ ନିଆଯାଇଛି ବୋଲି କହିଥିଲେ। ସହରବାସୀଙ୍କ ଆଶୀର୍ବାଦ ଓ ତାଙ୍କର ସହଯୋଗରେ ଆଜି ଜୁନାଗଡ଼ ସହର ସ୍ୱଚ୍ଛ ଭାରତ ସର୍ବେକ୍ଷଣରେ ପୂର୍ବ ଭାରତରେ ପୁରସ୍କାର ପାଇବା ସହ ଏହି ସହରର ସର୍ବାଙ୍ଗୀନ ବିକାଶ ଓ ଏକ ସ୍ମାର୍ଟ ସହରରେ ଗଢିତୋଳିବା ମୋର ଲକ୍ଷ୍ୟ ବୋଲି କହିଥିଲେ। ଆଗାମୀ ଦିନରେ ପୁରାତନ ଐତିହାସିକ ଜୁନାଗଡ଼ ସହର ରାଜ୍ୟର ଏକ ସ୍ୱଚ୍ଛ ଓ ଅଗ୍ରଣୀ ସହର ଭାବେ ବିକଶିତ ହେବ ବୋଲି ଦୃଢ ପ୍ରତିଶ୍ରୁତି ଦେଇଥିଲେ।

# ଯାଞ୍ଚ ପାଇଁ ବୋର୍ଡକୁ ପଠାଗଲା ୭୮ଜଣଙ୍କ ସାର୍ଟିଫିକେଟ୍

## କଳାହାଣ୍ଡି ଡାକ ବିଭାଗ

- ଭୟରେ ଆସିଲେନି ୨୭

ଭବାନୀପାଟଣା,୩୦।୩(ସ୍ୱ.ପ୍ର.)

କଳାହାଣ୍ଡି ଜିଲା ଡାକ ବିଭାଗରେ ଗତ କିଛି ଦିନ ତଳେ ୧୦୫ ପଦବୀ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଯାଞ୍ଚ ନିମନ୍ତେ ୭୮ଜଣ ପ୍ରାର୍ଥୀ ଆସିଥିଲେ। ସେହିପରି ୨୭ଜଣ ଅନୁପସ୍ଥିତ ଥିଲେ। ବର୍ତ୍ତମାନ ୭୮ଜଣଙ୍କ ସାର୍ଟିଫିକେଟ ଯାଞ୍ଚ ନିମନ୍ତେ ୪ଟି ବୋର୍ଡକୁ ପଠାଯାଇଛି। ଡାକ ବିଭାଗ ପକ୍ଷରୁ ବଲାଙ୍ଗୀର ପୋଲିସକୁ ତଦନ୍ତ ଦାୟିତ୍ୱ ଦିଆଯାଇଥିବା ବେଳେ କଳାହାଣ୍ଡି ଜିଲାରେ ବୋର୍ଡକୁ ଯାଞ୍ଚ ପାଇଁ ପଠାଇ ଦିଆଯାଇ ବିଭାଗୀୟ ଅଧିକାରୀ ହାତବାନ୍ଧି ବସିଥିବାରୁ ସାଧାରଣରେ ଉଦ୍‌ବେଗ ପ୍ରକାଶ ପାଇଛି। ପୂର୍ବରୁ ନକଲି ସାର୍ଟିଫିକେଟ ଦେଇ ଚାକିରି କରିଥିବା ଜଣେ ଯୁବତୀଙ୍କୁ କାର୍ଯ୍ୟରୁ ବରଖାସ୍ତ କରିବା ପରେ ମଧ ବିଭାଗ ସଜାଗ ନ ହେବା ଘଟଣା ସାଧାରଣରେ ଆଲୋଡ଼ନ ସୃଷ୍ଟି କରିଛି। ପ୍ରକାଶ ଯେ, କଳାହାଣ୍ଡି ଜିଲାରେ ଡାକ ବିଭାଗ ପକ୍ଷରୁ ୧୦୫ଟି ପଦବୀ ନିମନ୍ତେ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଏଥିପାଇଁ ୭୮ଜଣଙ୍କ ସାର୍ଟିଫିକେଟ ତନଖି ଶେଷ ହୋଇଥିବା ବେଳେ ୨୭ଜଣ ନକଲି ସାର୍ଟିଫିକେଟ ଭୟରେ ଆସିଲେ ନାହିଁ। ଯାଞ୍ଚ ବେଳେ ଆସି ନ ଥିବା ପ୍ରାର୍ଥୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନ ହେବା ଯୋଗୁ ନକଲି ସାର୍ଟିଫିକେଟଧାରୀ ଅନାୟାସରେ ଖସିଯିବେ ବୋଲି ଆଲୋଚନା ହେଉଛି। ଆବେଦନକାରୀଙ୍କ ମଧ୍ୟରେ ଉତ୍ତରପ୍ରଦେଶରୁ ସାର୍ଟିଫିକେଟ ଆଣିଥିବା ବୋର୍ଡ ସାର୍ଟିଫିକେଟ ନକଲି ବୋଲି ସନ୍ଦେହ କରାଯାଉଛି। ସେହିଭଳି ୭୮ଜଣ ଯାଞ୍ଚବେଳେ ଆସିଥିବା ପ୍ରାର୍ଥୀଙ୍କ ମଧ୍ୟରୁ କେଉଁମାନଙ୍କ ସାର୍ଟିଫିକେଟ ନକଲି ତାହା ତଦନ୍ତ ସାପେକ୍ଷ। ୭୮ଜଣଙ୍କୁ ବିଭାଗ ଅସ୍ଥାୟୀ ନିଯୁକ୍ତି ଦେବ କି ତଦନ୍ତକୁ ଅପେକ୍ଷା କରିବ ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପୂର୍ବରୁ ସାର୍ଟିଫିକେଟ ଯାଞ୍ଚ ଶେଷ ନ ହୋଇ ନିଯୁକ୍ତି ପ୍ରଦାନ କରି ପରବର୍ତ୍ତୀ ସମୟରେ ପ୍ରାର୍ଥୀଙ୍କୁ ବରଖାସ୍ତ କରିବାର ନଜିର ରହିଛି। ବିଭାଗ ପକ୍ଷରୁ କେବଳ ବରଖାସ୍ତ କରି ଚୁପ ରହିବା ଘଟଣା ସାଧାରଣରେ ଆଲୋଚନା ସୃଷ୍ଟି ହୋଇଛି। ୧୦୫ଜଣ ପ୍ରାର୍ଥୀଙ୍କ ମଧ୍ୟରୁ କିଏ ଅସଲି ଓ କିଏ ନକଲି ବର୍ତ୍ତମାନ ରହସ୍ୟାବୃତ୍ତ ହୋଇରହିଛି। ଅନ୍ୟପକ୍ଷରେ ଚାକିରିରୁ ବରଖାସ୍ତ ହୋଇଥିବା ପ୍ରାର୍ଥୀଙ୍କ ବିରୋଧରେ ମାମଲା ରୁଜୁ ନ ହେବା ଘଟଣା ବିଭାଗୀୟ ଅଧିକାରୀଙ୍କ ଭୂମିକାକୁ ନେଇ ସନ୍ଦେହ ରହିଛି।

# ଶ୍ରୀରାମ ନବମୀରେ କୋସଲି ହନୁମାନ ଚାଳିଶା ଉନ୍ମୋଚିତ



ଅତିଥିମାନେ କୋସଲି ହନୁମାନ ଚାଳିଶା ଉନ୍ମୋଚନ କରୁଛନ୍ତି।

ବଲାଙ୍ଗୀର ଅଫିସ, ୩୦।୩

ଶ୍ରୀରାମ ନବମୀ ଅବସରରେ ମହନୀ କ୍ରିଏସନ ଓ ନିରୁ ମିଡିଆ ପ୍ରକାଶିତ କୋସଲି ହନୁମାନ ଚାଲିସା ବଲାଙ୍ଗୀର ଡେର୍ଲିମାର୍କେଟସ୍ଥିତ ଶ୍ରୀରାମ ଚରିତ ମାନସ ମନ୍ଦିରଠାରେ ଉନ୍ମୋଚିତ ହୋଇଛି। ଏହି ଅବସରରେ ଏଠାରେ ଭଗବାନ ଶ୍ରୀରାମଙ୍କ ପୂଜାର୍ଚ୍ଚନା କରାଯାଇଥିଲା। ହନୁମାନ ଚାଲିସାର ମୂଳ ଲେଖା ତୁଳସୀ ଦାସ ଲେଖିଥିବା ବେଳେ ଏହାକୁ ଅନୁବାଦ କରିଛନ୍ତି କବି ଅକ୍ଷୟ ସରାଫ। ନିରୁ ମିଡିଆ ଏବଂ ମହନୀ କ୍ରିଏସନ ପ୍ରକାଶନରେ ପ୍ରକାଶିତ କୋସଲି ହନୁମାନ ଚାଲିଶାର ମୂଳ ଉଦ୍ଦେଶ୍ୟ ଏହି ଅଞ୍ଚଳର ଭାଷା, ସଂସ୍କୃତିକୁ ବିକଶିତ ଏବଂ ପ୍ରଚାର ପ୍ରସାର କରିବା ବୋଲି ମହନୀ କ୍ରିଏସନର ମୁଖ୍ୟ ବିନୋଦ କାଲସାଏ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ଅତିଥି ଭାବରେ ଆକ୍ସନ କମିଟି ଆବାହକ ଗୋପାଳଜୀ ପାଣିଗ୍ରାହୀ, ଜିଲା ଲେଖକ ପରିଷଦ ସମ୍ପାଦକ କପିଳେଶ୍ୱର ଖମାରୀ, ନାଗରିକ କମିଟି ସମ୍ପାଦକ ମନରଞ୍ଜନ ସାହୁ, ୟୁଥ ଏକ୍ସନ କମିଟି ଉପସଭାପତି ପିଙ୍କୁ ବନଛୋର, ରବି ଖମାରୀ, ସମ୍ପାଦକ ପ୍ରତାପ ତ୍ରିପାଠୀ, କୋସଲ ମୁକ୍ତି ମୋର୍ଚ୍ଚା ସଭାପତି ବିକାଶ ସା, ପଶ୍ଚିମ ଓଡିଶା ଯୁବା ମଞ୍ଚ କାର୍ଯ୍ୟକାରୀ ସଭାପତି ଅଭିଷେକ ଦାସ, ବିଶ୍ୱ ହିନ୍ଦୁ ପରିଷଦ ମାତୃଶକ୍ତି ଶ୍ରୀପଦା ଷଡଙ୍ଗୀ, କୋସଲି କବି ଅର୍ଜୁନ ସାହୁ, ଡା. ସୁଚିସ୍ମିତା ମହାନ୍ତି, କଣ୍ଠଶିଳ୍ପୀ ଶିବାନନ୍ଦ ତ୍ରିପାଠୀ, ଅଭିନେତ୍ରୀ ମିଲି ବାରିକ, ବରଦା ରଞ୍ଜନ ମିଶ୍ର, ସୁଶାନ୍ତ ତାଣ୍ଡି, ରୋଜିସ୍ମିତା ହୋତା, ସନ୍ତୋଷ ହୋତା, ସଞ୍ଜୟ ସାହୁ ଉପସ୍ଥିତ ଥିଲେ।

# ଗୋମାଂସ ଚାଲାଣ, ଗୋହତ୍ୟା ବନ୍ଦ ଦାବି

ସମ୍ବଲପୁର,୩୦।୩(ବ୍ୟୁରୋ)

ସମ୍ବଲପୁର ସହରରେ ଗୋମାଂସ ଚାଲାଣ ଓ ଗୋହତ୍ୟା ସମ୍ପୂର୍ଣ୍ଣ ବନ୍ଦ କରିବାକୁ ହନୁମାନ ଜୟନ୍ତୀ ସମନ୍ୱୟ ସମିତି ପକ୍ଷରୁ ଦାବି କରାଯାଇଛି। ସ୍ଥାନୀୟ ସାମ୍ବାଦିକ ଭବନଠାରେ ସମିତି କର୍ମକର୍ତ୍ତା ଖବରଦାତା ସମ୍ମିଳନୀରେ ଅଭିଯୋଗ କରିଥିଲେ, କିଛିବର୍ଷ ହେବ ସମ୍ବଲପୁର ସହରରେ ଗୋହତ୍ୟା ସହ ଗୋମାଂସ ଚୋରା ଚାଲାଣ ବୃଦ୍ଧି ପାଇବାରେ ଲାଗିଛି। ଏହାକୁ ରୋକିବାରେ ପ୍ରଶାସନ ବିଫଳ ହୋଇଛି। ବାଂଲାଦେଶୀ ଓ ରୋହିଙ୍ଗା ମୁସଲିମ ଅନୁପ୍ରବେଶକାରୀ ବୃଦ୍ଧି ପାଇବା ଯୋଗୁ ସହରରେ ଆପରାଧିକ ଘଟଣା ବଢୁଛି। ଗୋରୁ ମାଂସ ଓ ଚାଲାଣକାରୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଆବଶ୍ୟକ। ପ୍ରଶାସନ ଏ ଦିଗରେ ତୁରନ୍ତ ପଦକ୍ଷେପ ନ ନେଲେ ସମିତି ପକ୍ଷରୁ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି। ଖବରଦାତା ସମ୍ମିଳନୀରେ ଡ଼ା. ରାଜକୁମାର ବଡ଼ପଣ୍ଡ, ସଭାପତି ଦାମୋଦର କର, କାର୍ଯ୍ୟକାରୀ ସଭାପତି ସମୀର ରଞ୍ଜନ ବାବୁ, ସମ୍ପାଦକ ନନ୍ଦ କିଶୋର ମିଶ୍ର, ମୁଖ୍ୟ ସଂଯୋଜକ ରାମଚନ୍ଦ୍ର ମେହେର, ଉପଦେଷ୍ଟା ସୁଧୀର ରଞ୍ଜନ ବହିଦାର ଓ ଗଣମାଧ୍ୟମ ସଂଯୋଜକ ମାନସ ରଞ୍ଜନ ବକ୍ସି ଉପସ୍ଥିତ ଥିଲେ।

# ଦଧିବାମନ ନାଟ୍ୟ କଳା ମହୋତ୍ସବର ରାମନବମୀ ପାଳିତ



ରାମନବମୀ ଅବସରରେ ପୂଜା କମିଟି ସଦସ୍ୟ ପୂର୍ଣ୍ଣ କଳସ ଧରି ନାଟ୍ୟମଣ୍ଡପକୁ ଆସୁଛନ୍ତି।

ଲୋଇସିଂହା,୩୦।୩(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଅନ୍ତର୍ଗତ ଯୋଗୀସର୍ଡା ଗ୍ରାମର ଶ୍ରୀ ଶ୍ରୀ ଦଧିବାମନ ନାଟ୍ୟ କଳା ମହୋତ୍ସବ ପକ୍ଷରୁ ଗୁରୁବାର ରାମନବମୀ ପାଳିତ ହୋଇଯାଇଛି। ମ୍ୟାନେଜର ହରିହର ଛୁରିଆଙ୍କ ନେତୃତ୍ୱରେ ହବିଷିଆଳି କଳାକାର, କମିଟି କର୍ମକର୍ତ୍ତା ଓ ଗ୍ରାମବାସୀ ଦେଉଳନ୍ଧରୁ ପୂର୍ଣ୍ଣକଳସ ଆଣି ନାଟ୍ୟମଣ୍ଡପରେ ସ୍ଥାପନ କରିଥିଲେ। ମୁଖ୍ୟପୀଠରୁ ଶାଳକା ଓ ନାଟ୍ୟ ସାମଗ୍ରୀ ଆଣି ପୂଜକ ମୋହନ ମିଶ୍ର ପୂଜାର୍ଚ୍ଚନା ଓ ହୋମଯଜ୍ଞ କରିଥିଲେ। ଅରବିନ୍ଦ ମିଶ୍ର ଓ ତାଙ୍କ ଧର୍ମପତ୍ନୀ ଲକ୍ଷ୍ମୀପ୍ରିୟା ମିଶ୍ର କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ। ପ୍ରତ୍ୟେକ ବର୍ଷ ପରି ଚଳିତବର୍ଷ ରାମନବମୀ ସନ୍ଧ୍ୟାରୁ ଆସନ୍ତା ଏପ୍ରିଲ ୧୨ ତାରିଖ ପର୍ଯ୍ୟନ୍ତ ରାମଜନ୍ମରୁ ଆରମ୍ଭ ହୋଇ ରାମରାଜ୍ୟାଭିଷେକ ପର୍ଯ୍ୟନ୍ତ ଅନୁଷ୍ଠାନ ପକ୍ଷରୁ ରାମଲୀଳା ନାଟ୍ୟ ପରିବେଷଣ କରାଯିବ। ଗୋବିନ୍ଦ ପଧାନ, କିରଟି ପଧାନ, କାଶୀନାଥ ପଧାନ, ଲକ୍ଷ୍ମଣ ସାହୁ, ସୀତାକାନ୍ତ ପଧାନ, ସୁନ୍ଦରମଣି ପଧାନ, ସୁରେନ୍ଦ୍ର ପଧାନ, ମହେନ୍ଦ୍ର ମିଶ୍ର ଓ ସୁରେନ୍ଦ୍ର ମିଶ୍ର ଉପସ୍ଥିତ ରହିଥିଲେ। ଉଲ୍ଲେଖଯୋଗ୍ୟ, ୧୯୩୧ରୁ ଏହି ଅନୁଷ୍ଠାନ ପକ୍ଷରୁ ନିଷ୍ଠାପର ଭାବେ ରାମଲୀଳା ନାଟ୍ୟ ପରିବେଷଣ ହୋଇଆସୁଛି।

# ରାମନବମୀ ଉପଲକ୍ଷେ କୁଇଜ୍ ପ୍ରତିଯୋଗିତା

ସମ୍ବଲପୁର,୩୦।୩(ବ୍ୟୁରୋ)

ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ୨୮ନଂ. ୱାର୍ଡ ରାଧାରାଣୀ ବିହାର (ଭାଲୁପାଲି)ଠାରେ ରାମନବମୀ ଉପଲକ୍ଷେ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ଶିଶୁମାନଙ୍କଠାରେ ପୌରାଣିକ ଜ୍ଞାନ ବିକଶିତ ହେବା ଲକ୍ଷ୍ୟରେ କର୍ମକର୍ତ୍ତାମାନେ ପ୍ରଭୁ ଶ୍ରୀ ରାମଙ୍କ ଜୟନ୍ତୀ ଦିବସରେ ପୌରାଣିକ ଆଧାରିତ କୁଇଜ୍ ପ୍ରତିଯୋଗିତା କରିଥିଲେ। ପରେ ବିଜୟୀ ଶିଶୁମାନଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ରାଧାରାଣୀ ବିହାର କମିଟି ସଭାପତି ବିଦ୍ୟାଧର ପ୍ରଧାନ, ସମ୍ପାଦକ ଶରତ ପଟ୍ଟନାୟକ, ସହସମ୍ପାଦକ ନିଶିକାନ୍ତ ବିଶ୍ୱାଳ, କୋଷାଧକ୍ଷ ରାଧେଶ୍ୟାମ ପୁରୋହିତ, ଶାନ୍ତନୁ ପଣ୍ଡା, ଅମିତ ପଣ୍ଡା, ମିହିର ପୂଜାରୀ, ମୀନକେତନ ସାହୁ, ଭବେଶ ଚୌଧୁରୀ, ବିରମିତ୍ର ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।

# ତାରିଣୀ ପୀଠରେ ଚଣ୍ଡୀ ମହାଯଜ୍ଞ

ଭବାନୀପାଟଣା,୩୦।୩(ସ୍ୱ.ପ୍ର.)

କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ତାରିଣୀ ମନ୍ଦିରରେ ଦେବୀଙ୍କ ଚୈତ୍ର ବସନ୍ତିକ ଯାତ୍ରା ଉପଲକ୍ଷେ ସପ୍ତମୀ ତିଥିରୁ ଆରମ୍ଭ ହୋଇଥିବା ତ୍ରିଦିନାତ୍ମକ ସ୍ୱତନ୍ତ୍ର ପୂଜାର୍ଚ୍ଚନା ଗୁରୁବାର ତୃତୀୟ ଦିବସରେ ନବମୀ ତିଥିରେ ଚଣ୍ଡୀ ମହାଯଜ୍ଞ ଅନୁଷ୍ଠିତ ହୋଇଛି। ଯଜ୍ଞରେ ବ୍ରହ୍ମା ଦାୟିତ୍ୱ ସନ୍ତୋଷ କୁମାର ରଥ ତୁଲାଇଥିବା ବେଳେ ଆଚାର୍ଯ୍ୟ ହେଇଥିଲେ ମନୋ ରଞ୍ଜନ ଦାଶ। ଚଣ୍ଡୀପାଠ ନିରଞ୍ଜନ ଦାଶ, ଶି ସହସ୍ର ନାମ ସତ୍ୟ ନାରାୟଣ ମହାପାତ୍ର ଓ ବିଷ୍ଣୁ ସହସ୍ର ନାମ ଡ଼. ତପନ ରଥ ସମ୍ପାଦନ କରିଥିଲେ। ବିଶ୍ୱଜିତ ନେଗୀ ଓ ସ୍ମିତାରଣୀ ନେଗୀ ଯଜ୍ଞର କର୍ତ୍ତା ହେଇଥିଲେ। ମନ୍ଦିର ପୂଜକ ଉତ୍ତମ ଚନ୍ଦନ ତ୍ରିପାଠୀ ଦେବୀଙ୍କ ନୀତିକାନ୍ତି ସମ୍ପାଦନ କରିଥିଲେ। ଅଭିଷିକ୍ତ ପୂଜକ ପ୍ରଭାକର ତ୍ରିପାଠୀ ଦେବୀଙ୍କ ତ୍ରିଦିନାତ୍ମକ ସୱତନ୍ତ୍ର ଅର୍ଚ୍ଚନା କରିଥିଲେ। ଦିନ ତମାମ ଶ୍ରଦ୍ଧାଳୁମାନଙ୍କ ପ୍ରବଳ ସମାଗମ ହୋଇଥିଲା। ସମସ୍ତ ଶ୍ରଦ୍ଧାଳୁଙ୍କ ପାଇଁ ଯଜ୍ଞ କମିଟି ପକ୍ଷରୁ ଅନ୍ନ ପ୍ରସାଦ ବ୍ୟବସ୍ଥା କରାଯାଇଥିଲା। ରଞ୍ଜନ କୁମାର ରଥ, ବିରେନ୍ଦ୍ର ମିଶ୍ର, ଶ୍ରୀସ ରଞ୍ଜନ ତ୍ରିପାଠୀ, ପ୍ରମୋଦ ରଥ ପ୍ରମୁଖ ଯଜ୍ଞରେ ସହଯୋଗ କରିଥିଲେ।



ତାରିଣୀ ପୀଠରେ ଚଣ୍ଡୀ ମହାଯଜ୍ଞ।

# 'ପୁସ୍ତକ ପଢ଼ିବା ଏକ ସାଂସ୍କୃତିକ କାର୍ଯ୍ୟ'

## ବଲାଙ୍ଗୀର ଜିଲାସ୍ତରୀୟ ପୁସ୍ତକ ମେଳା ଉଦ୍‌ଯାପିତ

ବଲାଙ୍ଗୀର ଅଫିସ, ୩୦।୩




ବଲାଙ୍ଗୀର ପୁସ୍ତକ ମେଳା ଉଦ୍‌ଯାପନୀ ଉତ୍ସବରେ ମଞ୍ଚାସୀନ ଅତିଥି।

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ଆନୁକୂଲ୍ୟରେ ତଥା ଜିଲା ପ୍ରଶାସନ ଦ୍ୱାରା ସ୍ଥାନୀୟ କୋଶଳ କଳାମଣ୍ଡଳ ପଡିଆରେ ୭ ଦିନ ବ୍ୟାପି ଆୟୋଜିତ ବଲାଙ୍ଗୀର ଜିଲାସ୍ତରୀୟ ପୁସ୍ତକ ମେଳା ଗୁରୁବାର ଉଦ୍‌ଯାପିତ ହୋଇଛି। ଉଦ୍‌ଯାପନୀ ସନ୍ଧ୍ୟାରେ ସାହିତ୍ୟିକ ଓ ସମାଲୋଚକ ପ୍ରଫେସର ମଧୁସୂଦନ ପତି ବରେଣ୍ୟ ଅତିଥି ଭାବେ ଯୋଗଦେଇ ବହି କିଭଳି ବ୍ୟକ୍ତି ଓ ଗୋଷ୍ଠୀ ଜୀବନ ତଥା ସମାଜ ଉପରେ ପ୍ରଭାବ ପକାଇଥାଏ ସେନେଇ କହିଥିଲେ। ଏହାଛଡା ବହି କିଭଳି ଆମ ସାମାଜିକ ଓ ସାଂସ୍କୃତିକ ପରମ୍ପରାରେ ଏକ ମାର୍ଗଦର୍ଶିକା ରୂପେ କାର୍ଯ୍ୟ କରେ କହିଥିଲେ। ବହି ସାଇତି ରଖିବା, ବହି ପଢିବା ଏକ ସାଂସ୍କୃତିକ କାର୍ଯ୍ୟ ଓ ପରମ୍ପରା ବୋଲି କହିଥିଲେ। ଏହି ଦୃଷ୍ଟିକୋଣରୁ ପୁସ୍ତକ ମେଳାର ଆୟୋଜନ ଗୁରୁତ୍ୱପୂର୍ଣ୍ଣ। ପୁସ୍ତକ ମେଳାର ଆୟୋଜନ କାହିଁକି ଏବଂ ଉଦ୍ଦେଶ୍ୟ କେତେ ସଫଳ ହେଲା ଉଦ୍‌ଯାପନୀରେ ଏହାର ସମୀକ୍ଷା ହେବା ଆବଶ୍ୟକ ବୋଲି କହିଥିଲେ। ବଲାଙ୍ଗୀର ଅତିରିକ୍ତ ଜିଲାପାଳ ଲମ୍ବୋଦର ଧାରୁଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ସଭାରେ ଅନ୍ୟତମ ଅତିଥି ଭାବେ ଓଡିଶା ସାହିତ୍ୟ ଏକାଡେମୀ ସଦସ୍ୟା ଡାକ୍ତର ଜ୍ୟୋତିର୍ମୟୀ ସାହୁ ଯୋଗଦାନ କରି ପୁସ୍ତକ ସମସ୍ତଙ୍କ ପାଇଁ ଉପାଦେୟ କହିଥିଲେ। ଅଧାପକ ସନ୍ଦୀପ କୁମାର କୁଅଁରଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ଜିଲା ଲେଖକ ପରିଷଦ କୋଷାଧ୍ୟକ୍ଷ ଅଜିତ କୁମାର ମହାନ୍ତି ସ୍ୱାଗତ ଭାଷଣ ଦେଇଥିଲେ। ଜିଲା ସଂସ୍କୃତି ଅଧିକାରୀ ରଶ୍ମିରଞ୍ଜନ ମିଶ୍ର ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରିବା ସହ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ରାଧାକୃଷ୍ଣ ପଟ୍ଟନାୟକଙ୍କ ଗୀତିକବିତା ପ୍ରୀତିଗୀତି, ଗୋପୀକୃଷ୍ଣ ପାଣ୍ଡିଆଙ୍କ ଏକାଦଶୀ ଅର୍ଘ୍ୟ, ସଦାନନ୍ଦ ମେହେରଙ୍କ ଶରଧା ବିକାଶ ପୁସ୍ତକକୁ ଅତିଥିମାନେ ଲୋକାର୍ପିତ କରିଥିଲେ। ଅପରାହ୍ଣରେ ଐଶ୍ୱର୍ଯ୍ୟା ଦାସଙ୍କ ପରିଚାଳନାରେ ବଲାଙ୍ଗୀର କୁଇଜ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ନାଟ୍ୟ ଭୂଷଣ ଜଗଦାନନ୍ଦ ଛୁରିଆ, ଗୋପାଳ ପ୍ରଧାନ ଉପସ୍ଥିତ ଥିଲେ। ପରେ ସାଇ ଅଂଶିକା ତାଣ୍ଡି, ଆଦ୍ୟାଶା ଅନ୍ୱେଷା ମେହେରଙ୍କ ଲୋକନୃତ୍ୟ , ଦିବ୍ୟାଂଶୀ ବାଗଙ୍କ ସମ୍ବଲପୁରୀ ଫୁଲବାଲି, ଆଇଡିଏମ ପବ୍ଲିକ ସ୍କୁଲର ଲୋକନୃତ୍ୟ ପରିବେଷଣ କରାଯାଇଥିଲା। ଐଶ୍ୱର୍ଯ୍ୟ ଦାସ ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ସଂକ୍ଷେପରେ

### ଭିନ୍ନକ୍ଷମ ବିଦ୍ୟାର୍ଥୀଙ୍କ ଗୋଷ୍ଠୀ ସାଧନ କେନ୍ଦ୍ର ଉଦ୍‌ଘାଟିତ

**ପଦ୍ମପୁର ୩୦।୩( ଡିଏନଏ):** ବରଗଡ଼ ଜିଲା ରାଜବୋଡାସମ୍ବର ବ୍ଲକ ଶିକ୍ଷା କାର୍ଯ୍ୟାଳୟରେ ଭିନ୍ନକ୍ଷମ ଛାତ୍ରୀଛାତ୍ରଙ୍କ ପାଇଁ ଗୋଷ୍ଠୀ ସାଧନ କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି। ବ୍ଲକ ଶିକ୍ଷାଧିକାରୀ ଅମୃତା ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ବିଧାୟିକା ବର୍ଷା ସିଂ ବରିହା ମୁଖ୍ୟ ଅତିଥି ଓ ଜିଲା ଶିକ୍ଷାଧିକାରୀ ମିତ୍ରଭାନୁ କଚ୍ଛପ ସମ୍ମାନିତ ଅତିଥି ଭାବେ ଯୋଗଦାନ କରି ସାଧନ କେନ୍ଦ୍ରକୁ ଉଦ୍‌ଘାଟନ କରିଥିଲେ। ସାଧନ କର୍ମୀ ଭଗବାନ ତରିଆ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ପ୍ରଭାତ ସାହୁ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଭିନ୍ନକ୍ଷମ ଛାତ୍ରୀଛାତ୍ରଙ୍କ ନିମନ୍ତେ ଉଦ୍ଦିଷ୍ଟ ବିଭିନ୍ନ କଲ୍ୟାଣକାରୀ ଯୋଜନାର ସଫଳ ରୂପାୟନ ଓ ସେମାନଙ୍କ ଶୈକ୍ଷିକ ବିକାଶ ପାଇଁ ସାଧନ କେନ୍ଦ୍ର ସହାୟକ ହେବ ବୋଲି ଅତିଥିଗଣ ମତପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ବ୍ଲକର ଗୋଷ୍ଠୀ ସମ୍ବଳ ଶିକ୍ଷକ, ଅନ୍ତର୍ନିବେଶୀ ଶିକ୍ଷା ସହାୟକ, ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ, ପ୍ରଧାନ ଶିକ୍ଷକଗଣ, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ବିପିନ ମିଶ୍ର, ରାମସିଂ ଭୋଇ, ଜୟକୁମାର ସାହୁ ଉପସ୍ଥିତ ଥିଲେ। ଜୟକୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

### ରାମନବମୀ ଉପଲକ୍ଷେ ବଜରଙ୍ଗ ଦଳର ଶୋଭାଯାତ୍ରା

**ବ୍ରଜରାଜନଗର,୩୦।୩ (ଡି.ଏନ.ଏ.):** ପବିତ୍ର ରାମନବମୀ ଅବସରରେ ବଜରଙ୍ଗ ଦଳ ପକ୍ଷରୁ ଆଖଡ଼ା ପୂଜା ଓ ଭବ୍ୟ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ମା’ ଆଦିଶକ୍ତି ମନ୍ଦିର ଠାକୁରପଡାରୁ ଶୋଭାଯାତ୍ର ବାହାରି ଚାନ୍ଦିନୀଚୌକ ମୁଖ୍ୟ ମାର୍କେଟ, ଷ୍ଟେଶନ ଛକ, ଗୁରୁନାନକ ଛକ ଦେଇ ମା’ ରାମଚଣ୍ଡୀ ମନ୍ଦିରରେ ପହଞ୍ଚିଥିଲା। ଏହି ଶୋଭାଯାତ୍ରାରେ ଆଖଡା ପ୍ରଦର୍ଶିତ ହୋଇଥିଲା। ବଜରଙ୍ଗ କର୍ମୀମାନେ ହାତରେ ଝଣ୍ଡା ଧରି ଶୋଭାଯାତ୍ରାରେ ଯୋଗଦେଇଥିଲେ। ଜିଲା ଭାଜପା ସଭାପତି ମଙ୍ଗଳ ସାହୁ, ରାଧେଶ୍ୟାମ ପ୍ରଧାନ, ରୁକ୍ମଣ ଧୁରୁଆ, ଦେବ ପ୍ରସାଦ ଦାଶ, ଭାନୁ ସିଂ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ଚିନ୍ମୟ ଦେବତା, ଅକ୍ଷୟ କୁମ୍ଭାର, ରାହୁଲ ଶର୍ମା ପରିଚାଳନା କରିଥିଲେ। ବ୍ରଜରାଜନଗର ଏସ୍‌ଡ଼ିପିଓ ଚିନ୍ତାମଣି ପ୍ରଧାନ, ବ୍ରଜରାଜନଗର ଥାନା ଅଧିକାରୀ ଧବଳେଶ୍ୱର ସାହୁ ଉପସ୍ଥିତ ରହି ରାଲି ନିୟନ୍ତ୍ରଣ କରିଥିଲେ।

### ସ୍ତ୍ରୀଙ୍କୁ ମାରପିଟ ଅଭିଯୋଗରେ ସ୍ୱାମୀ ଗିରଫ

**ଜମନକିରା,୩୦।୩(ଡି.ଏନ.ଏ.):** ସ୍ତ୍ରୀଙ୍କୁ ମାରପିଟ ଅଭିଯୋଗରେ ଜମନକିରା ପୋଲିସ ଅଭିଯୁକ୍ତ ସ୍ୱାମୀଙ୍କୁ ଗିରଫ କରିଛି। ସେ ହେଲେ ଦେବଗଡ଼ ଜିଲା ଚିରୁଗୁନିଖୋଲ ଗାଁର କୁମର ମଣୀ ପଙ୍କା। ପୋଲିସ ସୂଚନା ଅନୁଯାୟୀ ୭ବର୍ଷ ତଳେ କୁମର ଜମନକିରା ଥାନା କସଦା ଗାଁର ମମି ପଙ୍କାଙ୍କୁ ପ୍ରେମ ବିବାହ କରିଥିଲେ। ତେବେ ବିବାହ କିଛିଦିନ ପରେ କୌଣସି କାରଣକୁ ନେଇ କୁମର ମମିଙ୍କ ସହ ଝଗଡ଼ା କରି ମାରପିଟ କରିଥିଲେ। ଏହାକୁ ନେଇ ମମି ନିଜ ଶ୍ୱଶୁର ଘର ଛାଡ଼ି ବାପା ଘର କସଦା ଗାଁରେ ରହୁଥିଲେ। ଏପରିସ୍ଥଳେ ବୁଧବାର କୁମର ଶ୍ୱଶୁର ଘରେ ପହଞ୍ଚି ପୁନର୍ବାର ମମିଙ୍କୁ ମାରପିଟ କରିଥିଲେ। ଗୁରୁବାର ମମି ଏ ନେଇ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା (ନଂ.୩୫/୨୩) ରୁଜୁ କରି କୁମରଙ୍କୁ ଗିରଫ କରିବା ସହ ଘଟଣାର ତଦନ୍ତ ଜାରି ରଖିଛି।

### ନିଃଶୁଳ୍କ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର

**ବେଲପାହାଡ,୩୦।୩ (ଡି.ଏନ.ଏ.):** ବେଲପାହାଡ଼ସ୍ଥିତ ଟିଆର୍‌ଏଲ୍ କ୍ରୋସାକୀ କମ୍ପାନୀର ସିଏସ୍‌ଆର୍ ବିଭାଗ ଓ ହସ୍ପିଟାଲ ପକ୍ଷରୁ ଗୁରୁବାର ଗୁମାଡେରା ଜୁବୁଲି ହଲଠାରେ ଏକ ନିଃଶୁଳ୍କ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିର ସକାଳ ୯ ଟାରୁ ସନ୍ଧ୍ୟା ପର୍ଯ୍ୟନ୍ତ ଚାଲିଥିଲା। କମ୍ପାନୀର ବରିଷ୍ଠ ଅଧିକାରୀ ଡା. ତାରାପଦ ଦାଶ ମୁଖ୍ୟଅତିଥି ଓ ଟିଆର୍‌ଏଲ୍ କ୍ରୋସାକୀ ହସ୍ପିଟାଲ ନିର୍ଦ୍ଦେଶକ ଡା. ତୁଷାରକାନ୍ତି ଦାଶ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଶୁଭାରମ୍ଭ କରିଥିଲେ। ଶିବିରରେ ମୋଟ ୩୨୫ ଜଣ ରୋଗୀଙ୍କ ରକ୍ତ, ରକ୍ତଚାପ ଓ ଇସିଜି ଆଦି ପରୀକ୍ଷା କରାଯାଇ ମାଗଣାରେ ଔଷଧ ପ୍ରଦାନ କରାଯାଇଥିଲା। ସ୍ନାୟୁ ରୋଗ ବିଶେଷଜ୍ଞ ଡା. ସୁଶୀଲ ରଥ, ହୃଦ୍‌ରୋଗ ବିଶେଷଜ୍ଞ ଡା. ଦୀପକ ବେହେରା ପ୍ରମୁଖ ଯୋଗଦେଇ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ।

# ଏପ୍ରିଲରୁ ସହରର ୩ ସ୍ଥାନରେ ପିଡିଏସ୍ ବଣ୍ଟନ

**ଜୁନାଗଡ଼,୩୦।୩(ଡି.ଏନ.ଏ.)**


ଖବରଦାତା ସମ୍ମିଳନୀରେ ନଗରପାଳ ସୂଚନା ଦେଉଛନ୍ତି।

**ଖବରଦାତା ସମ୍ମିଳନୀରେ ସୂଚନା**
- ଦାୟିତ୍ୱ ଗ୍ରହଣର ୧ ବର୍ଷ ପରେ ହିସାବ ଦେଲେ
- ସହରର ସର୍ବାଙ୍ଗୀନ ବିକାଶ ମୋର ଲକ୍ଷ୍ୟ: ନଗରପାଳ

କଳାହାଣ୍ଡି ଜିଲା ଜୁନାଗଡ଼ ବିଜ୍ଞାପିତ ଅଞ୍ଚଳର ନଗରପାଳ ଭାବେ ମୁକେଶ ଅଗ୍ରୱାଲ ଦାୟିତ୍ୱ ଗ୍ରହଣ କରିବାର ଗୁରୁବାର ୧ ବର୍ଷ ପୂର୍ତ୍ତି ହୋଇଛି। ଏହି ଅବସରରେ ସ୍ଥାନୀୟ ଏନ୍‌ଏସି କାର୍ଯ୍ୟାଳୟରେ ଏକ ଖବରଦାତା ସମ୍ମିଳନୀ ଆୟୋଜନ କରି ୧ ବର୍ଷ ମଧ୍ୟରେ କରିଥିବା ବିଭିନ୍ନ ବିକାଶମୂଳକ କାର୍ଯ୍ୟ ସହ ଆଗାମୀ କାର୍ଯ୍ୟ ପନ୍ଥା ଉପରେ ସୂଚନା ଦେଇଥିଲେ। ଏଥିରେ ସହରରେ ପ୍ରତି ୱାର୍ଡରେ ବର୍ଦ୍ଧିତ ପାନୀୟ ଜଳ ଯୋଗାଣ ପାଇଁ ପାଇପ ଲାଇନ କାମ ଶେଷ, ପରିମଳ ପାଇଁ ସବୁବେଳେ ସଫେଇ କର୍ମଚାରୀଙ୍କୁ ସଜାଗ ରଖିବା। ପ୍ରତ୍ୟେକ ୱାର୍ଡରେ ଗୋଷ୍ଠୀକେନ୍ଦ୍ର, ପାର୍କ, ଓପନ ଜିମ, ଶୌଚାଳୟର ବ୍ୟବସ୍ଥା କରାଯାଇଥିବା, ରାସ୍ତାଘାଟରେ ଉନ୍ନତି ସହ ଡ୍ରେନ ମରାମତି କରାଯାଇଛି ବୋଲି କହିଥିଲେ। ପୂର୍ବରୁ ଜୁନାଗଡ଼ ସହରର ଆରଏମସିରେଠାରେ ଗୋଟିଏ ସ୍ଥାନରେ ପିଡିଏସ ଚାଉଳ ଦିଆଯାଉଥିଲା। ଯେଉଁଥି ପାଇଁ ଏନଏସିର ସମସ୍ତ ୱାର୍ଡବାସୀ ଠିକ ସମୟରେ ଚାଉଳ ନ ପାଇ ହନ୍ତସନ୍ତ ହେଉଥିଲେ। ଏ ବିଷୟରେ ପ୍ରଶାସନିକ ଅଧିକାରଙ୍କୁ ଜଣାଇବା ପରେ ଫତେନଗର ଓ ହିଂଜିଲିବାହାଲିପଡା ଆଉ ୨ଟି ସ୍ଥାନରେ ପିଡିଏସ ଚାଉଳ ବଣ୍ଟନ କରାଯିବ। ଆସନ୍ତା ଏପ୍ରିଲରୁ ଏଠାରେ ପିଡିଏସ ଚାଉଳ ବଣ୍ଟନ କରାଯିବ ବୋଲି କହିଥିଲେ। ସେହିପରି ନୂଆବସସ୍ତାଣ୍ଡ କାର୍ଯ୍ୟ ପାଇଁ ଦେଢ଼ କୋଟି ଟଙ୍କାର ଟେଣ୍ଡର ସମାପ୍ତ, ଲଙ୍କେଶ୍ୱରୀ ମନ୍ଦିରର ଉନ୍ନତି କରଣ ପାଇଁ ଅଢେଇ କୋଟି ଟଙ୍କା ସରକାର ମଞ୍ଜୁର କରିଥିବା, ନୂଆବସଷ୍ଟାଣ୍ଡ ଓ ପୁରୁଣା ବସଷ୍ଟାଣ୍ଡଠାରେ ପୁରୁଣା ମାର୍କେଟକୁ ଭାଙ୍ଗି ନୂତନ ଦିତଳ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ, ମାଛ ମାଂସ ବିକ୍ରି ପାଇଁ ସ୍ୱତନ୍ତ୍ର ମାର୍କେଟ, ନୂଆ ଶୌଚାଳୟ, ଶ୍ମଶାନର ଉନ୍ନତି, ୧୧୬୫ ଏଲଇଡି ଲାଇଟ, ନୂତନ ସ୍ମାର୍ଟ ବସ୍ତି ନିର୍ମାଣ, ସାମ୍ବାଦିକ ଭବନ ପରି ବହୁବିଧ କାର୍ଯ୍ୟର ପଦକ୍ଷେପ ନିଆଯାଇଛି ବୋଲି କହିଥିଲେ। ସହରବାସୀଙ୍କ ଆଶୀର୍ବାଦ ଓ ତାଙ୍କର ସହଯୋଗରେ ଆଜି ଜୁନାଗଡ଼ ସହର ସ୍ୱଚ୍ଛ ଭାରତ ସର୍ବେକ୍ଷଣରେ ପୂର୍ବ ଭାରତରେ ପୁରସ୍କାର ପାଇବା ସହ ଏହି ସହରର ସର୍ବାଙ୍ଗୀନ ବିକାଶ ଓ ଏକ ସ୍ମାର୍ଟ ସହରରେ ଗଢିତୋଳିବା ମୋର ଲକ୍ଷ୍ୟ ବୋଲି କହିଥିଲେ। ଆଗାମୀ ଦିନରେ ପୁରାତନ ଐତିହାସିକ ଜୁନାଗଡ଼ ସହର ରାଜ୍ୟର ଏକ ସ୍ୱଚ୍ଛ ଓ ଅଗ୍ରଣୀ ସହର ଭାବେ ବିକଶିତ ହେବ ବୋଲି ଦୃଢ ପ୍ରତିଶ୍ରୁତି ଦେଇଥିଲେ।

# ଯାଞ୍ଚ ପାଇଁ ବୋର୍ଡକୁ ପଠାଗଲା ୭୮ଜଣଙ୍କ ସାର୍ଟିଫିକେଟ୍

**ଭବାନୀପାଟଣା,୩୦।୩(ସ୍ୱ.ପ୍ର.)**

**କଳାହାଣ୍ଡି ଡାକ ବିଭାଗ**
- ଭୟରେ ଆସିଲେନି ୨୭

କଳାହାଣ୍ଡି ଜିଲା ଡାକ ବିଭାଗରେ ଗତ କିଛି ଦିନ ତଳେ ୧୦୫ ପଦବୀ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଯାଞ୍ଚ ନିମନ୍ତେ ୭୮ଜଣ ପ୍ରାର୍ଥୀ ଆସିଥିଲେ। ସେହିପରି ୨୭ଜଣ ଅନୁପସ୍ଥିତ ଥିଲେ। ବର୍ତ୍ତମାନ ୭୮ଜଣଙ୍କ ସାର୍ଟିଫିକେଟ ଯାଞ୍ଚ ନିମନ୍ତେ ୪ଟି ବୋର୍ଡକୁ ପଠାଯାଇଛି। ଡାକ ବିଭାଗ ପକ୍ଷରୁ ବଲାଙ୍ଗୀର ପୋଲିସକୁ ତଦନ୍ତ ଦାୟିତ୍ୱ ଦିଆଯାଇଥିବା ବେଳେ କଳାହାଣ୍ଡି ଜିଲାରେ ବୋର୍ଡକୁ ଯାଞ୍ଚ ପାଇଁ ପଠାଇ ଦିଆଯାଇ ବିଭାଗୀୟ ଅଧିକାରୀ ହାତବାନ୍ଧି ବସିଥିବାରୁ ସାଧାରଣରେ ଉଦ୍‌ବେଗ ପ୍ରକାଶ ପାଇଛି। ପୂର୍ବରୁ ନକଲି ସାର୍ଟିଫିକେଟ ଦେଇ ଚାକିରି କରିଥିବା ଜଣେ ଯୁବତୀଙ୍କୁ କାର୍ଯ୍ୟରୁ ବରଖାସ୍ତ କରିବା ପରେ ମଧ୍ୟ ବିଭାଗ ସଜାଗ ନ ହେବା ଘଟଣା ସାଧାରଣରେ ଆଲୋଡ଼ନ ସୃଷ୍ଟି କରିଛି। ପ୍ରକାଶ ଯେ, କଳାହାଣ୍ଡି ଜିଲାରେ ଡାକ ବିଭାଗ ପକ୍ଷରୁ ୧୦୫ଟି ପଦବୀ ନିମନ୍ତେ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଏଥିପାଇଁ ୭୮ଜଣଙ୍କ ସାର୍ଟିଫିକେଟ ତନଖି ଶେଷ ହୋଇଥିବା ବେଳେ ୨୭ଜଣ ନକଲି ସାର୍ଟିଫିକେଟ ଭୟରେ ଆସିଲେ ନାହିଁ। ଯାଞ୍ଚ ବେଳେ ଆସି ନ ଥିବା ପ୍ରାର୍ଥୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନ ହେବା ଯୋଗୁ ନକଲି ସାର୍ଟିଫିକେଟଧାରୀ ଅନାୟାସରେ ଖସିଯିବେ ବୋଲି ଆଲୋଚନା ହେଉଛି। ଆବେଦନକାରୀଙ୍କ ମଧ୍ୟରେ ଉତ୍ତରପ୍ରଦେଶରୁ ସାର୍ଟିଫିକେଟ ଆଣିଥିବା ବୋର୍ଡ ସାର୍ଟିଫିକେଟ ନକଲି ବୋଲି ସନ୍ଦେହ କରାଯାଉଛି। ସେହିଭଳି ୭୮ଜଣ ଯାଞ୍ଚବେଳେ ଆସିଥିବା ପ୍ରାର୍ଥୀଙ୍କ ମଧ୍ୟରୁ କେଉଁମାନଙ୍କ ସାର୍ଟିଫିକେଟ ନକଲି ତାହା ତଦନ୍ତ ସାପେକ୍ଷ। ୭୮ଜଣଙ୍କୁ ବିଭାଗ ଅସ୍ଥାୟୀ ନିଯୁକ୍ତି ଦେବ କି ତଦନ୍ତକୁ ଅପେକ୍ଷା କରିବ ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପୂର୍ବରୁ ସାର୍ଟିଫିକେଟ ଯାଞ୍ଚ ଶେଷ ନ ହୋଇ ନିଯୁକ୍ତି ପ୍ରଦାନ କରି ପରବର୍ତ୍ତୀ ସମୟରେ ପ୍ରାର୍ଥୀଙ୍କୁ ବରଖାସ୍ତ କରିବାର ନଜିର ରହିଛି। ବିଭାଗ ପକ୍ଷରୁ କେବଳ ବରଖାସ୍ତ କରି ଚୁପ ରହିବା ଘଟଣା ସାଧାରଣରେ ଆଲୋଚନା ସୃଷ୍ଟି ହୋଇଛି। ୧୦୫ଜଣ ପ୍ରାର୍ଥୀଙ୍କ ମଧ୍ୟରୁ କିଏ ଅସଲି ଓ କିଏ ନକଲି ବର୍ତ୍ତମାନ ରହସ୍ୟାବୃତ୍ତ ହୋଇରହିଛି। ଅନ୍ୟପକ୍ଷରେ ଚାକିରିରୁ ବରଖାସ୍ତ ହୋଇଥିବା ପ୍ରାର୍ଥୀଙ୍କ ବିରୋଧରେ ମାମଲା ରୁଜୁ ନ ହେବା ଘଟଣା ବିଭାଗୀୟ ଅଧିକାରୀଙ୍କ ଭୂମିକାକୁ ନେଇ ସନ୍ଦେହ ରହିଛି।

# ଶ୍ରୀରାମ ନବମୀରେ କୋସଲି ହନୁମାନ ଚାଳିଶା ଉନ୍ମୋଚିତ


ଅତିଥିମାନେ କୋସଲି ହନୁମାନ ଚାଲିଶା ଉନ୍ମୋଚନ କରୁଛନ୍ତି।

**ବଲାଙ୍ଗୀର ଅଫିସ, ୩୦।୩**

ଶ୍ରୀରାମ ନବମୀ ଅବସରରେ ମହନୀ କ୍ରିଏସନ ଓ ନିରୁ ମିଡିଆ ପ୍ରକାଶିତ କୋସଲି ହନୁମାନ ଚାଲିସା ବଲାଙ୍ଗୀର ଡେର୍ଲିମାର୍କେଟସ୍ଥିତ ଶ୍ରୀରାମ ଚରିତ ମାନସ ମନ୍ଦିରଠାରେ ଉନ୍ମୋଚିତ ହୋଇଛି। ଏହି ଅବସରରେ ଏଠାରେ ଭଗବାନ ଶ୍ରୀରାମଙ୍କ ପୂଜାର୍ଚ୍ଚନା କରାଯାଇଥିଲା। ହନୁମାନ ଚାଲିସାର ମୂଳ ଲେଖା ତୁଳସୀ ଦାସ ଲେଖିଥିବା ବେଳେ ଏହାକୁ ଅନୁବାଦ କରିଛନ୍ତି କବି ଅକ୍ଷୟ ସରାଫ। ନିରୁ ମିଡିଆ ଏବଂ ମହନୀ କ୍ରିଏସନ ପ୍ରକାଶନରେ ପ୍ରକାଶିତ କୋସଲି ହନୁମାନ ଚାଳିଶାର ମୂଳ ଉଦ୍ଦେଶ୍ୟ ଏହି ଅଞ୍ଚଳର ଭାଷା, ସଂସ୍କୃତିକୁ ବିକଶିତ ଏବଂ ପ୍ରଚାର ପ୍ରସାର କରିବା ବୋଲି ମହନୀ କ୍ରିଏସନର ମୁଖ୍ୟ ବିନୋଦ କାଲସାଏ କହିଛନ୍ତି । ଏହି କାର୍ଯ୍ୟକ୍ରମରେ ଅତିଥି ଭାବରେ ଆକ୍ସନ କମିଟି ଆବାହକ ଗୋପାଳଜୀ ପାଣିଗ୍ରାହୀ, ଜିଲା ଲେଖକ ପରିଷଦ ସମ୍ପାଦକ କପିଳେଶ୍ୱର ଖମାରୀ, ନାଗରିକ କମିଟି ସମ୍ପାଦକ ମନରଞ୍ଜନ ସାହୁ, ୟୁଥ ଏକ୍ସନ କମିଟି ଉପସଭାପତି ପିଙ୍କୁ ବନଛୋର, ରବି ଖମାରୀ, ସମ୍ପାଦକ ପ୍ରତାପ ତ୍ରିପାଠୀ, କୋସଲ ମୁକ୍ତି ମୋର୍ଚ୍ଚା ସଭାପତି ବିକାଶ ସା, ପଶ୍ଚିମ ଓଡିଶା ଯୁବା ମଞ୍ଚ କାର୍ଯ୍ୟକାରୀ ସଭାପତି ଅଭିଷେକ ଦାସ, ବିଶ୍ୱ ହିନ୍ଦୁ ପରିଷଦ ମାତୃଶକ୍ତି ଶ୍ରୀପଦା ଷଡଙ୍ଗୀ, କୋସଲି କବି ଅର୍ଜୁନ ସାହୁ, ଡା. ସୁଚିସ୍ମିତା ମହାନ୍ତି, କଣ୍ଠଶିଳ୍ପୀ ଶିବାନନ୍ଦ ତ୍ରିପାଠୀ, ଅଭିନେତ୍ରୀ ମିଲି ବାରିକ, ବରଦା ରଞ୍ଜନ ମିଶ୍ର, ସୁଶାନ୍ତ ତାଣ୍ଡି, ରୋଜିସ୍ମିତା ହୋତା, ସନ୍ତୋଷ ହୋତା, ସଞ୍ଜୟ ସାହୁ ଉପସ୍ଥିତ ଥିଲେ ।

# ଗୋମାଂସ ଚାଲାଣ, ଗୋହତ୍ୟା ବନ୍ଦ ଦାବି

**ସମ୍ବଲପୁର,୩୦।୩(ବ୍ୟୁରୋ)**

ସମ୍ବଲପୁର ସହରରେ ଗୋମାଂସ ଚାଲାଣ ଓ ଗୋହତ୍ୟା ସମ୍ପୂର୍ଣ୍ଣ ବନ୍ଦ କରିବାକୁ ହନୁମାନ ଜୟନ୍ତୀ ସମନ୍ୱୟ ସମିତି ପକ୍ଷରୁ ଦାବି କରାଯାଇଛି। ସ୍ଥାନୀୟ ସାମ୍ବାଦିକ ଭବନଠାରେ ସମିତି କର୍ମକର୍ତ୍ତା ଖବରଦାତା ସମ୍ମିଳନୀରେ ଅଭିଯୋଗ କରିଥିଲେ, କିଛିବର୍ଷ ହେବ ସମ୍ବଲପୁର ସହରରେ ଗୋହତ୍ୟା ସହ ଗୋମାଂସ ଚୋରା ଚାଲାଣ ବୃଦ୍ଧି ପାଇବାରେ ଲାଗିଛି। ଏହାକୁ ରୋକିବାରେ ପ୍ରଶାସନ ବିଫଳ ହୋଇଛି। ବାଂଲାଦେଶୀ ଓ ରୋହିଙ୍ଗା ମୁସଲିମ ଅନୁପ୍ରବେଶକାରୀ ବୃଦ୍ଧି ପାଇବା ଯୋଗୁ ସହରରେ ଆପରାଧିକ ଘଟଣା ବଢୁଛି। ଗୋରୁ ମାଂସ ଓ ଚାଲାଣକାରୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଆବଶ୍ୟକ। ପ୍ରଶାସନ ଏ ଦିଗରେ ତ୍ୱରନ୍ତ ପଦକ୍ଷେପ ନ ନେଲେ ସମିତି ପକ୍ଷରୁ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି। ଖବରଦାତା ସମ୍ମିଳନୀରେ ଡ଼ା. ରାଜକୁମାର ବଡ଼ପଣ୍ଡ, ସଭାପତି ଦାମୋଦର କର, କାର୍ଯ୍ୟକାରୀ ସଭାପତି ସମୀର ରଞ୍ଜନ ବାବୁ, ସମ୍ପାଦକ ନନ୍ଦ କିଶୋର ମିଶ୍ର, ମୁଖ୍ୟ ସଂଯୋଜକ ରାମଚନ୍ଦ୍ର ମେହେର, ଉପଦେଷ୍ଟା ସୁଧୀର ରଞ୍ଜନ ବହିଦାର ଓ ଗଣମାଧ୍ୟମ ସଂଯୋଜକ ମାନସ ରଞ୍ଜନ ବକ୍ସି ଉପସ୍ଥିତ ଥିଲେ।

# ଦଧିବାମନ ନାଟ୍ୟ କଳା ମହୋତ୍ସବର ରାମନବମୀ ପାଳିତ


ରାମନବମୀ ଅବସରରେ ପୂଜା କମିଟି ସଦସ୍ୟ ପୂର୍ଣ୍ଣ କଳସ ଧରି ନାଟ୍ୟମଣ୍ଡପକୁ ଆସୁଛନ୍ତି।

**ଲୋଇସିଂହା,୩୦।୩(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଅନ୍ତର୍ଗତ ଯୋଗୀସର୍ଡା ଗ୍ରାମର ଶ୍ରୀ ଶ୍ରୀ ଦଧିବାମନ ନାଟ୍ୟ କଳା ମହୋତ୍ସବ ପକ୍ଷରୁ ଗୁରୁବାର ରାମନବମୀ ପାଳିତ ହୋଇଯାଇଛି। ମ୍ୟାନେଜର ହରିହର ଛୁରିଆଙ୍କ ନେତୃତ୍ୱରେ ହବିଷିଆଳି କଳାକାର, କମିଟି କର୍ମକର୍ତ୍ତା ଓ ଗ୍ରାମବାସୀ ଦେଉଳନ୍ଧରୁ ପୂର୍ଣ୍ଣକଳସ ଆଣି ନାଟ୍ୟମଣ୍ଡପରେ ସ୍ଥାପନ କରିଥିଲେ। ମୁଖ୍ୟପୀଠରୁ ଶାଳକା ଓ ନାଟ୍ୟ ସାମଗ୍ରୀ ଆଣି ପୂଜକ ମୋହନ ମିଶ୍ର ପୂଜାର୍ଚ୍ଚନା ଓ ହୋମଯଜ୍ଞ କରିଥିଲେ। ଅରବିନ୍ଦ ମିଶ୍ର ଓ ତାଙ୍କ ଧର୍ମପତ୍ନୀ ଲକ୍ଷ୍ମୀପ୍ରିୟା ମିଶ୍ର କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ। ପ୍ରତ୍ୟେକ ବର୍ଷ ପରି ଚଳିତବର୍ଷ ରାମନବମୀ ସନ୍ଧ୍ୟାରୁ ଆସନ୍ତା ଏପ୍ରିଲ ୧୨ ତାରିଖ ପର୍ଯ୍ୟନ୍ତ ରାମଜନ୍ମରୁ ଆରମ୍ଭ ହୋଇ ରାମରାଜ୍ୟାଭିଷେକ ପର୍ଯ୍ୟନ୍ତ ଅନୁଷ୍ଠାନ ପକ୍ଷରୁ ରାମଲୀଳା ନାଟ୍ୟ ପରିବେଷଣ କରାଯିବ। ଗୋବିନ୍ଦ ପଧାନ, କିରଟି ପଧାନ, କାଶୀନାଥ ପଧାନ, ଲକ୍ଷ୍ମଣ ସାହୁ, ସୀତାକାନ୍ତ ପଧାନ, ସୁନ୍ଦରମଣି ପଧାନ, ସୁରେନ୍ଦ୍ର ପଧାନ, ମହେନ୍ଦ୍ର ମିଶ୍ର ଓ ସୁରେନ୍ଦ୍ର ମିଶ୍ର ଉପସ୍ଥିତ ରହିଥିଲେ । ଉଲ୍ଲେଖଯୋଗ୍ୟ, ୧୯୩୧ରୁ ଏହି ଅନୁଷ୍ଠାନ ପକ୍ଷରୁ ନିଷ୍ଠାପର ଭାବେ ରାମଲୀଳା ନାଟ୍ୟ ପରିବେଷଣ ହୋଇଆସୁଛି।

# ରାମନବମୀ ଉପଲକ୍ଷେ କୁଇଜ୍ ପ୍ରତିଯୋଗିତା

**ସମ୍ବଲପୁର,୩୦।୩(ବ୍ୟୁରୋ)**

ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ୨୮ନଂ. ୱାର୍ଡ ରାଧାରାଣୀ ବିହାର (ଭାଲୁପାଲି)ଠାରେ ରାମନବମୀ ଉପଲକ୍ଷେ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ଶିଶୁମାନଙ୍କଠାରେ ପୌରାଣିକ ଜ୍ଞାନ ବିକଶିତ ହେବା ଲକ୍ଷ୍ୟରେ କର୍ମକର୍ତ୍ତାମାନେ ପ୍ରଭୁ ଶ୍ରୀ ରାମଙ୍କ ଜୟନ୍ତୀ ଦିବସରେ ପୌରାଣିକ ଆଧାରିତ କୁଇଜ୍ ପ୍ରତିଯୋଗିତା କରିଥିଲେ। ପରେ ବିଜୟୀ ଶିଶୁମାନଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ରାଧାରାଣୀ ବିହାର କମିଟି ସଭାପତି ବିଦ୍ୟାଧର ପ୍ରଧାନ, ସମ୍ପାଦକ ଶରତ ପଟ୍ଟନାୟକ, ସହସମ୍ପାଦକ ନିଶିକାନ୍ତ ବିଶ୍ୱାଳ, କୋଷାଧ୍ୟକ୍ଷ ରାଧେଶ୍ୟାମ ପୁରୋହିତ, ଶାନ୍ତନୁ ପଣ୍ଡା, ଅମିତ ପଣ୍ଡା, ମିହିର ପୂଜାରୀ, ମୀନକେତନ ସାହୁ, ଭବେଶ ଚୌଧୁରୀ, ବିରମିତ୍ର ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।

# ଶିଶୁ ମନ୍ଦିରରେ ଶ୍ରୀରାମ ନବମୀ ଉତ୍ସବ

**ଜାମଟିକ୍ରା, ୩୦।୩(ଡି.ଏନ.ଏ.)**

ଅତାବିରା ବ୍ଲକ ଘୁଡୁକାଟିକ୍ରା ଗୋଡ଼ଭଗା ସରସ୍ୱତୀ ଶିଶୁ ମନ୍ଦିରରେ ଗୁରୁବାର ମହାଆଡ଼ମ୍ବରରେ ଶ୍ରୀରାମ ନବମୀ ଉତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ଶିଶୁମାନେ ଶ୍ରୀରାମ, ଲକ୍ଷଣ, ସୀତା, ହନୁମାନ ତଥା ବିଭିନ୍ନ ମୁନିଋଷିଙ୍କ ବେଶରେ ସଜ୍ଜିତ ହୋଇଥିଲେ। ସେମାନେ ସ୍କୁଲରୁ ବାହାରି ଅନ୍ଧାରିପତ୍ରା ଦେଇ ଜଗନ୍ନାଥ ମନ୍ଦିରକୁ ଦର୍ଶନ କରିବା ପାଇଁ ଯାଇଥିଲେ। ଦର୍ଶନ ପରେ ସେଠାରେ ଅପେକ୍ଷା କରି ରହିଥିବା ସୁସଜ୍ଜିତ ରଥରେ ଶ୍ରୀରାମ, ଲକ୍ଷ୍ମଣ, ସୀତା ଓ ହନୁମାନ ବିରାଜମାନ ହୋଇ ନଗର ପରିକ୍ରମା କରିଥିଲେ। ପରିଚାଳନା କମିଟି, ଗୁରୁମା ଗୁରୁଜୀ, ଅଭିଭାବିକା ଅଭିଭାବକ, ସେବିକା ସେବକ, ବଜରଙ୍ଗଦଳ, ଆରଏସଏସ, ଗୋଡଭଗା ଏବଂ ଗୋଶାଳାର ପୋଲିସ କର୍ମଚାରୀ ସହଯୋଗ କରିଥିଲେ। ଗୋଡଭଗା ସରପଞ୍ଚ ମଞ୍ଜୁଲତା ସେଠ ଓ ସମିତି ସଭ୍ୟା ପଙ୍କଜିନୀ ବାଗ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ।


ଶିଶୁମାନେ ବିଭିନ୍ନ ବେଶରେ ସଜ୍ଜିତ ହୋଇଛନ୍ତି।

# ‘ପୁସ୍ତକ ପଢ଼ିବା ଏକ ସାଂସ୍କୃତିକ କାର୍ଯ୍ୟ’

**ବଲାଙ୍ଗୀର ଅଫିସ, ୩୦।୩**



ବଲାଙ୍ଗୀର ପୁସ୍ତକ ମେଳା ଉଦ୍‌ଯାପନୀ ଉତ୍ସବରେ ମଞ୍ଚାସୀନ ଅତିଥି।

**ବଲାଙ୍ଗୀର ଜିଲାସ୍ତରୀୟ ପୁସ୍ତକ ମେଳା ଉଦ୍‌ଯାପିତ**

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ଆନୁକୂଲ୍ୟରେ ତଥା ଜିଲା ପ୍ରଶାସନ ଦ୍ୱାରା ସ୍ଥାନୀୟ କୋଶଳ କଳାମଣ୍ଡଳ ପଡିଆରେ ୭ ଦିନ ବ୍ୟାପି ଆୟୋଜିତ ବଲାଙ୍ଗୀର ଜିଲାସ୍ତରୀୟ ପୁସ୍ତକ ମେଳା ଗୁରୁବାର ଉଦ୍‌ଯାପିତ ହୋଇଛି। ଉଦ୍‌ଯାପନୀ ସନ୍ଧ୍ୟାରେ ସାହିତ୍ୟିକ ଓ ସମାଲୋଚକ ପ୍ରଫେସର ମଧୁସୂଦନ ପତି ବରେଣ୍ୟ ଅତିଥି ଭାବେ ଯୋଗଦେଇ ବହି କିଭଳି ବ୍ୟକ୍ତି ଓ ଗୋଷ୍ଠୀ ଜୀବନ ତଥା ସମାଜ ଉପରେ ପ୍ରଭାବ ପକାଇଥାଏ ସେନେଇ କହିଥିଲେ। ଏହାଛଡା ବହି କିଭଳି ଆମ ସାମାଜିକ ଓ ସାଂସ୍କୃତିକ ପରମ୍ପରାରେ ଏକ ମାର୍ଗଦର୍ଶିକା ରୂପେ କାର୍ଯ୍ୟ କରେ କହିଥିଲେ। ବହି ସାଇତି ରଖିବା, ବହି ପଢିବା ଏକ ସାଂସ୍କୃତିକ କାର୍ଯ୍ୟ ଓ ପରମ୍ପରା ବୋଲି କହିଥିଲେ। ଏହି ଦୃଷ୍ଟିକୋଣରୁ ପୁସ୍ତକ ମେଳାର ଆୟୋଜନ ଗୁରୁତ୍ୱପୂର୍ଣ୍ଣ। ପୁସ୍ତକ ମେଳାର ଆୟୋଜନ କାହିଁକି ଏବଂ ଉଦ୍ଦେଶ୍ୟ କେତେ ସଫଳ ହେଲା ଉଦ୍‌ଯାପନୀରେ ଏହାର ସମୀକ୍ଷା ହେବା ଆବଶ୍ୟକ ବୋଲି କହିଥିଲେ। ବଲାଙ୍ଗୀର ଅତିରିକ୍ତ ଜିଲାପାଳ ଲମ୍ବୋଦର ଧାରୁଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ସଭାରେ ଅନ୍ୟତମ ଅତିଥି ଭାବେ ଓଡିଶା ସାହିତ୍ୟ ଏକାଡେମୀ ସଦସ୍ୟା ଡାକ୍ତର ଜ୍ୟୋତିର୍ମୟୀ ସାହୁ ଯୋଗଦାନ କରି ପୁସ୍ତକ ସମସ୍ତଙ୍କ ପାଇଁ ଉପାଦେୟ କହିଥିଲେ। ଅଧ୍ୟାପକ ସନ୍ଦୀପ କୁମାର କୁଅଁରଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ଜିଲା ଲେଖକ ପରିଷଦ କୋଷାଧ୍ୟକ୍ଷ ଅଜିତ କୁମାର ମହାନ୍ତି ସ୍ୱାଗତ ଭାଷଣ ଦେଇଥିଲେ। ଜିଲା ସଂସ୍କୃତି ଅଧିକାରୀ ରଶ୍ମିରଞ୍ଜନ ମିଶ୍ର ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରିବା ସହ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ରାଧାକୃଷ୍ଣ ପଟ୍ଟନାୟକଙ୍କ ଗୀତିକବିତା ପ୍ରୀତିଗୀତି, ଗୋପୀକୃଷ୍ଣ ପାଣ୍ଡିଆଙ୍କ ଏକାଦଶୀ ଅର୍ଘ୍ୟ, ସଦାନନ୍ଦ ମେହେରଙ୍କ ଶରଧା ବିକାଶ ପୁସ୍ତକକୁ ଅତିଥିମାନେ ଲୋକାର୍ପିତ କରିଥିଲେ। ଅପରାହ୍ଣରେ ଐଶ୍ୱର୍ଯ୍ୟା ଦାସଙ୍କ ପରିଚାଳନାରେ ବଲାଙ୍ଗୀର କୁଇଜ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ନାଟ୍ୟ ଭୂଷଣ ଜଗଦାନନ୍ଦ ଛୁରିଆ, ଗୋପାଳ ପ୍ରଧାନ ଉପସ୍ଥିତ ଥିଲେ। ପରେ ସାଇ ଅଂଶିକା ତାଣ୍ଡି, ଆଦ୍ୟାଶା ଅନ୍ୱେଷା ମେହେରଙ୍କ ଲୋକନୃତ୍ୟ , ଦିବ୍ୟାଂଶୀ ବାଗଙ୍କ ସମ୍ବଲପୁରୀ ଫୁଲବାଲି, ଆଇଡିଏମ ପବ୍ଲିକ ସ୍କୁଲର ଲୋକନୃତ୍ୟ ପରିବେଷଣ କରାଯାଇଥିଲା। ଐଶ୍ୱର୍ଯ୍ୟ ଦାସ ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ସଂକ୍ଷେପରେ

### ପାଣିରେ ବୁଡ଼ି ଯୁବ ବ୍ୟବସାୟୀଙ୍କ ମୃତ୍ୟୁ

**ବଡ଼ଗାଁ, ୩୦।୩(ଡି.ଏନ୍.ଏ.):** ସୁନ୍ଦରଗଡ଼ ଜିଲା ବଡ଼ଗାଁ ବସ୍ତିର ଜଣେ ଯୁବ ବ୍ୟବସାୟୀଙ୍କ ପୋଖରୀରେ ବୁଡି ମୃତ୍ୟୁ ହୋଇଛି। ସୂଚନା ଅନୁଯାୟୀ, ବଡ଼ଗାଁ ବସ୍ତିର ଯୁବ ବ୍ୟବସାୟୀ ମନୋଜ ଅଗ୍ରୱାଲ ଘର ନିକଟ ପୋଖରୀକୁ ଯାଇଥିଲାବେଳେ ଗୋଡ଼ ଖସି ଯିବାରୁ ପାଣିରେ ବୁଡି ଯାଇଥିଲେ। ସେ ପାଣିରେ ବୁଡି ଯାଇଥିବା କେହି ଦେଖି ନ ଥିଲେ। ଫଳରେ ପ୍ରାୟ ତିନି ଘଣ୍ଟା ପରେ ଲୋକେ ଦେଖି ପୋଲିସକୁ ଜଣାଇଥିଲେ। ପୋଲିସ ଉପସ୍ଥିତିରେ ଶବ ଉଦ୍ଧାର କରି ବଡ଼ଗାଁ ମେଡିକାଲରେ ରଖାଯାଇଛି।

### ଓଡ଼ିଆ ଯୁବକଙ୍କୁ ହତ୍ୟା ଘଟଣାରେ ୪ କୋର୍ଟ ଚାଲାଣ

**ହେମଗିର,୩୦।୩(ଡି.ଏନ.ଏ ):** ୧୫ହଜାର ଟଙ୍କା ପାଇଁ ଓଡ଼ିଆ ଯୁବକଙ୍କୁ ଛତିଶଗଡ଼ରେ ହତ୍ୟା ଘଟଣାରେ ହେମଗିର ପୋଲିସ ଗୁରୁବାର ୪ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗତ ମଙ୍ଗଳବାର ଜାମଝରିଆ ଗ୍ରାମର ପ୍ରଜାପତି କିଷାନ(୪୮) ଗତ କିଛି ଦିନ ତଳେ ଛତିଶଗଡ ସ୍ଥିତ ବଡକଛାର ଗ୍ରାମର ଲୋକନାଥ ପ୍ରଧାନଙ୍କଠାରୁ ୧୫ହଜାର ଟଙ୍କାର ମହୁଲ ଆଣି ଥିଲେ। ଏନେଇ କୋଲନାଥ ପ୍ରଜାପତିଙ୍କୁ ମହୁଲର ପଇସା ମାଗିବାରୁ ସେ ଦେଉ ନ ଥିବାରୁ ଗତ ମଙ୍ଗଳବାର ଅପରାହ୍ଣ ୨ଟାରେ ଲୋକନାଥ ସହ ଅନ୍ୟ ୪ଜଣ ସହଯୋଗୀ ୨ଟି ବାଇକରେ ଜାମଝରିଆ ଆସି ପ୍ରଜାପତିଙ୍କୁ ଟେକି ନେଇ ବଡକଛାର ଜଙ୍ଗଲରେ ଟାଙ୍ଗିଆରେ ହାଣି ହତ୍ୟା କରିଥିଲେ। ଏନେଇ ହେମଗିର ପୋଲିସ ପାଖରେ ମୃତକଙ୍କ ପୁଅ ସୁଶାନ୍ତ କିଶାନ ଅଭିଯୋଗ କରିଥିଲେ। ଏହି ଅଭିଯୋଗକୁ ଭିତ୍ତିକରି ହେମଗିର ପୋଲିସ ଛତିଶଗଡର ହମିରପୁର ଗ୍ରାମର ରାଜେଶ ସୋନି(୩୫), ହମିରପୁରର ଭବାନୀ ନିଶାଦ(୩୦), ଭୋଗରା ଗ୍ରାମର ପିଙ୍କୁକୁମାର କିଷାନ(୩୨) ଓ ଭୁବରାକଛାର ଗ୍ରାମର ଲୋକନାଥ ପ୍ରଧାନ ୪ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି ।

### କାର ପଛରେ ଧକ୍କା ଦେଲା ବାଇକ୍: ୩ ଗୁରୁତର

**ବଡ଼ଗାଁ, ୩୦।୩(ଡି.ଏନ୍.ଏ.):** ସୁନ୍ଦରଗଡ଼ ଜିଲା ବଡ଼ଗାଁ ଥାନା ଅନ୍ତର୍ଗତ ଏକମା ନିକଟ ଭାଲୁମୁଣ୍ଡା ଗ୍ରାମରେ ଗୁରୁବାର ଅପରାହ୍ଣରେ କାର ପଛରେ ବାଇକ୍ ଧକ୍କା ଦେବାରୁ ବାଇକରେ ବସିଥିବା ତିନି ଜଣ ଯୁବକ ଗୁରୁତର ଆହତ ହୋଇଛନ୍ତି। ସୂଚନା ଅନୁଯାୟୀ ଝାଡ଼ଖଣ୍ଡ ରାଜ୍ୟ ବଲବା ଥାନା ଅନ୍ତର୍ଗତ ଟାଙ୍ଗରଟୋଲି ଗ୍ରାମର ବାଇକ୍ ଚାଳକ ସଂଜିତ ବଡାଇକଙ୍କ ସହିତ ଅନ୍ୟ ୨ଜଣ ଦୃତ ଗତିରେ ଏକମା ପଟକୁ ଆସୁଥିବାବେଳେ ନିୟନ୍ତ୍ରଣ ହରାଇ କାର ପଛରେ ଧକ୍କା ଦେଇଥିଲେ। ବାଇକ୍ ଚାଳକଙ୍କ ସହିତ ସମସ୍ତ ତିନି ଜଣଙ୍କ ଗୋଡ଼ ଭାଙ୍ଗିଥିବାବେଳେ ବିଭିନ୍ନ ସ୍ଥାନରେ ଆଘାତ ହୋଇଛି। ୧୦୮ ଆମ୍ବୁଲାନ୍ସରେ ତିନି ଜଣଙ୍କୁ ବଡ଼ଗାଁ ମେଡିକାଲରେ ଚିକିତ୍ସା କରାଯାଉଛି।

# ନାରୀ ଚାହିଁଲେ ସମାଜରେ ପରିବର୍ତ୍ତନ ହୋଇପାରିବ

**ବିଶ୍ୱ ମହିଳା ଦିବସ ପାଳିତ**

**ରାଉରକେଲା ଅଫିସ,୩୦।୩**


ମହିଳା ଦିବସ ପାଳନ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିବୃନ୍ଦ।

ରାଉରକେଲା ସେକ୍ଟର-୭ ସ୍ଥିତ ଇସ୍ପାତ ସାହିତ୍ୟ ସଂସଦ ପରିସରରେ 'ନାୟିକା' ଅନୁଷ୍ଠାନ ପକ୍ଷରୁ ଗୁରୁବାର ବିଶ୍ୱ ମହିଳା ଦିବସ ପାଳିତ ହୋଇଛି। ଏଥିରେ ରିମ୍ବର ଅଧ୍ୟକ୍ଷା ନଳିନୀପ୍ରଭା ପଟ୍ଟନାୟକ ମୁଖ୍ୟ ଅତିଥି, ସ୍ତ୍ରୀରୋଗ ବିଶେଷଜ୍ଞ ଡାକ୍ତର ଗୀତାଞ୍ଜଳି ପତ୍ରୀ ମୁଖ୍ୟବକ୍ତା ଭାବେ ଯୋଗଦେଇ ଆଜିର ସମାଜରେ ମହିଳାମାନଙ୍କ ଭୂମିକା ଓ ନାରୀ ଚାହିଁଲେ କିଭଳି ସମାଜ ପରିବର୍ତ୍ତନ ହୋଇପାରିବ ସେ ନେଇ ମତପ୍ରକାଶ କରିଥିଲେ। ଅନ୍ୟ ଅତିଥିଙ୍କ ମଧ୍ୟରେ ଡ. କିଶୋରୀ ଦାସ ଯୋଗଦେଇ ନାରୀମାନେ ଶିକ୍ଷାକ୍ଷେତ୍ରରେ ଆଗେଇବାକୁ ପ୍ରେରଣା ଦେଇଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଅନୁଷ୍ଠାନର ସଭାପତି ସୁବ୍ରତା ପତି ଅତିଥି ପରିଚୟ ପ୍ରଦାନ କରିଥିବାବେଳେ କନକଲତା ଦାସ ବିବରଣୀ ପାଠ କରିଥିଲେ। ଉପସଭାପତି ଡଲିରାଣୀ ବ୍ରହ୍ମା ମହିଳାମାନେ ଶିକ୍ଷା, ସଂସ୍କୃତିକୁ ଧ୍ୟାନ ଦେବା ସହିତ ଶାଳିନତା ରକ୍ଷା କଲେ ସମଗ୍ର ସମାଜ ତଥା ଦେଶର ହିତ କରିପାରିବେ ବୋଲି ମତବ୍ୟକ୍ତ କରିଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ସମ୍ପାଦିକା ପୂର୍ଣ୍ଣିମା ପଣ୍ଡା ପରିଚାଳନା କରିଥିଲେ। ଏହି ଅବସରରେ ଅନୁପମା ପାତ୍ରଙ୍କୁ ୨୦୨୨ ଓ ମଞ୍ଜୁଳା ଦାଶଙ୍କୁ ୨୦୨୩ ପାଇଁ ବରିଷ୍ଠ ସଦସ୍ୟା ସମ୍ମାନ ପ୍ରଦାନ କରାଯାଇଥିଲା। ସେହିପରି ସହରର ୬୭ଟି ସ୍ୱୟଂ ସହାୟକ ଗୋଷ୍ଠୀର ପ୍ରାୟ ୨ଶହ ମହିଳାଙ୍କୁ ମେଡାଲ ପ୍ରଦାନ କରାଯାଇଥିଲା। ଦ୍ୱିତୀୟ ପର୍ଯ୍ୟାୟରେ ମହିଳା ଓ ଶିଶୁମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ସସ୍ମିତା ପାତ୍ର, ଅରୁନ୍ଧତୀ ସ୍ୱାଇଁ, ମିନତି ମହାନ୍ତି, ମଞ୍ଜୁଳା ରଥ, ନିରୁପମା ମିଶ୍ର, ସ୍ନେହଲତା ପଟ୍ଟନାୟକ, ଇପ୍ସିତା ପଣ୍ଡା, ରୀତା ଦାଶ, ପ୍ରଭାସିନୀ ମହାନ୍ତି, ନାରାୟଣ ପତି, ଚିତ୍ତରଞ୍ଜନ ବ୍ରହ୍ମା, ରବିନ୍ଦ୍ର ନାଥ ଦାସ ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ମମତା ସାମନ୍ତରାୟ ଧନ୍ୟବାଦ ଅର୍ପଣ କରିଥିଲେ।

## ଦେବଗଡ଼ ପ୍ରତିଯୋଗୀଙ୍କ ସଫଳତା

**ରାଜ୍ୟସ୍ତରୀୟ ସନ୍ତରଣ ପ୍ରତିଯୋଗିତା**



**ଦେବଗଡ଼, ୩୦।୩(ଡି.ଏନ.ଏ.)**

ଓଡିଶା ରାଜ୍ୟ ବିଦ୍ୟାଳୟ ସମୂହ କ୍ରୀଡା ସଙ୍ଗଠନ ଭୁବନେଶ୍ୱର ଆନୁକୂଲ୍ୟରେ ସମ୍ବଲପୁରସ୍ଥିତ ଡାକ୍ତର ଝସକେତନ ସାହୁ ସନ୍ତରଣାଗାରଠାରେ ଆୟୋଜିତ ୨ଦିନିଆ ୧୪ ବର୍ଷ ଓ ୧୭ବର୍ଷରୁ କମ ବାଳକ ଓ ବାଳିକା ବର୍ଗ ସନ୍ତରଣ ପ୍ରତିଯୋଗିତା ଉଦଯାପିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ୧୪ବର୍ଷରୁ କମ ବାଳକ ବର୍ଗରେ ଦେବଗଡ଼ର ପ୍ରତିଯୋଗୀ ଭିସା ବାରିକଙ୍କୁ ଉଲ୍ଲେଖନୀୟ ସଫଳତା ମିଳିଛି। ଭିସା ୨୦୦ ମିଟର ବ୍ରେଷ୍ଟଷ୍ଟ୍ରୋକ ସନ୍ତରଣରେ ପ୍ରଥମ ସ୍ଥାନ, ୨୦୦ ମିଟର ବ୍ରେଷ୍ଟଷ୍ଟ୍ରୋକ ସନ୍ତରଣରେ ପ୍ରଥମ ସ୍ଥାନ ଏବଂ ୫୦ ମିଟର ବ୍ରେଷ୍ଟଷ୍ଟ୍ରୋକ ସନ୍ତରଣରେ ଦ୍ୱିତୀୟ ସ୍ଥାନ ଅଧିକାର କରି ଦେବଗଡ ଜିଲାପାଇଁ ଗୌରବ ଆଣିଛନ୍ତି କ୍ରୀଡାବିତ ଓ କ୍ରୀଡାପ୍ରେମୀ ମହଲରେ ଖୁସିର ଲହରି ଦେଖା ଦେବାସହ ଭିସାଙ୍କୁ ବିଭିନ୍ନ ମହଲରୁ ଅଭିନନ୍ଦନ ଓ ଶୁଭେଚ୍ଛା ଜ୍ଞାପନ କରାଯାଇଛି । ଏଠାରେ ସୂଚନା ଯୋଗ୍ୟ ଯେ, କୃତୀ ପ୍ରତିଯୋଗୀ ଭିସା ଦେବଗଡ ପୌରାଞ୍ଚଳ ବଣିଆଁସାହିର ରଞ୍ଜିତ ବାରିକ ଓ କନକ ମଞ୍ଜରୀ ବାରିକ ପୁଅ।

## ମହିଳା ଏସ୍‌ଏମ୍‌ଇଙ୍କ ପାଇଁ ସ୍ୱତନ୍ତ୍ର ଭେଣ୍ଡର ବିକାଶ କାର୍ଯ୍ୟକ୍ରମ

**ରାଉରକେଲା ଅଫିସ,୩୦।୩**



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ ।

ଅନୁସୂଚିତ ଜାତି/ଅନୁସୂଚିତ ଜନଜାତି ଏବଂ ମହିଳା ଅଣ୍ଡୁ, କ୍ଷୁଦ୍ର ଉଦ୍ୟୋଗୀମାନଙ୍କ ପାଇଁ ଏକ ସ୍ୱତନ୍ତ୍ର ବିକ୍ରେତା ବିକାଶ କାର୍ଯ୍ୟକ୍ରମ ଗତ ୨୫ ତାରିଖରେ ରାଉରକେଲା କ୍ଲବରେ ଆୟୋଜିତ ହୋଇଥିଲା। ଜାତୀୟ ଏସ୍‌ସି ଏସ୍‌ଟି ହବ୍ ଅଫିସ ଭୁବନେଶ୍ୱର ଏବଂ ସେଲ୍ ପକ୍ଷରୁ ମିଳିତ ଭାବେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସାମଗ୍ରୀ ପରିଚାଳନା ବିଭାଗ ନିର୍ବାହୀ ନିର୍ଦ୍ଦେଶକ ସୋମନାଥ ତ୍ରିପାଠୀ ମୁଖ୍ୟ ଅତିଥି ଏବଂ ଏନ୍‌ଏସ୍‌ଏସ୍‌ଏଚ୍‌ଓର ମୁଖ୍ୟ ପରିଚାଳକ ଶୁଭାଶିଷ ଦାସ ସମ୍ମାନିତ ଅତିଥି ଭାବେ ଯୋଗଦାନ ଦେଇଥିଲେ। ଏହି ଅବସରରେ ଏମ୍‌ଏମ୍ କ୍ରୟ ବିଭାଗ ଜିଏମ୍ ଆଲୋକ ବେହେରା, ଡିଜିଏମ୍ ଅସୀମ ଅପୂର୍ବ ଏବଂ ସିସିଡବ୍ଲ୍ୟୁ ବିଭାଗର ଏଜିଏମ୍ ଦିବ୍ୟା ଦାଶ ଉପସ୍ଥିତ ଥିଲେ। ଏହି ଅଧିବେଶନରେ ୨୫ରୁ ଅଧିକ ଅନୁସୂଚିତ ଜାତି, ଜନଜାତି ଓ ମହିଳା ଏସ୍‌ଏମ୍‌ଇ ଅଂଶଗ୍ରହଣ କରିଥିଲେ। ମୁଖ୍ୟ ଅତିଥି ଆର୍‌ଏସ୍‌ପିରେ ଏସ୍‌ଏମ୍‌ଇମାନଙ୍କ ପାଇଁ ଉପଲବ୍ଧ ସୁବିଧା ସୁଯୋଗ ବିଷୟରେ ଉଲ୍ଲେଖ କରିଥିଲେ। ଏଥିରେ କଣ୍ଟ୍ରାକ୍ଟର୍ସ ସେଲ୍(ୱାର୍କ୍ସ), ସହର ଇଞ୍ଜିନିୟରିଙ୍ଗ କଣ୍ଟ୍ରାକ୍ଟ ସେଲ୍, ସିଏସଆର୍ ଓ ଏମଏମ୍(କ୍ରୟ) ଓ ଏନ୍‌ଏସ୍‌ଏସ୍‌ଏଚ୍‌ଓ ପ୍ରତିନିଧିମାନେ ଅଂଶଗ୍ରହଣକାରୀ ଏମ୍‌ଏସ୍‌ଇମାନଙ୍କୁ ଆର୍‌ଏସ୍‌ପିରେ ବିକ୍ରେତା ପଞ୍ଜୀକରଣ ପ୍ରକ୍ରିୟା, ଆର୍‌ଏସ୍‌ପିର ବିବିଧ ଚୁକ୍ତିନାମା ଏବଂ କ୍ରୟ ବିଷୟାବଳୀ, ଜିଇଏମ୍ ପଞ୍ଜୀକରଣ ପ୍ରକ୍ରିୟା, ବିଲ୍ ରିହାତି ବ୍ୟବସ୍ଥା ଓ ଏନ୍‌ଏସ୍‌ଏସ୍‌ଏଚ୍‌ଓ ମାଧ୍ୟମରେ ସେମାନଙ୍କୁ ମିଳୁଥିବା ସୁବିଧା ବିଷୟରେ ସୂଚନା ଦେଇଥିଲେ। ଏସ୍‌ଏମ୍‌ଇ ପ୍ରତିନିଧିମାନେ ସେମାନଙ୍କ ଉଦ୍ୟୋଗ ବିଷୟରେ କହିଥିଲେ। ଏମ୍‌ଏମ୍ କ୍ରୟ ବିଭାଗର ଡେପୁଟି ମ୍ୟାନେଜର ସୁଶ୍ରୀ ଅର୍ଚ୍ଚନା ଲାକ୍ରା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## ପଞ୍ଚାୟତ ଶୁଣିଲାନି, ବିଡିଓଙ୍କୁ ଦେଲେ ଦାବିପତ୍ର

**ହେମଗିର,୩୦।୩(ଡି.ଏନ.ଏ )**

ସୁନ୍ଦରଗଡ଼ ଜିଲା ହେମଗିର ବ୍ଲକ କାର୍ଯ୍ୟାଳୟଠାରେ ହେମଗିର ପଞ୍ଚାୟତ ଉସତାଲି ଗ୍ରାମର ମନ୍ଦିରପଡାର ଜନସାଧାରଣ ଓ ମହିଳା ସଂଗ୍ରାମ ସମିତି ତରଫରୁ ବିଭିନ୍ନ ଦାବିକୁ ନେଇ ବୁଧବାର ହେମଗିର ବିଡିଓଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ମନ୍ଦିରପଡା ଠାରେ ୧୨ଟି ପରିବାର ବସବାସ କରୁଥିବା ବେଳେ ଲୋକଙ୍କ ପାଇଁ ପିଇବା ପାଣିର ସୁବିଧା କରିବା, ପଡାରେ କଂକ୍ରିଟ ରାସ୍ତା ତିଆରି କରିବା, ଆବର୍ଜନା ପାଣି ନିଷ୍କାସନ କରିବା ପାଇଁ ଡ୍ରେନେଜ ବ୍ୟବସ୍ଥା, ସ୍ୱଚ୍ଛ ଭାରତ ମିଶନରେ ଅନ୍ତର୍ଭୁକ୍ତ କରି ଶୌଚାଳୟ ତିଆରି କରିବା ଆଦି ଦାବିକୁ ନେଇ ହେମଗିର ବିଡିଓ ଡ. ଜଗଦିସ କୁମାର ମହାନନ୍ଦଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଆସନ୍ତା ସାତ ଦିନ ମଧ୍ୟରେ ଏହି ସମସ୍ୟାର ସମାଧାନ କରାଯିବ ବୋଲି ବିଡିଓ କହିଛନ୍ତି । ଏହି ଦାବିକୁ ନେଇ ବାରମ୍ବାର ପଞ୍ଚାୟତକୁ ଜଣାଇ ଥିଲେ ମଧ୍ୟ କେହି ଶୁଣୁ ନ ଥିବାର ଅଭିଯୋଗକାରିମାନେ କହିଛନ୍ତି। ଏହି ଅବସରରେ ଉସତାଲି ମନ୍ଦିର ପଡାର ଦ୍ରୌପଦୀ ରାଉତ, ଗୁଲାପି ରାଉତ, ରାଜୁ ଗନ୍ଧବା, ନିରାବାଇ ଗନ୍ଧବା, ସୁମିତ୍ରା ରାଉତ ପ୍ରମୁଖ ଉପସ୍ଥିତ ଥିଲେ ।

## ଟିଡିସିସିର ସଭାପତିଙ୍କୁ ସମ୍ବର୍ଦ୍ଧନା



**ସୁନ୍ଦରଗଡ଼,୩୦।୩(ଡି.ଏନ.ଏ.)**

ସୁନ୍ଦରଗଡ଼ ବିଜୁ ଜନତା ଦଳ ତରଫରୁ ସ୍ଥାନୀୟ ସାର୍କିଟ ହାଉସ ଠାରେ ଗୁରୁବାର ରାଜ୍ୟ ଆଦିବାସୀ ଉନ୍ନୟନ ପରିଷଦର ସଭାପତି ଚମେଲୀ ଓରାମଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଥିଲା। ବରିଷ୍ଠ ବିଜେଡି ନେତା ଜୟନାରାୟଣ ତ୍ରିପାଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଜିଲା ବିଜେଡି ସଭାପତି ବିନୟ ଟପ୍ପୋ, ଉପନଗରପାଳ ଲଲାଟ ପରିଡା ଓ ପୂର୍ବତନ ନଗରପାଳ ବେଣୁଧର ତାଣ୍ଡିଆ ଯୋଗ ଦେଇଥିଲେ। ପରିଷଦର ନୂତନ ସଭାପତି ଚମେଲୀ ଓରାମଙ୍କୁ ପୁଷ୍ପଗୁଚ୍ଛ ଏବଂ ଉପଢୌକନ ଦେଇ ସ୍ୱାଗତ, ସମ୍ବର୍ଦ୍ଧନ ଜଣାଇଛନ୍ତି। ବିଜେଡିର ନିର୍ମଳ ବୋଷ, କୁନୁ ବିଶ୍ୱକର୍ମା, ଟାଉନ ଉପସଭାପତି ଅଶୋକ ମହାନ୍ତି, ପଶ୍ଚିମାଞ୍ଚଳ ଜୋନ ଯୁବବିଜେଡ଼ିର ସମ୍ପାଦକ ଆଶିଷ ତ୍ରିପାଠୀ, କାଉନସିଲର ଅନିଲ ମହାପାତ୍ର, ସୁଶୀଳା ନାଗ, ରଜନୀ ରୋହିଦାସ, ହେମନ୍ତ ପାଢ଼ୀ, ଆଜାର୍ ହୁସେନ, ଲିଙ୍କନ ପୁରୋହିତ, ଉମେଶ ଶର୍ମା, ସୁନାଦେଇ ନାଏକ, ରିତା ସାହୁ, ସରୋଜ ନାଏକ ପ୍ରମୁଖ ଉପସ୍ଥିତ ଥିଲେ।

## ବସ୍ ଦୁର୍ଘଟଣା: ପରିବହନ ବିଭାଗର ତଦନ୍ତ ଜାରି

**ରାଉରକେଲା ଅଫିସ,୩୦।୩**

ଗତ ୨୭ ତାରିଖରେ ଚାନ୍ଦିପୋଷ ସ୍ଥିତ ଖୁସୁବୁ ଢ଼ାବା ସମ୍ମୁଖରେ ପ୍ରଭା ବସ୍ ଦୁର୍ଘଟଣାର ତଦନ୍ତ ପ୍ରକ୍ରିୟା ଆରମ୍ଭ ହୋଇଛି। ଏ ନେଇ ପରିବହନ ବିଭାଗର ଏକ ୩ ଜଣିଆ ପ୍ରତିନିଧି ଦଳ ଗୁରୁବାର ଦୁର୍ଘଟଣାସ୍ଥଳରେ ପହଞ୍ଚି ଯାଞ୍ଚ ଆରମ୍ଭ କରିଛି। ଏହି ବସ୍ କିଭଳି ଦୁର୍ଘଟଣାଗ୍ରସ୍ତ ହେଲା ଓ ମୁଖ୍ୟ ମାର୍ଗଠାରୁ କେତେ ଦୂରରେ ହାଇଓ୍ୱା ବ୍ରେକଡାଉନ ହୋଇଥିଲା ସବୁ ଦିଗକୁ ନେଇ ପ୍ରତିନିଧି ଦଳ ତଦନ୍ତ କରିଥିଲେ। ତଦନ୍ତ ପ୍ରକ୍ରିୟାରେ ଚାନ୍ଦିପୋଷ ପୋଲିସ ସହାୟତା କରିଥିଲା। ଆଗାମୀ ୭ ଦିନ ଭିତରେ ତଦନ୍ତ ରିପୋର୍ଟ ଆସିଲେ ଘଟଣାର ରହସ୍ୟ ଜଣାପଡିବ ବୋଲି ତଦନ୍ତକାରୀ ଅଧିକାରୀ ପାରିଜାତ ଜେନା ସୂଚନା ଦେଇଛନ୍ତି।

## ସରସ୍ୱତୀ ବିଦ୍ୟାପୀଠରେ ପାଠ୍ୟୋପକରଣ ବଣ୍ଟନ


ପାଠ୍ୟୋପକରଣ ବଣ୍ଟନ ଉତ୍ସବରେ ଅତିଥି ଓ ଛାତ୍ରୀଛାତ୍ରଗଣ।

**ରାଉରକେଲା ଅଫିସ,୩୦।୩**

ରାଉରକେଲା କୋଏଲ ନଗରସ୍ଥିତ ସରସ୍ୱତୀ ବିଦ୍ୟାପୀଠରେ ରାଉରକେଲା ଡିଭାଇନ ଲାଇଫ୍ ସୋସାଇଟି ଇସ୍ପାତ ସହର ଶାଖା ତରଫରୁ ୫ମ ଶ୍ରେଣୀ ଛାତ୍ରୀଛାତ୍ରମାନଙ୍କୁ ପୋଷାକ ସହ ପାଠ୍ୟୋପକରଣ ବିତରଣ କରାଯାଇଛି। ଆଇଜିଏଚ୍‌ର ପ୍ରବନ୍ଧକ ରାମକୃଷ୍ଣ ତ୍ରିପାଠୀ ଓ ଡିଭାଇନ ଲାଇଫ୍ ସୋସାଇଟି ସଭାପତି ଅର୍ଦ୍ଧେନ୍ଦୁ ଶେଖର ଷଡଙ୍ଗୀ ୩୬ଜଣ ପିଲାଙ୍କୁ ପୋଷାକ ସହିତ ପାଠ୍ୟ ଉପକରଣ ବଣ୍ଟନ କରିଥିଲେ। କାର୍ଯ୍ୟକ୍ରମରେ ରାମକୃଷ୍ଣ ତ୍ରିପାଠୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଅଧ୍ୟୟନ, ସ୍ୱାସ୍ଥ୍ୟ ଓ ଆଧ୍ୟାତ୍ମିକତାରେ ବିଶେଷ ଗୁରୁତ୍ୱ ଦେବା ପାଇଁ ପିଲାମାନଙ୍କୁ ପରାମର୍ଶ ଦେଇଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶିଶିର କୁମାର ପାଣି ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷୟତ୍ରୀ ଶିକ୍ଷକ ଓ କର୍ମଚାରୀ ସହଯୋଗ କରିଥିଲେ।

## ସମ୍ବଲପୁରୀ ଭଜନ ଆଲବମ ଉନ୍ମୋଚିତ

**ଦେବଗଡ଼,୩୦।୩(ଡି.ଏନ.ଏ.)**

ପବିତ୍ର ରାମ ନବମୀ ଅବସରରେ ଗୁରୁବାର ସନ୍ଧ୍ୟାରେ ସ୍ଥାନୀୟ ଗଣେଶ ପାର୍କ ପରିସରରେ 'ଅରୁନ୍ଧତୀ କ୍ରିଏସନ' ଦ୍ୱାରା ପ୍ରସ୍ତୁତ ସମ୍ବଲପୁରୀ ଭଜନ ଆଲବମ 'କଳିଆ କାହ୍ନୁ' ଉନ୍ମୋଚିତ ହୋଇଯାଇଛି। କୁମୁଦ ଚନ୍ଦ୍ର ଶତପଥିଙ୍କ ପରିଚାଳନାରେ ଆୟୋଜିତ ଏହି ଭଜନ ଆଲବମର ଉନ୍ମୋଚନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଦେବଗଡ଼ ଜିଲା ଆରକ୍ଷୀ ଅଧୀକ୍ଷକ ପ୍ରମୋଦ ରଥ, ସମ୍ମାନିତ ଅତିଥି ଭାବେ ଭାରପ୍ରାପ୍ତ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର, ଜିଲା ଶିଶୁ ସୁରକ୍ଷା ଅଧିକାରୀ ରୋମିଓ ମହାପାତ୍ର ଓ ଆଲବମର ପ୍ରଯୋଜକ ସୁନୀଲ କୁମାର ଦାଶ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏହା ପରେ ଅତିଥିମାନଙ୍କ ଦ୍ୱାରା ଫିତା କଟା ଯିବା ସହ କେକ କଟାଯାଇ ଆଲବମକୁ ଉନ୍ମୋଚିତ କରାଯିବା ସହ ଏହାକୁ ଏଲଇଡି ସ୍କ୍ରିନ ମାଧ୍ୟମରେ ପ୍ରଦର୍ଶିତ କରାଯାଇଥିଲା। ଏହି ଅବସରରେ ଉପସ୍ଥିତ ଅତିଥିମାନେ ଆଲବମ 'କଳିଆ କାହ୍ନୁ' ସମେତ କଣ୍ଠ ଶିଳ୍ପୀ ଅରୁନ୍ଧତୀ ଦାଶ, ସଙ୍ଗୀତ ନିର୍ଦ୍ଦେଶକ ଶାଶ୍ୱତ ତ୍ରିପାଠୀ, ଲେଖିକା ସ୍ମିତାଲେଖା ରଥ ଓ ପ୍ରଯୋଜକ ସୁନୀଲ କୁମାର ଦାଶଙ୍କ ସଫଳତା କାମନା କରିଥିଲେ। ଦେବଗଡ଼ ସହରର ଜଣାଶୁଣା କଣ୍ଠଶିଳ୍ପୀ ଅରୁନ୍ଧତୀ ଦାଶଙ୍କ ସ୍ୱରରେ 'କଳିଆ କାହ୍ନୁ' ପ୍ରସ୍ତୁତ ହୋଇଥିବାବେଳେ ସ୍ମିତାଲେଖା ରଥ ଗୀତ ରଚନା ଓ ରାଜ୍ୟର ଜଣାଶୁଣା କଣ୍ଠଶିଳ୍ପୀ ତଥା ସଙ୍ଗୀତ ନିର୍ଦ୍ଦେଶକ ଶାଶ୍ୱତ ତ୍ରିପାଠୀ ସଙ୍ଗୀତ ନିର୍ଦ୍ଦେଶନା ଦେବା ସହ ଏହାକୁ ପରିଚାଳନା କରିଛନ୍ତି। ଗୁରୁବାର ସନ୍ଧ୍ୟାରେ ଏହି ଭଜନ ଆଲବମ ମୁକ୍ତିଲାଭ କରିବା ପରେ ଏହା ଅତ୍ୟନ୍ତ ଶ୍ରୁତିମଧୁର ହେବା ସହ ଉପସ୍ଥିତ ଶ୍ରୋତା ଓ ଦର୍ଶକମାନଙ୍କ ମଧ୍ୟରେ ବେଶ ଆଦୃତି ଲାଭ କରିଥିଲା । ଏହି ଅବସରରେ ଆଗାମୀ ଦିନରେ ମୁକ୍ତିଲାଭ କରିବାକୁ ଥିବା 'ଅରୁନ୍ଧତୀ କ୍ରିଏସନ'ର ଅନ୍ୟତମ ଆଲବମ 'ମୋର ଦେବଗଡ'ର ସୂଚନା ଫଳକ ମଧ୍ୟ ଅତିଥି ମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା । ସୂଚନା ଥାଉ କି କଣ୍ଠଶିଳ୍ପୀ ଅରୁନ୍ଧତୀ ଦାଶ ୨୦୨୨ରେ ମ୍ୟୁଜିକା ସଙ୍ଗମ ଏଣ୍ଡ ସଙ୍ଗମ କ୍ଲବର ଭଏସ ଜିନିୟସ କାର୍ଯ୍ୟକ୍ରମରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। ଏହି ଉନ୍ମୋଚନ କାର୍ଯ୍ୟକ୍ରମରେ ଦେବଗଡ ପୌର ପରିଷଦର କାଉନସିଲର ପ୍ରମିଳା ବେହେରା, ସଞ୍ଜୁକ୍ତା ଆଚାର୍ଯ୍ୟ, ଈତିଶ୍ରୀ ମିଶ୍ର, ନାଟ୍ୟକାର ମାର୍କଣ୍ଡେଶ୍ୱର ଶତପଥି, ସାହିତ୍ୟିକ ପ୍ରଫୁଲ୍ଲ କୁମାର ମହାପାତ୍ର, ଡକ୍ଟର ଭାରତ ଭୂଷଣ ନନ୍ଦ, ଚିତ୍ତରଞ୍ଜନ ଦାସ, ନିରଂଜନ ଦ୍ୱିବେଦୀ, ମଞ୍ଚ କଳାକାର ପ୍ରଦୀପ କୁମାର ଅମାନ୍ତ, ମନୋଜ କୁମାର ପାଢୀ, ଦିଲ୍ଲିପ କୁମାର ଗୁରୁ, କରୁଣାକର ଦାଶ, ବାବୁଲାଲ ପଣ୍ଡା, ମାନସ ମଞ୍ଜରୀ ପଣ୍ଡା ଓ ଡକ୍ଟର ତନ୍ମୟୀ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ ।



ସମ୍ବଲପୁରୀ ଭଜନ ଆଲବମ ଉନ୍ମୋଚନରେ ଉପସ୍ଥିତ ଅତିଥି।

# ଉତ୍ସବମୁଖର ସୁନ୍ଦରଗଡ଼



ରାମଜୀ ମନ୍ଦିରରେ ପୂଜାର୍ଚ୍ଚନା ଓ ପଞ୍ଚମୁଖୀ ହନୁମାନ ମନ୍ଦିର।

- ରାମନବମୀ ପାଇଁ ସାଜସଜ୍ଜା
- ରାମଜୀ ମନ୍ଦିରରେ ରାମନବମୀ ମହୋତ୍ସବ ଆରମ୍ଭ

**ସୁନ୍ଦରଗଡ଼,୩୦।୩(ଡି.ଏନ.ଏ. )**

ପବିତ୍ର ରାମନବମୀ ପାଇଁ ଉତ୍ସବ ମୁଖର ହୋଇପଡଛି ସୁନ୍ଦରଗଡ଼। ଗଡଜାତ ଅମଳର ସର୍ବ ପୁରାତନ ରାମଜୀ ମନ୍ଦିରରେ ଗୁରୁବାରଠାରୁ ନଅ ଦିନ ବ୍ୟାପୀ ରାମନବମୀ ମହୋତ୍ସବ ଆରମ୍ଭ ହୋଇଛି। ଏହି ଉପଲକ୍ଷେ ମନ୍ଦିରରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ହୋଇଥିଲା। ଏଥିରେ ବହୁ ସଖ୍ୟାରେ ଶ୍ରଦ୍ଧାଳୁ ଯୋଗଦେଇଥିଲେ। ମନ୍ଦିର ପରିଚାଳନା କମିଟିର କର୍ମକର୍ତ୍ତା ବେଣୁମାଧବ ତ୍ରିପାଠୀ, ପୂଜକ କୃଷ୍ଣଚନ୍ଦ୍ର ପୂଜାରୀ, ବିଶ୍ୱଜିତ ପୂଜାରୀ ରଘୁନାଥ ରଥ, ଦେବବ୍ରତ ପାଣିଗ୍ରାହୀ, ସୁଧାଂଶୁ ମହାପାତ୍ର, ମାୟାଧର ଚିନ୍ନାରାଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ସନ୍ଧ୍ୟାରେ 'ସୁର୍'ଅନୁଷ୍ଠାନର କଳାକାରଙ୍କ ଦ୍ୱାରା ଭଜନ ସମାରୋହ ଅନୁଷ୍ଠିତ ହୋଇଥିଲା। ଶୁକ୍ରବାର ପ୍ରବଚନ କାର୍ଯ୍ୟକ୍ରମରେ ନୀହାରିକା ମହାପାତ୍ର ପ୍ରବଚିକା ଭାବେ ଯୋଗ ଦେଉଥିଲାବେଳେ ୩ରୁ ୭ ତାରିଖ ପର୍ଯ୍ୟନ୍ତ ପ୍ରତ୍ୟେହ ସନ୍ଧ୍ୟାରେ ବୃନ୍ଦାବନରୁ ଆଗତ ସ୍ୱାମୀ ମୁକୁନ୍ଦ କୃଷ୍ଣଜୀ ମହାରାଜ ପ୍ରବଚକ ଭାବେ ଯୋଗ ଦେଇ ରାମକଥା ଉପରେ ପ୍ରବଚନ ଦେବାର କାର୍ଯ୍ୟକ୍ରମ ରହିଛି। ସେହିପରି ସ୍ଥାନୀୟ ପଞ୍ଚମୁଖୀ ହନୁମାନ ମନ୍ଦିର, ହସପିଟାଲ ଛକ ହନୁମାନ ମନ୍ଦିର ସମେତ ସହରର ଅନ୍ୟାନ୍ୟ ହନୁମାନଙ୍କ ମନ୍ଦିରରେ ମଧ ରାମନବମୀ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ପାଳିତ ହୋଇଛି। ମନ୍ଦିରଗୁଡିକରେ ବହୁ ସଖ୍ୟାରେ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଏଥିସହ ପଞ୍ଚମୁଖୀ ହନୁମାନ ମନ୍ଦିରରେ ରାମସେତୁ ଶୀଳା ଦେଖିବା ପାଇଁ ଭକ୍ତଙ୍କ ଭିଡ ହୋଇଛି। ଏଠାରେ ମଧ ସନ୍ଧ୍ୟାରେ ଭଜନ ସମାରୋହ କାର୍ଯ୍ୟକ୍ରମ ହୋଇଥିଲା। ପଞ୍ଚମୁଖୀ ହନୁମାନ ମନ୍ଦିର ଆଖଡା କମିଟି ସମେତ ବିଶ୍ୱ ହିନ୍ଦୁ ପରିଷଦ ଓ ଅନ୍ୟାନ୍ୟ ଆଖଡା କମିଟି ପକ୍ଷରୁ ଶୁକ୍ରବାର ସନ୍ଧ୍ୟାରେ ବର୍ଣ୍ଣାଢ୍ୟ ଆଖଡା ଶୋଭାଯାତ୍ରା ସହର ପରିକ୍ରମା କରିବ। ଏଥିରେ ରାଜ୍ୟ ତଥା ରାଜ୍ୟ ବାହାରର ଆଖଡା ଦଳ ଯୋଗ ଦେଇ ପାରମ୍ପରିକ କଳା କୌଶଳ ପ୍ରଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି। ଏଥିପାଇଁ ପୋଲିସ ପ୍ରଶାସନ ପକ୍ଷରୁ କଡା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି।

